# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୬/୨୦୨୦ (୧୨ପୃଷ୍ଠା) | Bhubaneswar, Saturday, September 26/2020 | ★★★★

୪୬ଶ ଭାଗ ୩୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଗୁରପ୍ରୀତ୍ 'ପ୍ଲେୟର ଅଫ୍ ଦି ଇୟର'**

ଗୋଲକିପର ଗୁରପ୍ରୀତ୍ ସିଂ ସାନ୍ଧୁ ଏଆଇଏଫ୍ଏଫ୍ 'ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

୧୨ | ୦୨

**ପଟୌଦି ପ୍ୟାଲେସ୍ ସଜବାଜ**

ଅଭିନେତ୍ରୀ କରୀନା କପୁର ଫିଲ୍ମ 'ଲାଲ ସିଂ ଚଢ୍ଢା' ଶୁଟିଂ ପାଇଁ ପରିବାର ସହ ହରିୟାଣାରେ ଥିବା ପଟୌଦି ପ୍ୟାଲେସ୍‌ରେ ପହଞ୍ଚିଛନ୍ତି।



# ପରଲୋକରେ ବାଲ୍ସୁବ୍ରମଣ୍ୟମ୍

- କରୋନାରେ ପୀଡ଼ିତ ହୋଇ ଅଗଷ୍ଟ୫ରୁ ଚିକିତ୍ସିତ ହେଉଥିଲେ
- ୧୬ ଭାଷାରେ ଗାଇଛନ୍ତି ପ୍ରାୟ ୪୦ ହଜାର ଗୀତ
- ୬ଥର ମିଳିଛି ଜାତୀୟ ଚଳଚ୍ଚିତ୍ର ପୁରସ୍କାର

**ଚେନ୍ନାଇ,୨୫।୯**

କିମ୍ବଦନ୍ତୀ ପ୍ରଚ୍ଛଦପଟ୍ଟ ଗାୟକ ଏସ୍‌ପି ବାଲ୍ସୁବ୍ରମଣ୍ୟମ୍‌ଙ୍କ ଶୁକ୍ରବାର ଅପରାହ୍ନ ୧.୦୪ ମିନିଟ୍‌ରେ ପରଲୋକ ଘଟିଛି। ସେ କୋଭିଡ୍-୧୯ରେ ପୀଡ଼ିତ ହୋଇ ଅଗଷ୍ଟ ୫ରୁ ଚେନ୍ନାଇର ଏକ ହସ୍ପିଟାଲ ଏମ୍‌ଜିଏମ୍ ହେଲ୍‌ଥକେୟାରରେ ଚିକିତ୍ସିତ ହେଉଥିଲେ। ବାଲୁ ଏବଂ ଏସ୍‌ପିବି ଭାବେ ପରିଚିତ ଏହି ପ୍ରସିଦ୍ଧ ଗାୟକଙ୍କ ଯୁବସୁଲଭ ସ୍ୱର କୋଟି କୋଟି ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ୭୪ ବର୍ଷୀୟ ବାଲ୍ସୁବ୍ରମଣ୍ୟମ୍ ହିନ୍ଦୀ, ତେଲୁଗୁ, ମାଲୟାଲମ ଏବଂ ତାମିଲ ସମେତ ୧୬ ଭାଷାରେ ପ୍ରାୟ ୪୦,୦୦୦ ଗୀତ ଗାଇଛନ୍ତି। ଅଗଷ୍ଟ ୧୩ରେ ସେ ଶ୍ୱାସ ନେବାରେ କଷ୍ଟ ଅନୁଭବ କରି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଲାଇଫ୍ ସପୋର୍ଟରେ ରଖାଯାଇଥିଲା। ସବୁ ପ୍ରକାର ଡାକ୍ତରୀ ଉଦ୍ୟମ ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସି ନ ଥିଲା। ଶୁକ୍ରବାର ଗୁରୁତର ଶ୍ୱାସକ୍ରିୟା ସମସ୍ୟା ଓ ହୃଦ୍‌ଘାତରେ ସେ ଶେଷନିଃଶ୍ୱାସ ତ୍ୟାଗ କରି ଅଫେରା ରାଇଜକୁ ଚାଲିଯାଇଛନ୍ତି।

ଏହି ବିଶିଷ୍ଟ ଗାୟକଙ୍କ ପରଲୋକରେ ଦେଶବିଦେଶର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଚଳଚ୍ଚିତ୍ର ଓ ସଙ୍ଗୀତ ଦୁନିଆରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ନେତା, ଅଭିନେତା, ଗାୟିକା, ଗାୟକ, ଚଳଚ୍ଚିତ୍ର ଜଗତର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ

☞ପୃଷ୍ଠା-୪



ଏସ୍‌ପି ବାଲ୍ସୁବ୍ରମଣ୍ୟମ୍

# ବିରୋଧ, ବିକ୍ଷୋଭ

**କେନ୍ଦ୍ର କୃଷି ବିଲ୍ କଣ୍ଟ**

- ଦେଶବ୍ୟାପୀ ଆନ୍ଦୋଳନ
- ବିଲ୍ ପ୍ରତ୍ୟାହାର ନ ହେଲେ ଜାରି ରହିବ
- ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ କୃଷି ବିଲ୍‌କୁ ବିରୋଧ କରି ଭାରତୀୟ କିଷାନ ୟୁନିୟନ, ଅଲ୍ ଇଣ୍ଡିଆ କୃଷକ ସଂଗଠନ, ଅଖିଳ ଭାରତ କିଷାନ ସଂଘର୍ଷ ସମନ୍ୱୟ ସମିତି, ଅଲ୍ ଇଣ୍ଡିଆ କିଷାନ ମହାସଂଘ ଭଳି ୨୪ଟି ସଂଗଠନ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଆନ୍ଦୋଳନ ଓ ବନ୍ଦ ପାଳନ କରାଯାଇଛି। ଏହାର ପ୍ରଭାବ ଓଡ଼ିଶାରେ ଅନୁଭୂତ ହୋଇଛି। ରାଜ୍ୟର ୧୫ଟି ପ୍ରମୁଖ କୃଷକ ସଂଗଠନ, ୮ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ୮ଟି ରାଜନୈତିକ ଦଳ ରାଜଧାନୀ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏହି ବନ୍ଦକୁ ସମର୍ଥନ କରି ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓଡିଶା ଶାଖା ପକ୍ଷରୁ ରାଜଧାନୀର ମାଷ୍ଟରକ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି କେନ୍ଦୁଝର ଜିଲା ପାଟଣା ବ୍ଲକ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ୨୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରି କୃଷି ବିଲ୍‌କୁ ବିରୋଧ କରିଥିଲେ। ଅତ୍ୟାବଶ୍ୟକ ସେବା ଆଇନ-୧୯୫୫କୁ ସଂଶୋଧନ, କଣ୍ଟ୍ରାକ୍ଟ ଫାର୍ମିଂ ଏବଂ ଇ- ମାର୍କେଟିଂ ନାମରେ କୃଷି ଉତ୍ପାଦନ ବିପଣନ କମିଟିଗୁଡିକୁ ଭାଙ୍ଗିବା ପାଇଁ କୃଷି ବିଲ୍‌ରେ ଚକ୍ରାନ୍ତ କରାଯାଇଛି। ତାହା ଭାରତ ବର୍ଷର କୃଷକମାନଙ୍କ ପାଇଁ ମୃତ୍ୟୁ ଘଣ୍ଟି ସାଜିବ। ଏହାକୁ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ କଡା ବିରୋଧ କରାଯାଉଛି ବୋଲି ଅଲ୍ ଇଣ୍ଡିଆ କିଷାନ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଛନ୍ତି। ଏହି ସର୍ବନାଶକାରୀ କୃଷି ଆଇନ ଏବଂ ଅତ୍ୟାବଶ୍ୟକ ସେବା ଆଇନ ସଂଶୋଧନ ଦ୍ୱାରା ଦେଶର ୮୬ ପ୍ରତିଶତ କୃଷକ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହେବେ।

☞ପୃଷ୍ଠା-୪



ଭୁବନେଶ୍ୱରଠାରେ ଶୁକ୍ରବାର କୃଷି ବିଲ୍‌କୁ ବିରୋଧ କରୁଥିବା ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଉଛି।

# ୨୦ ପଇସା କମିଲା ଡିଜେଲ



**ଭୁବନେଶ୍ୱର,୨୫।୯**

ଭୁବନେଶ୍ୱରରେ ଡିଜେଲ ଦର ୨୦ ପଇସା ହ୍ରାସ ପରିଲକ୍ଷିତ ହୋଇଛି। ଫଳରେ ଶୁକ୍ରବାର ଏଠାରେ ଡିଜେଲ ୭୭.୩୭ ଟଙ୍କାକୁ କମିଛି। ପେଟ୍ରୋଲ ଅପରିବର୍ତ୍ତିତ ୮୧.୬୦ ଟଙ୍କା ରହିଛି। ଶୁକ୍ରବାର ଦେଶର ମେଟ୍ରୋ ସହରଗୁଡ଼ିକରେ ଡିଜେଲ ୧୭ରୁ ୨୦ ପଇସା ହ୍ରାସ ହୋଇଛି। ନୂଆଦିଲ୍ଲୀ ଏବଂ କୋଲକାତାରେ ଡିଜେଲ ୧୮ ପଇସା ଲେଖାଏ କମି ଦର ଯଥାକ୍ରମେ ୭୧.୧୦ ଟଙ୍କା ଏବଂ ୭୪.୬୨ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ଡିଜେଲ ୧୭ ପଇସା ନିମ୍ନରେ ରହିବା ଯୋଗୁ ଦର ୭୬.୫୫ ଟଙ୍କା ଏବଂ ମୁମ୍ବାଇରେ ୨୦ ପଇସା ହ୍ରାସ ପାଇ ୭୭.୫୩ ଟଙ୍କାକୁ ଖସିଛି। ଏହି ସହରଗୁଡ଼ିକରେ ପେଟ୍ରୋଲ ଦର ଅପରିବର୍ତ୍ତିତ ରହିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି।






ଦୈନିକ ସାଢ଼େ ୪ ଘଣ୍ଟା ଚାଲିବ ବିଧାନସଭା ୩

ଆମ୍ବୁଲାନ୍ସ-ବାଇକ୍ ଧକ୍କା: ମା', ବାପା, ଝିଅ ମୃତ ୩


# ଅକ୍ଟୋବର ୨୮ରୁ ବିହାର ନିର୍ବାଚନ

**ନୂଆଦିଲ୍ଲୀ, ୨୫।୯(ପି.ଟି.)**

ବିହାର ବିଧାନସଭା ନିର୍ବାଚନ ଲାଗି ଶୁକ୍ରବାର ତାରିଖ ଘୋଷଣା କରାଯାଇଛି। ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଅକ୍ଟୋବର ୨୮, ଦ୍ୱିତୀୟ ପର୍ଯ୍ୟାୟ ନଭେମ୍ବର ୩ ଓ ନଭେମ୍ବର ୭ରେ ତୃତୀୟ ପର୍ଯ୍ୟାୟ ମତଦାନ ହେବ। ନଭେମ୍ବର ୧୦ରେ ଭୋଟ ଗଣତି କରାଯିବ ବୋଲି ନିର୍ବାଚନ କମିଶନ ପକ୍ଷରୁ ଘୋଷଣା କରାଯାଇଛି ।

୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ଲାଗି ନିର୍ବାଚନ ତାରିଖ ବିଷୟରେ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା କହିଛନ୍ତି ଯେ, କୋଭିଡ୍-୧୯ ମହାମାରୀ ସମୟରେ ବିଶ୍ୱରେ ଏହା ଏକ ସର୍ବବୃହତ୍ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଶେଷ ଥର ପାଇଁ ଦିଲ୍ଲୀ ନିର୍ବାଚନ ଶେଷ ହେବା ପରେ ବିଶ୍ୱରେ ମହାମାରୀଜନିତ ପରିବର୍ତ୍ତନ ଦେଖାଦେଇଛି। ଏହା ଦ୍ୱାରା ପ୍ରତ୍ୟେକଙ୍କୁ ଏକ ନୂଆ ପରିସ୍ଥିତି ସହ ବଞ୍ଚିବାକୁ ପଡୁଛି। ଆରୋରା କହିଛନ୍ତି ଯେ, ବିହାର ନିର୍ବାଚନ ସମୟରେ ବାମପନ୍ଥୀ ଉଗ୍ରବାଦ ଅଞ୍ଚଳ ବ୍ୟତୀତ ଭୋଟିଂ ସମୟକୁ ଏକ ଘଣ୍ଟା ବଢ଼ାଇ ଦିଆଯାଇଛି। ନିର୍ଦ୍ଧାରିତ ଦିନ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ ସମୟ ରଖାଯାଇଛି। କୋଭିଡ୍-୧୯ ସଂକ୍ରମିତମାନେ ସେହି ଦିନଗୁଡ଼ିକର ଶେଷ ଘଣ୍ଟାରେ ମତଦାନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି। ତେବେ ଆକ୍ରାନ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆରୋରା କହିଛନ୍ତି ଯେ, ଏହି ନିର୍ବାଚନ ଲାଗି ୭ ଲକ୍ଷ ହ୍ୟାଣ୍ଡ୍ ସାନିଟାଇଜର, ୪୬ ଲକ୍ଷ ମାସ୍କ, ୬ ଲକ୍ଷ ପିପିଇ କିଟ୍‌ସ, ୬.୭ ଲକ୍ଷ ଫେସ୍ ଶିଲ୍ଡ ଏବଂ ୨୩ ଲକ୍ଷ ଯୋଡ଼ା ହ୍ୟାଣ୍ଡ ଗ୍ଲୋବସ୍ ଆୟୋଜନ କରାଯାଇଛି। ଯେଉଁଠାରେ ଆବଶ୍ୟକ ପଡ଼ିବ ସେଠାରେ ପୋଷ୍ଟାଲ ବାଲଟ ସୁବିଧା ଉପଲବ୍ଧ କରାଯିବ ବୋଲି ଆରୋରା କହିଛନ୍ତି। ନିର୍ବାଚନ ପ୍ରଚାର ବେଳେ ଏକତ୍ରୀତ ହେଉଥିବା ଲୋକଙ୍କ ମଧ୍ୟରେ ଶାରୀରିକ ଦୂରତା ନିୟମକୁ

☞ପୃଷ୍ଠା-୪



ସୁନୀଲ ଆରୋରା

**୩ ପର୍ଯ୍ୟାୟରେ ହେବ ଭୋଟ**

- ନଭେମ୍ବର ୧୦ରେ ଗଣତି
- ଘରୁକୁ ଘର ବୁଲି ପ୍ରଚାର ଲାଗି ୫ ଜଣଙ୍କୁ ଅନୁମତି
- ଅନ୍‌ଲାଇନ୍‌ରେ ଭରିହେବ ପ୍ରାର୍ଥିପତ୍ର ଓ ଅମାନତ ରାଶି

# ଜିଏସ୍‌ଟି ନିୟମକୁ କେନ୍ଦ୍ରର ଅବମାନନା

**ଅନ୍ୟତ୍ର ବ୍ୟବହାର ହୋଇଛି କ୍ଷତିପୂରଣ ସେସ୍: ସିଏଜି**

**ନୂଆଦିଲ୍ଲୀ,୨୫।୯**

କେନ୍ଦ୍ର ଗୋଟିଏ ପଟେ କହୁଛି ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦେବା ଲାଗି ରାଜକୋଷରେ ଅର୍ଥ ନାହିଁ। ହେଲେ ନିକଟରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସମ୍ପର୍କରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଦେଇଥିବା ଏକ ରିପୋର୍ଟ କେନ୍ଦ୍ରର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାର ଜିଏସ୍‌ଟି ଆଇନକୁ ଅବମାନନା କରିଛନ୍ତି। ଜିଏସ୍‌ଟିରେ ଆଦାୟ ହୋଇଥିବା କ୍ଷତିପୂରଣ ସେସ୍ ରାଜ୍ୟଗୁଡ଼ିକୁ ଦେବା ବଦଳରେ ଅନ୍ୟ ଆଡ଼େ ବ୍ୟବହାର କରାଯାଇଛି। ଜିଏସ୍‌ଟି ଲାଗୁ ହେବାର ପ୍ରଥମ ୨ ବର୍ଷରେ କେନ୍ଦ୍ର ସରକାର ଏଭଳି କରିଥିବା ରିପୋର୍ଟରେ କୁହାଯାଇଛି। ଜିଏସ୍‌ଟି ଲାଗୁ ପରେ ରାଜ୍ୟଗୁଡ଼ିକ ସହୁଥିବା କ୍ଷତି ଭରଣା କରିବା ଲାଗି କ୍ଷତିପୂରଣ ସେସ୍ ଲାଗୁ କରାଯାଉଛି। ଏଥିରୁ ଆଦାୟ ହେଉଥିବା ଅର୍ଥ ରାଜ୍ୟଗୁଡ଼ିକୁ ଦେବା କେନ୍ଦ୍ରର ନୈତିକ ଦାୟିତ୍ୱ। ଏହା ସମ୍ବିଧାନରେ ଉଲ୍ଲେଖ ମଧ୍ୟ ରହିଛି। ହେଲେ ଏହି ଅବଧିରେ କେନ୍ଦ୍ର ସରକାର ଭୁଲ୍ ଭାବେ ପ୍ରାୟ ୪୭,୨୭୧ କୋଟି ଟଙ୍କା ଅନ୍ୟ ବ୍ୟବହାର ପାଇଁ ରଖିଥିବା ଜଣାପଡ଼ିଛି। ନିୟମତଃ ଏହି ଅର୍ଥ ଯଦି ନିର୍ଦ୍ଦିଷ୍ଟ ଅବଧିରେ ଖର୍ଚ୍ଚ ନ ହେଲା ତେବେ ଏହାକୁ ଜିଏସ୍‌ଟି କ୍ଷତିପୂରଣ ପାଣ୍ଠିକୁ ପଠାଇଦିଆଯିବା କଥା। ହେଲେ ସରକାର ଏହାକୁ ଅବମାନନା କରିଥିବା ଜଣାପଡ଼ିଛି।

ସିଏଜିଙ୍କ କହିବା ଅନୁସାରେ ଯେଉଁ ବର୍ଷ ଯେତେ ପରିମାଣର ସେସ୍ ଆଦାୟ ହେଉଛି ତାହା କ୍ଷତିପୂରଣ ପାଣ୍ଠିକୁ ଆସିଯିବା କଥା। ଫଳରେ ରାଜ୍ୟଗୁଡିକୁ କ୍ଷତିପୂରଣ ଦେବା ସହଜ ହେବ। ୨୦୧୭-୧୮ରେ ପ୍ରାୟ ୬୨,୬୧୨ କୋଟି କ୍ଷତିପୂରଣ ସେସ୍ ଆଦାୟ ହୋଇଛି। ସେଥିମଧ୍ୟରୁ ସ୍ଥାୟୀ ପାଣ୍ଠି (ନନ୍‌ଲାପ୍ସେବଲ ଫଣ୍ଡ)କୁ ୫୬,୧୪୬ କୋଟି ଟଙ୍କା ପଠାଯାଇଛି। ସେହିଭଳି ୨୦୧୮-୧୯ରେ ୯୫,୦୮୧ ସେସ୍ ଆଦାୟ ହୋଇଥିଲେ ମଧ୍ୟ ୫୪,୨୭୫ କୋଟି ଟଙ୍କା ଉକ୍ତ ପାଣ୍ଠିକୁ ପଠାଯାଇଛି। ୨୦୧୭-୧୮ ରେ ୬୪୬୬ କୋଟି ଏବଂ ୨୦୧୮-୧୯ରେ ୪୦,୮୦୬ କୋଟି ଏହି ପାଣ୍ଠିକୁ ଆସିପାରିଲା ନାହିଁ। ଏଭଳି ବୃହତ୍ ପରିମାଣର କ୍ଷତିପୂରଣ ରାଶିକୁ କେନ୍ଦ୍ର ସରକାର ଅନ୍ୟ କାମ ପାଇଁ ଖର୍ଚ୍ଚ କରିଦେଇଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଫଳରେ ବିତ୍ତୀୟ ନିଅଣ୍ଟକୁ ଠିକ୍ ଭାବେ ଦେଖାଯାଇ ନାହିଁ ଏବଂ ରାଜସ୍ୱ ସଂଗ୍ରହ ଉନ୍ନତ ହୋଇଥିବା କେନ୍ଦ୍ର ସରକାର କହିଛନ୍ତି। ସ୍ଥାୟୀ ପାଣ୍ଠିକୁ ଧାର୍ଯ୍ୟ ଅର୍ଥ ନ ପଠାଇ କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିପୂରଣ ଆଇନ ୨୦୧୭କୁ ଅବମାନନା କରିଥିବା ଜିଏସ୍‌ଟି ରିପୋର୍ଟରୁ ସ୍ପଷ୍ଟ ହୋଇଛି।

ସୂଚନାଯୋଗ୍ୟ, କଂଗ୍ରେସ, ବାମଦଳ, ତୃଣମୂଳ କଂଗ୍ରେସ ଏବଂ ଏଏପି ଭଳି ଦଳ କେନ୍ଦ୍ରର ଦୋମୁହାଁ ନୀତିକୁ ବିରୋଧ କରି ଆସୁଛନ୍ତି। ରାଜ୍ୟଗୁଡିକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦିଆଯାଇ ବର୍ତ୍ତମାନର ମହାମାରୀ

☞ପୃଷ୍ଠା-୪





# ୨ଲକ୍ଷ ଟପିଲା ଆକ୍ରାନ୍ତ ସଂଖ୍ୟା

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**

- ରାଜ୍ୟରେ ଆଉ ୪,୨୦୮ ଚିହ୍ନଟ, ୧୫ ମୃତ
- ୭ଦିନରେ ଆକ୍ରାନ୍ତ ହୋଇଛନ୍ତି ୨୯,୭୫୫
- ଦିନକରେ ସର୍ବାଧିକ ୪,୩୮୮ଜଣ ଆରୋଗ୍ୟ

ପ୍ରାୟ ସାଢ଼େ ୬ ମାସରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ଲକ୍ଷ ଟପିଛି। ମାର୍ଚ୍ଚ ୧୫ରେ ଭୁବନେଶ୍ୱରର ଜଣେ ଇଟାଲୀ ଫେରନ୍ତା ପ୍ରଥମ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେତେବେଳେ ଏହାକୁ ନେଇ ସାରା ରାଜ୍ୟରେ ଚହଳ ପଡ଼ିଯାଇଥିଲା। ସରକାର ଓ ପ୍ରଶାସନର ଚିନ୍ତା ବଢ଼ିଯାଇଥିବାବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ତେବେ ସଂକ୍ରମଣ ୧ହଜାର ଛୁଇଁବାକୁ ମାସେ ଲାଗୁଥିଲା। ଇତିମଧ୍ୟରେ ଏହି ମହାମାରୀ ସବୁ ଜିଲାକୁ କବଳିତ କରିବା ସହ ଘାତକ ସାଜିଛି। ସପ୍ତାହେ ହେଲା ଦୈନିକ ୪ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହେଉଛନ୍ତି। ଗତ ୭ଦିନରେ ୨୯,୭୫୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶେଷ ୨୪ ଘଣ୍ଟାରେ ଆଉ ୪,୨୦୮ ରିପୋର୍ଟ ପଜିଟିଭ୍ ଆସିଛି। ଫଳରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ଲକ୍ଷ ୧ହଜାର ୯୬ରେ ପହଞ୍ଚିଛି। ଦୈନିକ ସଂକ୍ରମଣରେ ଖୋର୍ଦ୍ଧା

☞ପୃଷ୍ଠା-୪



ଆଜିର ସମ୍ପାଦକୀୟ: ଗୋଟିଏ ପଦବୀରେ ପୁରୁଣା ନୂଆ

**ଆଜିର ମନ୍ତବ୍ୟ**

"ଭାରତ ଓ ଚାଇନା ସୀମା ବିବାଦ ଏବେ ବଡ଼ ପ୍ରସଙ୍ଗ ପାଲଟିଛି। ଉଭୟ ଦେଶ ପରସ୍ପରର ଆବଶ୍ୟକତାକୁ ବୁଝିବା ଜରୁରୀ।
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

# ମାନିଲେ ରକୁଲ: ରିଆଙ୍କ ସହ ହୋଇଥିଲା ଡ୍ରଗ୍ସ ଚାଟ୍

**ନୂଆଦିଲ୍ଲୀ, ୨୫।୯:** ସୁଶାନ୍ତ ସିଂ ରାଜପୁତଙ୍କ ରହସ୍ୟମୟ ମୃତ୍ୟୁ ପରେ ବଲିଉଡ୍‌ରେ ଡ୍ରଗ୍ସ କାରବାର ଗୁମର ଖୋଲିବାରେ ଲାଗିଛି। ବି-ଟାଉନ୍‌ର ଚର୍ଚ୍ଚିତ ଅଭିନେତ୍ରୀ ଏବେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ରାଡାରକୁ ଆସିଛନ୍ତି। ଏହି କ୍ରମରେ ଶୁକ୍ରବାର ରକୁଲପ୍ରୀତ ସିଂଙ୍କୁ ଏନ୍‌ସିବି ଗେଷ୍ଟ ହାଉସ୍‌ରେ ପାଖାପାଖି ୪ ଘଣ୍ଟା ଧରି ଜେରା କରାଯାଇଛି। ପଚରାଉଚୁରା ବେଳେ ରକୁଲଙ୍କଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ୨୦୧୮ରେ ସୁଶାନ୍ତଙ୍କ ବାନ୍ଧବୀ ତଥା ଡ୍ରଗ୍ସ କାରବାର ମାମଲାରେ ଗିରଫ ହୋଇଥିବା ରିଆ ଚକ୍ରବର୍ତ୍ତୀଙ୍କ ସହ ତାଙ୍କର ଚାଟ୍ ହୋଇଥିଲା। ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖି ରକୁଲ କହିଛନ୍ତି ଯେ, ୨୦୧୮ରେ ରିଆ ତାଙ୍କ ଘରେ ଡ୍ରଗ୍ସ ଛାଡ଼ି ଚାଲି ଆସିଥିଲେ। ରିଆ ଏହାକୁ ନେବାକୁ ଚାହୁଁଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇଥିଲା। ଡ୍ରଗ୍ସ ସମ୍ପର୍କରେ ଚାଟ୍ ଏତିକିରେ ସୀମିତ ଥିଲା। ରକୁଲ କେବେ ଡ୍ରଗ୍ସ ସେବନ କରିନାହାନ୍ତି କିମ୍ବା କୌଣସି ଡ୍ରଗ୍ସ ପେଡଲରଙ୍କୁ ଜାଣି ନ ଥିବା ନିଜ ପକ୍ଷ ରଖି କହିଛନ୍ତି। ସେହିପରି ଦୀପିକା ପାଦୁକୋନଙ୍କ ମ୍ୟାନେଜର କରିଷ୍ମା ପ୍ରକାଶ ମଧ୍ୟ ଶୁକ୍ରବାର ଏନ୍‌ସିବି ଜେରାର ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ଏସ୍‌ଆଇଟି ଅଫିସରେ ପଚରାଉଚୁରା କରାଯାଇଛି।

ଡ୍ରଗ୍ସ ପାର୍ଟି ମାମଲା ଚର୍ଚ୍ଚାକୁ ଆସିବା ପରେ ଏନ୍‌ସିବି ପକ୍ଷରୁ ବଲିଉଡ୍‌ର ଅଭିନେତ୍ରୀଙ୍କୁ ଘନଘନ ଜେରା ଚାଲିଛି। ଏଥିପାଇଁ ଦୀପିକା ପାଦୁକୋନ, ସାରା ଅଲ୍ଲୀ ଖାନ, ଶ୍ରଦ୍ଧା କପୁର, ରକୁଲପ୍ରୀତ୍ ସିଂଙ୍କୁ ସମନ କରାଯାଇଥିଲା। ଶୁକ୍ରବାର ଦୀପିକା ପାଦୁକୋନଙ୍କୁ ଏନ୍‌ସିବି ପଚରାଉଚୁରା କରିବାର ଥିଲା। ହେଲେ ଗୁରୁବାର ବିଳମ୍ବିତ ରାତିରେ ଗୋଆରୁ ମୁମ୍ବାଇ ପହଞ୍ଚିଥିବାରୁ ଦୀପିକା ଜେରା ପାଇଁ ପହଞ୍ଚି ପାରି ନ ଥିଲେ। ଶନିବାର ଦୀପିକା, ସାରା ଏବଂ ଶ୍ରଦ୍ଧାଙ୍କୁ ଜେରା କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ଧର୍ମା ପ୍ରଡକ୍ସନର ସହକାରୀ ନିର୍ଦ୍ଦେଶକ ଅନୁଭବ ଚୋପ୍ରାଙ୍କୁ ମଧ୍ୟ ଏନ୍‌ସିବି ପଚରାଉଚୁରା କରୁଛି। କ୍ଷୀତିଜ ପ୍ରସାଦଙ୍କ ନିକଟତମ ହୋଇଥିବାରୁ ସେ ମଧ୍ୟ ଡ୍ରଗ୍ସ କାରବାର ମାମଲାରେ ଛନ୍ଦି ହୋଇପଡ଼ିଛନ୍ତି।

# କୃଷକଙ୍କ ପାଖକୁ ଯାଇ କୃଷି ବିଲ୍ ସମ୍ପର୍କରେ ବୁଝାଅ

**ନୂଆଦିଲ୍ଲୀ,୨୫।୯**

## ଭାଜପା କର୍ମୀଙ୍କୁ ମୋଦିଙ୍କ ଅପିଲ


ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତି ଅବସରରେ ଦେଶର ସମସ୍ତ ଭାରତୀୟ ଜନତା ପାର୍ଟି(ଭାଜପା) କର୍ମୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ସମସ୍ତ ଭାଜପା କର୍ମୀଙ୍କୁ କହିଛନ୍ତି ସେମାନେ ପ୍ରତିଟି କୃଷକଙ୍କ ପାଖକୁ ଯାଇ ସେମାନଙ୍କୁ କୃଷି ବିଲ୍ ସମ୍ପର୍କରେ ସରଳ ଭାବେ ବୁଝାଇ ଦିଅନ୍ତୁ। ମୋଦି କହିଛନ୍ତି ୟୁପିଏ ସରକାର ୫ ବର୍ଷ ଶାସନ କାଳ ଭିତରେ କୃଷକଙ୍କୁ କେବଳ କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ ୨୦ ଲକ୍ଷ କୋଟି ଟଙ୍କା ଋଣ ପ୍ରଦାନ କରିଥିଲା। ହେଲେ ଭାଜପା ସରକାର ୫ ବର୍ଷ ଭିତରେ କୃଷକଙ୍କୁ ପାଖାପାଖି ୩୫ଲକ୍ଷ କୋଟି ଟଙ୍କା କେସିସି ମାଧ୍ୟମରେ ଦେଇସାରିଛି। ସ୍ୱାଧୀନତାପରେ କେବଳ କୃଷକ ଓ ଶ୍ରମିକଙ୍କୁ ନେଇ ସବୁକିଛି ସ୍ଲୋଗାନରେ ସୀମିତ ଥିଲା ହେଲେ ଏବେ ଭାଜପା ସରକାର ଏହାକୁ କରି ଦେଖାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଦେଶର କୃଷକ, ଶ୍ରମିକ ଭାଉଣୀ ଭାଇ, ଯୁବବର୍ଗ, ମଧ୍ୟମବର୍ଗଙ୍କ ହିତ ଉଦ୍ଦେଶ୍ୟରେ ବହୁତ ଭଲ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଭାରତକୁ ବିଶ୍ୱ ଦରବାରରେ ପରିଚିତ କରାଇବା, ୧୩୦ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଏହା କେବଳ ଦିନଦୟାଲଙ୍କ ଭଳି ମହାନ୍ ବ୍ୟକ୍ତିଙ୍କ ଆର୍ଶିବାଦ ଯୋଗୁ ସମ୍ଭବ ହୋଇଛି। ସୂଚନାଯୋଗ୍ୟ, ଗୋଟିଏ ପଟେ କୃଷିବିଲ୍‌କୁ ସାରା ଦେଶରେ କୃଷକ ବିରୋଧ କରୁଥିବାବେଳେ ଅନ୍ୟପଟେ ଭାଜପା କର୍ମୀ ଘର ଘର ପହଞ୍ଚି ଏହାର ସୁଫଳ ବିଷୟରେ ସେମାନଙ୍କୁ ବୁଝାଇବାକୁ ମୋଦି କହିଛନ୍ତି।

## ଲେହରେ ଭୂକମ୍ପ

**ନୂଆଦିଲ୍ଲୀ, ୨୫।୯:** ଲେହରେ ଶୁକ୍ରବାର ଅପରାହ୍ନ ୪ଟା୨୭ ମିନିଟରେ ତୀବ୍ର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ମାତ୍ରା ରିକ୍ଟର ସ୍କେଲ୍‌ରେ ୫.୪ ରେକର୍ଡ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ପ୍ରାୟ ୧୦ କିଲୋମିଟର ଗଭୀରରେ ଏହି ଭୂକମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ ହେବାର ଜାଣି ଲୋକମାନେ ଭୟଭୀତ ହୋଇଯିବା ସହ ଘରୁ ବାହାରକୁ ଚାଲି ଆସିଥିଲେ। ତେବେ ଏଥିରେ କାହାରି କୌଣସି କ୍ଷତି ହୋଇଥିବା ସୂଚନା ମିଳି ନାହିଁ। ହିମାଳୟର ଏହି ଅଞ୍ଚଳର ଭୂକମ୍ପ ପ୍ରବଣ ଅଞ୍ଚଳଭାବେ ପରିଚିତ।

## ଏସିଡ୍ ପୀଡ଼ିତାଙ୍କ ମୃତ୍ୟୁ ହେଲେ ଦୋଷୀଙ୍କୁ ଆଜୀବନ ଜେଲ

**କାଠମାଣ୍ଡୁ,୨୫।୯:** ବେଳକୁ ବେଳ ବଢି ଚାଲିଛି ଏସିଡ୍ ଆକ୍ରମଣ ଘଟଣା। ଆଉ ଏହାପରେ ପୀଡ଼ିତା ନ୍ୟାୟ ପାଇବାକୁ ବର୍ଷ ବର୍ଷ ଧରି ଅପେକ୍ଷା କରି ରହୁଛନ୍ତି। ଏହାକୁ ନେଇ ଏବେ ନେପାଳର ଆଇନ ମନ୍ତ୍ରୀ ଶିବ ମୟ ଥୁମ୍ବରାହାମ୍ପେ କହିଛନ୍ତି ଏଣିକି ଏସିଡ୍ ଆକ୍ରମଣରେ ଯଦି କାହାର ମୃତ୍ୟୁ ହେଲା ତେବେ ଦୋଷୀଙ୍କୁ ଆଜୀବନ ଜେଲ ଦଣ୍ଡ ଭୋଗିବାକୁ ପଡିବ। ଏହାପରେ ଯଦି ଏସିଡ୍ ଆକ୍ରମଣରେ କୌଣସି ଲୋକର ଅଙ୍ଗ କ୍ଷତିଗ୍ରସ୍ତ ହୁଏ ତେବେ ମଧ୍ୟ ପୀଡ଼ିତ ବା ପୀଡ଼ିତାଙ୍କୁ ଦୋଷୀ ୧ ମିଲିୟନ ନେପାଳି ଅର୍ଥ ପ୍ରଦାନ କରିବା ସହ ୨୦ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ।

# କୃଷି ବିଲ୍ ବିରୋଧରେ ତାତିଲେ ଚାଷୀ

**ନୂଆଦିଲ୍ଲୀ, ୨୫।୯**


ପଞ୍ଜାବର ଶମ୍ଭୁଠାରେ ଜାତୀୟ ରାଜପଥରେ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନିକଟରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୩ଟି କୃଷି ବିଲ୍‌କୁ ଶୁକ୍ରବାର ପଞ୍ଜାବ, ହରିୟାଣା ଏବଂ ଉତ୍ତର ପ୍ରଦେଶ ସମେତ ଦେଶର ବିଭିନ୍ନ ଅଞ୍ଚଳରେ ଘୋର ବିରୋଧ କରାଯାଇଛି। ବିକ୍ଷୋଭକାରୀ ଚାଷୀ ଓ କୃଷକ ସଙ୍ଗଠନ ପକ୍ଷରୁ ଅନେକ ସ୍ଥାନରେ ରାସ୍ତା ଅବରୋଧ କରାଯାଇଛି। ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ନ ଥିବାରୁ ଏ ସବୁକୁ ହଟେଇ ଦେବା ପାଇଁ କେନ୍ଦ୍ର ସରକାର ଉପରେ କୃଷକ ସଙ୍ଗଠନଗୁଡ଼ିକ ଚାପ ପକାଇଛନ୍ତି।

ପଞ୍ଜାବ ଓ ହରିୟାଣାରେ ଚାଷୀ ଓ କୃଷକ ସଙ୍ଗଠନଗଡ଼ିକ ସବୁଆଡେ ରାସ୍ତା ବନ୍ଦ କରିଦେବାରୁ ଲୋକଙ୍କ ଯାତାୟାତ ଘୋର ବାଧାପ୍ରାପ୍ତ ହୋଇଛି। ସର୍ବଭାରତୀୟ କିଷାନ ସଂଘର୍ଷ ସମନ୍ୱୟ କମିଟି (ଏଆଇକେଏସ୍‌ସିସି) ଦ୍ୱାରା ଅନୁବନ୍ଧିତ ୨୬୫ଟି କୃଷକ ସଙ୍ଗଠନ ପ୍ରତିବାଦ ଓ ବିକ୍ଷୋଭରେ ସାମିଲ ହୋଇଥିଲେ। ଏଥିସହିତ ପାଖାପାଖି ଶହେଟି ଅଣ-ଅନୁବନ୍ଧିତ କୃଷକ ସଙ୍ଗଠନ କେନ୍ଦ୍ର ସରକାରଙ୍କ ଚାଷୀମାରଣ ପଦକ୍ଷେପକୁ ବିରୋଧ କରିଛନ୍ତି। ଏଆଇକେଏସ୍‌ସିସିର ସାଧାରଣ ସମ୍ପାଦକ କହିଛନ୍ତି ଯେ, ଦେଶର ପାଖାପାଖି ୨୦ ହଜାର ସ୍ଥାନରେ ଚାଷୀମାନେ ରାସ୍ତାକୁ ଓହ୍ଲାଇ ୩ଟି ବିଲ୍ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି।

ପଞ୍ଜାବରେ ଭାରତୀୟ କିଷାନ ୟୁନିୟନ (ବିକେୟୁ) ଅଧୀନରେ ଥିବା ୩୧ଟି କୃଷକ ସଙ୍ଗଠନ ରାଜ୍ୟକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନରେ ରଖିଦେଇଛନ୍ତି। କଂଗ୍ରେସ ଶାସିତ ରାଜ୍ୟ ପଞ୍ଜାବ କୃଷକମାନଙ୍କ ନ୍ୟାଯ୍ୟ ଦାବିକୁ ସମର୍ଥନ କରୁଛି ଏବଂ ବିକ୍ଷୋଭ ବେଳେ ନିଷେଧାଦେଶ ଅବମାନନା କରିଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି ଏତଲା ଦାଏର କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅମରେନ୍ଦ୍ର ସିଂ ପୂର୍ବରୁ ଘୋଷଣା କରିଥିଲେ। କେନ୍ଦ୍ର ସରକାରରୁ ଗତ ସପ୍ତାହରେ ଇସ୍ତଫା ଦେଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍‌ସିମରତ କୌର ବାଦଲ ତାଙ୍କ ନିର୍ବାଚନମଣ୍ଡଳୀ ବଠିଣ୍ଡାରେ ବିକ୍ଷୋଭରେ ସାମିଲ ହୋଇଥିଲେ। ରାଜନୈତିକ ବ୍ୟକ୍ତିଙ୍କ ସହ ପଞ୍ଜାବୀ ଗାୟକ ଓ ଅଭିନେତାମାନଙ୍କୁ ମଧ୍ୟ ରାସ୍ତାରେ ଦେଖିବାକୁ ମିଳିଥିଲା। ପଞ୍ଜାବ, ହରିୟାଣା ସୀମାନ୍ତ ଅମ୍ବାଲାଠାରେ କ୍ରୋଧିତ ହୋଇ ରହିଥିବା କୃଷକମାନେ ରାଜପଥ ଅବରୋଧ କରିବା ସହ ଅଣଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ବନ୍ଦ କରି ଦେଇଥିଲେ। ବିକେୟୁ ଓ ରିଭୋଲ୍ୟୁଶନାରି ମାର୍କସିଷ୍ଟ ପାର୍ଟି ଅଫ୍ ଇଣ୍ଡିଆର କୃଷକମାନେ ଦିଲ୍ଲୀ-ଅମୃତସର ରାଜପଥକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ କରି ରଖିଥିଲେ। ସେହିପରି ଅମୃତସର ଓ ଫିରୋଜପୁର ଜିଲାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ରେଲରୋକୋ ଶୁକ୍ରବାର ମଧ୍ୟ ଜାରି ରହିଛି। ଏଠାରେ ରେଲରୋକୋକୁ ସେପ୍ଟେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି ବୋଲି କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ପଞ୍ଜାବ, ହରିୟାଣା, ୟୁପିର ବିଭିନ୍ନ ସ୍ଥାନରେ ବିରୋଧ ଜୋର୍‌ଦାର

ସେହିଭଳି ଉତ୍ତରପ୍ରଦେଶର ନଏଡାଠାରେ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ୨ ଶହ କୃଷକଙ୍କୁ ବାଟରେ ଅଟକା ଯାଇଥିଲା। ସେମାନଙ୍କୁ ୩ ଘଣ୍ଟା ରଖାଯିବାପରେ ଛଡାଯାଇଥିଲା। ଅଯୋଧ୍ୟା-ଲକ୍ଷ୍ନୌ ଏବଂ ଦିଲ୍ଲୀ-ମିରଟ୍ ରାସ୍ତାକୁ ମଧ୍ୟ ଦୀର୍ଘ ସମୟ ଅବରୋଧ କରାଯାଇଥିଲା। ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏକ ଟ୍ରାକ୍ଟର ରାଲି କରି କୃଷି ବିଲ୍‌କୁ ବିରୋଧ କରିଥିଲେ।

ପଶ୍ଚିମବଙ୍ଗରେ ବାମପନ୍ଥୀ ସମର୍ଥିତ କୃଷକ ସଙ୍ଗଠନଗୁଡିକ ବିଭିନ୍ନ ଜିଲାରେ ରାସ୍ତା ଅବରୋଧ କରିଥିଲେ। ଏପରିକି ହୁଗୁଳି, ମୁର୍ଶିଦାବାଦ, ଉତ୍ତର ୨୪ ପ୍ରଗଣା, ବାଙ୍କୁରା, ନଦିଆ ଜିଲାର ଗ୍ରାମାଞ୍ଚଳରେ ମଧ୍ୟ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନମାନ ଦିଆଯାଇଛି।

କର୍ଣ୍ଣାଟକ ରାଜ୍ୟ କୃଷକ ସଙ୍ଗଠନର ସଦସ୍ୟମାନେ ମଧ୍ୟ କର୍ଣ୍ଣାଟକ-ତାମିଲନାଡୁ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରେ ଚାଷୀମାନେ ରାସ୍ତାକୁ ଆସି ସମ୍ପୃକ୍ତ ବିଲ୍‌କୁ ଆଇନରେ ପରିଣତ ନ କରିବାକୁ କେନ୍ଦ୍ର ଉପରେ ଚାପ ପକାଇଥିବା ଦେଖିବାକୁ ମିଳିଛି।

# ପାକିସ୍ତାନରେ ୪୯ ସାମ୍ବାଦିକଙ୍କ ନାମରେ ମାମଲା

**ଇସ୍‌ଲାମାବାଦ୍, ୨୫।୯**

ଆତଙ୍କବାଦୀ ଆର୍ଯ୍ୟକଳାପ ପାଇଁ ବିଶ୍ୱରେ ନିନ୍ଦିତ ହେଉଥିବା ପାକିସ୍ତାନର ସଂଘୀୟ ତଦନ୍ତକାରୀ ସଂସ୍ଥା(ଏଫଆଇଏ) ନିଜ ଦେଶର ଗଣମାଧ୍ୟମର କଣ୍ଠରୋଧ କରିବାକୁ ଚେଷ୍ଟା କରୁଛି। ପ୍ରାୟ ୪୯ ସାମ୍ବାଦିକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଇଲେକ୍ଟ୍ରୋନିକ୍ସ କ୍ରାଇମ୍ ଆକ୍ଟ ଅନୁଯାୟୀ ଏଫ୍‌ଆଇଏ ଏହି ମାମଲା ପଞ୍ଜୀକରଣ କରିଛି। ଅପରପକ୍ଷରେ ସାମ୍ବାଦିକ ତଥା ସାମାଜିକ ଗଣମାଧ୍ୟମ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରିବାକୁ ପାକିସ୍ତାନ ସାମ୍ବାଦିକ ସଂଘ ଦାବି କରିଛି। ନଚେତ୍ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯିବ ବୋଲି ସଂଘ ପକ୍ଷରୁ କହିଛି। ପାକିସ୍ତାନ ପିପୁଲ୍ସ ପାର୍ଟି ସଂସଦୀୟ ନେତା ଶେରି ରେହମାନ ଏଥିପାଇଁ ଇମ୍ରାନ ଖାନ୍ ସରକାରଙ୍କୁ ନିନ୍ଦା କରିବା ସହ ଏହି ପଦକ୍ଷେପକୁ ଗଣମାଧ୍ୟମର କଣ୍ଠରୋଧ କରିବାର ଉଦ୍ୟମ ବୋଲି କହିଛନ୍ତି। ପାକିସ୍ତାନର ମାନବାଧିକାର କମିଶନ ମଧ୍ୟ ସରକାରଙ୍କ କାର୍ଯ୍ୟକଳାପକୁ ନିନ୍ଦା କରି ସରକାର ଏଭଳି କାର୍ଯ୍ୟରୁ ନିବୃତ୍ତ ହୁଅନ୍ତୁ ଏବଂ ରାଜନୈତିକ ଆକ୍ରୋଶ ପାଇଁ ଏଫ୍‌ଆଇଏର ବ୍ୟବହାର ବନ୍ଦ କରନ୍ତୁ ବୋଲି କହିଛନ୍ତି।

# ସଲ୍‌ମାନଙ୍କୁ ସୁପରଷ୍ଟାର କରିଥିଲା ବାଲ୍‌ସୁବ୍ରମଣ୍ୟଙ୍କ ଗୀତ

**ମୁମ୍ବାଇ୨୫।୯:** ନିଜର ମଖମଲି ସ୍ୱରରେ ଶ୍ରୋତାଙ୍କ ହୃଦୟରେ ଘର କରିଥିବା ଗାୟକ ଏସ୍. ପି. ବାଲ୍‌ସୁବ୍ରମଣ୍ୟମଙ୍କ ହିନ୍ଦୀ ଫିଲ୍ମ ଦୁନିଆରେ ଥିଲା ଏକ ସ୍ୱତନ୍ତ୍ର ପରିଚୟ। ତାଙ୍କ ସ୍ୱରକୁ ସଲ୍‌ମାନ ଖାନ୍‌ଙ୍କ ସ୍ୱର ବୋଲି କୁହାଯାଇଥାଏ। ସଲ୍‌ମାନଙ୍କ ଅଭିନୀତ ଅନେକ ହିଟ୍ ମୁଭିରେ ସେ କଣ୍ଠଦାନ କରିଥିଲେ। ବଲିଉଡ୍‌ରୁ ଟଲିଉଡ୍ ପର୍ଯ୍ୟନ୍ତ ବାଲ୍‌ସୁବ୍ରମଣ୍ୟମଙ୍କ ଥିଲା ଏକ ସ୍ୱତନ୍ତ୍ର ପରିଚୟ। ୧୯୮୯ରେ ସଲ୍‌ମାନ ଓ ଭାଗ୍ୟଶ୍ରୀଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ମୈନେ ପ୍ୟାର କିୟା'ର ସମସ୍ତ ଗୀତ ବାଲ୍‌ସୁବ୍ରମଣ୍ୟମ ଗାଇଥିଲେ। ଯାହାକି ସୁପରହିଟ୍ ହୋଇଥିଲା। ଆଉ ସେତେବେଳେ ଦର୍ଶକ ଓ ଶ୍ରୋତା ଭାବିଥିଲେ ଗୀତଗୁଡ଼ିକ ନିଜେ ସଲମାନ ବୋଧହୁଏ ଗାଇଛନ୍ତି। ଏମିତି ଭାବେ ସଲମାନ ହିଟ୍ ନାୟକ ପାଲଟି ଯାଇଥିଲେ। ବାଲ୍‌ସୁବ୍ରମଣ୍ୟମ ହମ୍ ଆପ୍‌କେ ହେଁ କୌନ, ଅନ୍ଧା କାନୁନ, ସାଜନ, ୧୦୦ଡେଜ୍, ଚେନ୍ନାଇ ଏକ୍ସପ୍ରେସ୍ ଓ ଅଙ୍ଗାର ଭଳି ଫିଲ୍ମରେ ଗୀତ ଗାଇ ଶ୍ରୋତା ତଥା ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି। ଏହା ବ୍ୟତୀତ କନ୍ନଡ, ତାମିଲ ଓ ତେଲୁଗୁ ଫିଲ୍ମରେ ବି ତାଙ୍କର ରହିଛି ଏକ ଭିନ୍ନ ପରିଚୟ। ତାଙ୍କର ପୁରା ନାଁ ହେଉଛି ଶ୍ରୀପତି ପଣ୍ଡିତରାଧ୍ୟଲା ବାଲ୍‌ସୁବ୍ରମଣ୍ୟମ। ବାଲୁ ନାଁରେ ସେ ବେଶ୍ ପରିଚିତ।


ଏସ୍. ପି. ବାଲ୍‌ସୁବ୍ରମଣ୍ୟମ


ସଲ୍‌ମାନ ଖାନ୍

# ବାଲୁଙ୍କ ସ୍ମୃତିରେ...

**ମହାମାରୀ କରୋନାରେ ପୀଡ଼ିତ ହୋଇ ଅଫେରା ରାଇଜକୁ ଚାଲିଯାଇଛନ୍ତି କିମ୍ବଦନ୍ତୀ ଗାୟକ ଏସ୍‌ପି ବାଲାସୁବ୍ରମଣ୍ୟମ୍, ଯିଏକି ବାଲୁ ଏବଂ ଏସ୍‌ପିବି ନାମରେ ପରିଚିତ। ତାଙ୍କୁ ହରାଇ ଆଜି ଦେଶ ଝୁରୁଥିବାବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଟୁଇଟ୍ ଓ ଅନ୍ୟ ସୋସିଆଲ ମିଡିଆରେ ଶୋକ ପ୍ରକାଶ କରି ନିଜ ମନର କଥା କହିଛନ୍ତି।**


"ସଙ୍ଗୀତ କିମ୍ବଦନ୍ତୀ ଏସ୍‌ପି ବାଲାସୁବ୍ରମଣ୍ୟମ୍‌ଙ୍କ ଦେହାନ୍ତରେ ଭାରତୀୟ ସଙ୍ଗୀତ ଏହାର ଅନ୍ୟତମ ଶ୍ରୁତିମଧୁର ସ୍ୱର ହରାଇଛି। ଅସଂଖ୍ୟ ପ୍ରଶଂସକଙ୍କ ଦ୍ୱାରା ତାଙ୍କୁ 'ପାଦମ୍ ନୀଲା' ବା 'ସିଙ୍ଗିଙ୍ଗ୍ ମୁନ୍' କୁହାଯାଉଥିଲା, ତାଙ୍କୁ ପଦ୍ମଭୂଷଣ ଏବଂ ଅନେକ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ତାଙ୍କ ପରିବାର, ବନ୍ଧୁ ଏବଂ ପ୍ରଶଂସକଙ୍କୁ ସମବେଦନା।

**-ରାମନାଥ କୋବିନ୍ଦ, ରାଷ୍ଟ୍ରପତି**


"ମୁଁ ବିଶ୍ୱାସ କରିପାରିବି ନାହିଁ ଯେ, ବାଲୁଙ୍କ ସ୍ୱର ଚୁପ୍ ହୋଇଯାଇଛି।

**-ଏମ୍. ଭେଙ୍କାୟା ନାଇଡୁ ଉପରାଷ୍ଟ୍ରପତି**


"ଏସ୍‌ପି ବାଲାସୁବ୍ରମଣ୍ୟମ୍‌ଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁରେ ଆମ ସାଂସ୍କୃତିକ ଦୁନିଆ ବହୁତ ଗରିବ ହୋଇଯାଇଛି। ସମଗ୍ର ଭାରତରେ ସେ ଏକ ଘରୋଇ ନାମ, ତାଙ୍କ ସୁମଧୁର ସ୍ୱର ଏବଂ ସଙ୍ଗୀତ କିଛି ଦଶନ୍ଧି ଧରି ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଦୁଃଖର ଏହି ସମୟରେ, ମୋର ଚିନ୍ତାଧାରା ତାଙ୍କ ପରିବାର ଏବଂ ପ୍ରଶଂସକଙ୍କ ସହିତ ଅଛି। ଓମ୍ ଶାନ୍ତି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**


"ଏସ୍‌ପି ବାଲାସୁବ୍ରମଣ୍ୟମ୍ ସାର୍‌ଙ୍କ ବିଷୟରେ ଶୁଣି ହୃଦୟ ଭାଙ୍ଗିଗଲା ... ତୁମେ ତୁମର ସଙ୍ଗୀତର ଅବିସ୍ମରଣୀୟ ଉତ୍ତରାଧିକାରୀରେ ସବୁଦିନ ପାଇଁ ବଞ୍ଚିବ। ପରିବାର ପାଇଁ ସମବେଦନା।

**-ସଲମାନ ଖାନ, ଅଭିନେତା**


"ବାଲୁ ସାର୍ ... ତୁମେ ବହୁ ବର୍ଷ ଧରି ମୋର ସ୍ୱର ହୋଇଛ ... ତୁମର ସ୍ୱର ଏବଂ ତୁମର ସ୍ମୃତି ସବୁଦିନ ପାଇଁ ମୋ ସହିତ ବଞ୍ଚିବ ... ମୁଁ ତୁମକୁ ପ୍ରକୃତରେ ମନେ ପକାଇବି ...।

**-ରଜନୀକାନ୍ତ, ଅଭିନେତା**


"ପ୍ରତିଭାଶାଳୀ ଗାୟକ, ମଧୁରଭାଷୀ, ବହୁତ ଭଲ ମଣିଷ ଏସ୍‌ପି ବାଲାସୁବ୍ରମଣ୍ୟମ୍‌ଙ୍କ ସ୍ୱର୍ଗବାସ ଖବର ଶୁଣି ମୁଁ ବହୁ ଦୁଃଖିତ। ଆମେ ଅନେକ ଗୀତ ସାଙ୍ଗରେ ଗାଇଛୁ, ଅନେକ ଶୋ କରିଛୁ, ସବୁ କଥା ମନେ ପଡୁଛି। ଈଶ୍ୱର ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ। ମୋର ସମବେଦନା ତାଙ୍କ ପରିବାର ସହିତ ରହିଛି।

**-ଲତା ମଙ୍ଗେସକର, ବିଶିଷ୍ଟ ଗାୟିକା**


"ଏସ୍‌ପି ବାଲାସୁବ୍ରମଣ୍ୟମ୍ ସାର୍‌ଙ୍କ ପରିବାର ଏବଂ ବନ୍ଧୁମାନଙ୍କୁ ସମବେଦନା। କିମ୍ବଦନ୍ତୀ ଗାୟକଙ୍କ ଆତ୍ମାକୁ ଶାନ୍ତି ମିଳୁ ... ତାଙ୍କ ଶାନ୍ତକାରୀ ସ୍ୱର ମନେ ପଡ଼ିବ।

**-ଶାହାରୁଖ୍ ଖାନ୍, ଅଭିନେତା**


"ବିଜୟ, ପ୍ରେମ, ଭକ୍ତ ଏବଂ ଆନନ୍ଦର ସ୍ୱର! ଏସ୍.ପି. ବାଲାସୁବ୍ରମଣ୍ୟମ୍‌ଙ୍କ ଆତ୍ମାକୁ ଶାନ୍ତି ମିଳୁ।

**-ଏ.ଆର. ରହମାନ, ସଙ୍ଗୀତ ନିର୍ଦ୍ଦେଶକ**


"ଏସ୍.ପି. ବାଲାସୁବ୍ରମଣ୍ୟମ୍‌ଙ୍କ ଦେହାନ୍ତ ଶୁଣି ଗଭୀର ଦୁଃଖିତ। ପରିବାର ପ୍ରତି ମୋର ହୃଦୟରୁ ସମବେଦନା। ଆମେ ଆମ ସମୟର ଅନ୍ୟତମ ପ୍ରତିଭାବାନ କଳାକାରଙ୍କୁ ହରାଇଛୁ।

**-ଆମୀର ଖାନ୍, ଅଭିନେତା**


"ଏକ ଯୁଗର ଶେଷ ! ବହୁମୁଖୀ ସଙ୍ଗୀତ ପ୍ରତିଭାଙ୍କର ଦେହାନ୍ତ ଘଟିଛି। ଭଗବାନ ତାଙ୍କୁ ଶାନ୍ତି ଦିଅନ୍ତୁ। ତାଙ୍କୁ ସମସ୍ତେ ଝୁରିବେ।

**-ହେମାମାଳିନୀ, ଅଭିନେତ୍ରୀ, ଏମ୍‌ପି**


"ଏକ ଯୁଗର ସମାପ୍ତ ... ଆପଣଙ୍କ ସ୍ୱର ସର୍ବଦା ଆମ ହୃଦୟରେ ରହିବ ଏସ୍‌ପି ବାଲାସୁବ୍ରମଣ୍ୟମ୍ ଜୀ। ଯେଉଁ ଢଙ୍ଗରେ ଆପଣ ସଙ୍ଗୀତର ଯାଦୁ ବୁଣିଛ, ତାହା ଅନୁପମ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ହୃଦୟରୁ ସମବେଦନା।

**-ମାଧୁରୀ ଦୀକ୍ଷିତ ନେନେ, ଅଭିନେତ୍ରୀ**

**ଫୁର୍‌ସତ୍**

# ପଟୌଦି ପ୍ୟାଲେସ୍ ସଜବାଜ

**ମୁମ୍ବାଇ:** କରୋନା ଯୋଗୁ ଜାରି ରହିଥିବା ଲକ୍‌ଡାଉନ୍ ଶେଷ ହେବାପରେ ଏବେ ସମସ୍ତେ ପୁଣି ନିଜନିଜ କାମକୁ ଫେରୁଛନ୍ତି। ବନ୍ଦ ରହିଥିବା ବଲିଉଡ୍ ଫିଲ୍ମର ଶୁଟିଂ ମଧ୍ୟ ଆରମ୍ଭ ହୋଇଯାଇଛି। ଅଭିନେତ୍ରୀ କରୀନା କପୁର ଫିଲ୍ମ 'ଲାଲ ସିଂ ଚଡ୍ଢା' ଶୁଟିଂ ପାଇଁ ପରିବାର ସହ ହରିୟାଣାରେ ଥିବା ପଟୌଦି ପ୍ୟାଲେସ୍‌ରେ ପହଞ୍ଚିଛନ୍ତି। ଏଥିପାଇଁ ପଟୌଦି ପ୍ୟାଲେସ୍‌କୁ ସଜାଯାଉଛି। ଏମିତି ସଜାଯାଉଛି ଯେପରି ଆଖି ଲାଖିଯିବ। ଅକ୍ଟୋବର ୧୫ ପର୍ଯ୍ୟନ୍ତ କରୀନା, ସୈଫ୍ ଏବଂ ଛୋଟ ନବାବ୍ ତୈମୁର ସେଠାରେ ରହିବେ। ଏଥିପାଇଁ ଉକ୍ତ ମହଲରେ ସମସ୍ତ ଆବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରାଯାଇଛି। ଫିଲ୍ମର ଶୁଟିଂ ଦେଶ ବିଦେଶରେ ପ୍ରାୟ ଶହେଟି ସ୍ଥାନରେ ଶେଷ ହୋଇଛି। ଏବେ ଦିଲ୍ଲୀରେ ଶୁଟିଂ ବାକି ରହିଛି। ତେଣୁ ଏହି ସମୟରେ ସୈଫ-କରୀନା ପଟୌଦି ପ୍ୟାଲେସ୍‌ରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏଠାରୁ କାର ଯୋଗେ କରୀନା ଫିଲ୍ମ ଶୁଟିଂ ପାଇଁ ଯିବେ। ଏଠାକୁ ଆସିବା ପୂର୍ବରୁ ପୂରା ପଟୌଦି ପ୍ୟାଲେସ୍‌କୁ ସାନିଟାଇଜ କରାଯିବା ସହ ସମସ୍ତ ୨୫ କର୍ମଚାରୀଙ୍କ କରୋନା ଟେଷ୍ଟ ହୋଇଛି। ସୂଚନା ଥାଉ କି, 'ଲାଲ୍ ସିଂ ଚଡ୍ଢା' ହେଉଛି ଏକ ହିନ୍ଦୀ କମେଡି ଫିଲ୍ମ। ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଦ୍ୱୈତ ଚନ୍ଦନ। ଏହି ଫିଲ୍ମଟି ଅଭିନେତା ଆମିର ଖାନ୍‌ଙ୍କ ପ୍ରଡକ୍ସନ ହାଉସ୍‌ରୁ ନିର୍ମାଣ କରାଯାଉଛି। ଏଥିରେ କରୀନାଙ୍କ ଅପୋଜିଟ୍‌ରେ ଆମିର ଖାନ୍ ଅଛନ୍ତି। ଫିଲ୍ମଟି ଡିସେମ୍ବରରେ ରିଲିଜ୍ ହେବାର ଥିଲା କିନ୍ତୁ କୋଭିଡ୍ ପାଇଁ ଆଉ ଚଳିତବର୍ଷ ରିଲିଜ୍ କରାଯିବ ନାହିଁ। ୨୦୨୧ରେ ରିଲିଜ୍ ହେବ ବୋଲି କରୀନା ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଶେୟାର କରି ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି।


କରୀନା କପୁର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୫୧୫,୪୨୭ | ୯,୮୯,୩୨୯ | ୨୩,୯୯୭,୬୯୩ |
| ଭାରତ | ୫୮,୪୩,୩୪୯ | ୯୨,୫୮୨ | ୪୭,୭୯,୬୫୮ |
| ଓଡ଼ିଶା | ୨,୦୧,୦୯୬ | ୭୬୭(+୫୩) | ୧,୬୫,୪୩୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଭାଗବତ ନନ୍ଦଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୨୫।୯(ବ୍ୟୁରୋ):** ବିଶିଷ୍ଟ ସର୍ବୋଦୟ ନେତା ଭାଗବତ ପ୍ରସାଦ ନନ୍ଦଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗତ ନନ୍ଦ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ସହ ଏହି ମାଟିର ଜଣେ ଯୋଗ୍ୟ ସନ୍ତାନ ଥିଲେ। ଗରିବ ଓ ଭୂମିହୀନ ଲୋକଙ୍କ ପାଇଁ ସେ ଭୂଦାନ ଆନ୍ଦୋଳନ ଚଳାଇଥିଲେ। ସେ ନିଜ ଜୀବନ କାଳରେ ବହୁ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ତାଙ୍କର ସମସ୍ତ ଆନ୍ଦୋଳନ କେବଳ ଦୁଃସ୍ଥ ଓ ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ତାଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନେତାଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ସଞ୍ଜୟ, ତୁଷାରକାନ୍ତିଙ୍କୁ କରୋନା




ସଞ୍ଜୟ ଦାସବର୍ମା, ତୁଷାରକାନ୍ତି ବେହେରା

**ଭୁବନେଶ୍ୱର ୨୫।୯(ବ୍ୟୁରୋ):** ଦୈନନ୍ଦିନ କରୋନାରେ ନେତା ଓ ମନ୍ତ୍ରୀ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ସେହି କ୍ରମରେ ଶୁକ୍ରବାର ଆଉ ଦୁଇଜଣ ନେତା କରୋନାରେ ଆକ୍ରାନ୍ତ ହୋଇଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଏବଂ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସଞ୍ଜୟ ଟୁଇଟ୍ କରି ତାଙ୍କର କରୋନା ପରୀକ୍ଷା ରିପୋର୍ଟ ପଜିଟିଭ ଆସିଥିବା ନେଇ ସୂଚନା ଦେଇଥିବା ବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ପୃଥକ୍‌ବାସରେ ରହିବାକୁ କହିଛନ୍ତି। ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ସେ ତାଙ୍କର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ବନ୍ଦ ରଖିଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ତୁଷାରକାନ୍ତି ଟୁଇଟ୍ କରି କହିଛନ୍ତି ଯେ, ତାଙ୍କର କରୋନା ପରୀକ୍ଷାରେ ପଜିଟିଭ ଆସିଛି। ଯେଉଁମାନେ ଗତ ୭ ଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସମସ୍ତେ ନିଜକୁ ଆଇସୋଲେଟ କରନ୍ତୁ କିମ୍ବା ଟେଷ୍ଟ କରାଇ ନିଅନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପଟେ ସେ ବର୍ତ୍ତମାନ ହୋମ ଆଇସୋଲେଶନରେ ରହିବା ସହିତ ସୁସ୍ଥ ଥିବା କହିଛନ୍ତି।

# ଦୈନିକ ସାଢ଼େ ୪ ଘଣ୍ଟା ଚାଲିବ ବିଧାନସଭା

## ଆଜିଠାରୁ ବିଧାୟକ, କର୍ମଚାରୀଙ୍କର କୋଭିଡ୍ ଟେଷ୍ଟ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଆସନ୍ତା ୨୯ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ତେବେ ଏହି ଅଧିବେଶନ କରୋନା କଟକଣା ମଧ୍ୟରେ ସମ୍ପନ୍ନ ହେବ। ଦୈନିକ ସାଢ଼େ୪ ଘଣ୍ଟା ଚାଲିବ। ସକାଳ ୧୦ଟା ୩୦ ମିନିଟ୍‌ରୁ ମଧ୍ୟାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ୫ଟା ଯାଏ ଗୃହ କାର୍ଯ୍ୟ ଚାଲିବ। ତେବେ ଶନିବାର ସକାଳ ୮ଟାରୁ ବିଧାୟକ ଓ ବିଧାନସଭା କର୍ମଚାରୀମାନଙ୍କର କରୋନା ଟେଷ୍ଟ କରାଯିବ। ଶୁକ୍ରବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି।



ବିଧାନସଭାରେ ଶୁକ୍ରବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ।

କରୋନା କଟକଣା ମଧ୍ୟରେ ଗୃହ କିପରି ପରିଚାଳିତ ହେବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ଶେଷରେ ବାଚସ୍ପତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଧାନସଭା କାର୍ଯ୍ୟ ବିଧି ଅନୁଯାୟୀ ଗୃହ ପରିଚାଳନା ହେବ। କ୍ୱେଶ୍ଚନ ଆୱାରକୁ ଛାଡି ଅନ୍ୟ ସମସ୍ତ କାର୍ଯ୍ୟ ହେବ। ତେବେ କ୍ୱେଶ୍ଚନ ଆୱାର ହେବ କି ନାହିଁ ତାହା ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ। ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀ, ବିଧାନସଭାର ଦୁଇ ପୂର୍ବତନ ସଦସ୍ୟ ସ୍ୱର୍ଗତ ବିଷ୍ଣୁ ଦାସ ଓ ମଦନ ମୋହନ ଦତ୍ତ ଏବଂ ଅନ୍ୟ ସଦସ୍ୟମାନଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ ହେବ। ଶୋକ ପ୍ରସ୍ତାବ ପରେ ଗୃହ ମୁଲତବୀ

**ସର୍ବଦଳୀୟ ବୈଠକ**

ଘୋଷଣା କରାଯିବ। ପୁଣି ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ଗୃହ କାର୍ଯ୍ୟ ଆରମ୍ଭ ହେବ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ କହିଛନ୍ତି ଯେ, ବିଧାୟକମାନଙ୍କୁ ଦର୍ଶକ ଗ୍ୟାଲେରି, ବାଚସ୍ପତିଙ୍କ ଗ୍ୟାଲେରି ଏବଂ ଗୃହରେ ବସିବା ବ୍ୟବସ୍ଥା କରାଯାଇଛି। ୧୪୫ ଜଣ ବିଧାୟକଙ୍କ ପାଇଁ ବ୍ୟବସ୍ଥା ହୋଇଛି। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ ଅନ୍ୟ ବିଧାୟକମାନେ ସାମିଲ ହୋଇଥିଲେ।

# ତିର୍ତ୍ତୋଲ-ପୋଷଲ ମହାନଦୀ ସେତୁ ନିର୍ମାଣ ହେବ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

- ଖର୍ଚ୍ଚ ହେବ ୧୧୮.୫୬ କୋଟି
- ଆରମ୍ଭ ହେଲା ଟେଣ୍ଡର ପ୍ରକ୍ରିୟା

ତିର୍ତ୍ତୋଲ ଉପନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ତିର୍ତ୍ତୋଲବାସୀଙ୍କୁ ଏକ ଭେଟି ଦେଇଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ-ପୋଷଲ ଶଙ୍ଖେଶ୍ୱର ରାସ୍ତାର ମହାନଦୀ ଉପରେ ଏକ ଉଚ୍ଚ ସେତୁ ନିର୍ମାଣ କରାଯିବ। ରାଜ୍ୟ ସରକାର ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ୮୮୮.୮୯ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ପାଇଁ ୧୧୮.୫୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସରକାରଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଏହି ସେତୁର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଟେଣ୍ଡର ସରିଲା ପରେ ସେତୁ ନିର୍ମାଣ କାମ ଆରମ୍ଭ ହେବ।

ଏହି ସେତୁ ନିର୍ମାଣ କରିବା ଲାଗି ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଥିଲେ। ଏହି ସେତୁ ନିର୍ମାଣ ହେଲେ ଜିଲାର ବହୁ ପଞ୍ଚାୟତ, ଗ୍ରାମ ଯଥା- ଅଇନ୍ତ, ଗୋପାଳପୁର, କନିମୂଳ, ବିଶନପୁର, ପୋଷାଳ, ବିଜିପୁର, ସରଳପୁର, ତେନ୍ତୁଳିପଡା ଗାଁରେ ବସବାସ କରୁଥିବା ପ୍ରାୟ ୫୦ ହଜାର ଲୋକ ଉପକୃତ ହେବେ। ସରକାର ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ଉକ୍ତ ଅଞ୍ଚଳର ଗମନାଗମନ, ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ସମୟୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି।

# ଭୁବନେଶ୍ୱରରେ ବଢ଼ିଲା ୬୦ ଆଇସିୟୁ ଶଯ୍ୟା

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

## ନୂଆ କୋଭିଡ୍ ହସ୍ପିଟାଲ 'ବ୍ଲୁ ହୁଇଲ୍'

- ଗୃହ ଏକାନ୍ତବାସରେ ଭୁବନେଶ୍ୱରର ୭୫% ଆକ୍ରାନ୍ତ
- ୭ ହଜାରରୁ ଊର୍ଦ୍ଧ୍ୱ ସୁସ୍ଥ, ଆକ୍ରାନ୍ତଙ୍କ ପରାମର୍ଶ ପାଇଁ ୩୦ ଡାକ୍ତର
- ଜିଲା ପ୍ରଶାସନଠାରୁ ବିଏମ୍‌ସି ପାଖରେ ଅଧିକ ତଥ୍ୟ

ଭୁବନେଶ୍ୱରରେ ଆଉଏକ ନୂଆ କୋଭିଡ୍ ହସ୍ପିଟାଲ ହୋଇଛି। ମଞ୍ଚେଶ୍ୱରସ୍ଥିତ 'ବ୍ଲୁ ହୁଇଲ୍ ହସ୍ପିଟାଲ'କୁ କୋଭିଡ୍ ହସ୍ପିଟାଲ କରାଯାଇଛି। ଏଥିରେ ୪୦ ଆଇସିୟୁ ଶଯ୍ୟା ଥିବାବେଳେ ୩୦୦ ସାଧାରଣ ଶଯ୍ୟା ରହିଛି। ଏହାବ୍ୟତୀତ ଭୁବନେଶ୍ୱରରେ ଥିବା ଅନ୍ୟ ୨ଟି କୋଭିଡ୍ ହସ୍ପିଟାଲରେ ମଧ୍ୟ ୨୦ଟି ଆଇସିୟୁ ଶଯ୍ୟା ବୃଦ୍ଧି କରାଯାଇଛି। ଏଥିସହ ଘରୋଇ ହସ୍ପିଟାଲରେ କିପରି କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ୫୦% ଶଯ୍ୟା ଓ ୮୦% ଆଇସିୟୁର ବ୍ୟବସ୍ଥା ରହିବ ସେଥିପ୍ରତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଗୁରୁତ୍ୱ ଦେଉଛି ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଚୌଧାରୀ କହିଛନ୍ତି, ଶୁକ୍ରବାର ସକାଳ ସୁଦ୍ଧା ୨୦,୨୧୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮୦ଜଣଙ୍କର ମୃତ୍ୟୁ ଘଟିଛି ଓ ୧୬୫୧୧ ସୁସ୍ଥ ହୋଇଥିବାରୁ ଏବେ ୩୬୧୨ ସକ୍ରିୟ ସଂକ୍ରମିତ ରହିଛନ୍ତି। ଏହି ସକ୍ରିୟ ଆକ୍ରାନ୍ତଙ୍କ ମଧ୍ୟରୁ ୭୫% ଗୃହ ଏକାନ୍ତବାସରେ ରହୁଛନ୍ତି। ବସ୍ତି ଅଞ୍ଚଳରୁ ମାତ୍ର ୬୮୬ଜଣ ଆକ୍ରାନ୍ତ ରହିଛନ୍ତି। ଏ ପର୍ଯ୍ୟନ୍ତ ଗୃହ ଏକାନ୍ତବାସରେ ରହିସାରିଥିବା ୧୦ ହଜାର ଆକ୍ରାନ୍ତଙ୍କ ମଧ୍ୟରୁ ୭ ହଜାରରୁ ଊର୍ଦ୍ଧ୍ୱ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରର ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଆଗାମୀ ଦିନରେ ଗୃହ ଏକାନ୍ତବାସରେ ରହୁଥିବା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟଜନିତ ସମସ୍ତ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ଏକ ଡାକ୍ତରୀ ପ୍ୟାନେଲ୍ ପ୍ରସ୍ତୁତ କରୁଛି। ଏଥିରେ ୨୫ରୁ ୩୦ଜଣ ଡାକ୍ତର ରହି ଗୃହ ଏକାନ୍ତାବାସରେ ଥିବା ଆକ୍ରାନ୍ତଙ୍କ ସହ ବାର୍ତ୍ତାଳାପ କରିବା ସହ ସ୍ୱାସ୍ଥ୍ୟାବସ୍ଥା ବୁଝିବେ। ଭୁବନେଶ୍ୱରରେ ପୁନଃ ସଂକ୍ରମଣ ମାମଲା ଏଯାବତ୍ ନଜରକୁ ଆସିନାହିଁ। ଗୋଟିଏ ମାମଲାରେ ବିଏମ୍‌ସିର ସନ୍ଦେହ ଉପୁଜିବାରୁ ତାଙ୍କ ନମୁନା ଆଇସିଏମ୍ଆରକୁ ପରୀକ୍ଷଣ ପାଇଁ ପଠାଯାଇଛି। ଯଦି ପୁନଃ ସଂକ୍ରମଣ କଥା ନଜରକୁ ଆସେ ତା'ହେଲେ ବିଏମ୍‌ସି ଏଥିପ୍ରତି ଅଧିକ ଗୁରୁତ୍ୱ ଦେବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରିବ। କୌଣସି ଅଞ୍ଚଳରେ ବ୍ୟାପକ ସଂକ୍ରମଣ ନଜରକୁ ଆସିଲେ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

ଖୋର୍ଦ୍ଧା ଜିଲା ପ୍ରଶାସନ ଓ ବିଏମ୍‌ସି ତଥ୍ୟରେ ତାଳମେଳ ନେଇ ହୋଇଥିବା ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବିଏମ୍‌ସି ଅଞ୍ଚଳରେ ଚିହ୍ନଟ ସମସ୍ତ ପଜିଟିଭ୍‌ଙ୍କୁ ଆମ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବେ ଦେଖୁଛନ୍ତି। କେଉଁ ସ୍ଥାନରୁ କେତେ ପଜିଟିଭ୍ ଚିହ୍ନଟ ହେଉଛନ୍ତି ତାହା ଜିଲା ପ୍ରଶାସନ ଅପେକ୍ଷା ବିଏମ୍‌ସି ନିକଟରେ ବେଶି ତଥ୍ୟ ରହୁଛି। ବିଏମ୍‌ସି ଯେଉଁ ତଥ୍ୟ ଦେଉଛି ତାହା ଠିକ୍। ଯଦି ଜିଲା ପ୍ରଶାସନ ପକ୍ଷରୁ ଏପରି କିଛି ତଥ୍ୟ ପ୍ରକାଶ କରାଯାଉଛି, ସେନେଇ ସେ ଆଗାମୀ ଦିନରେ ଆଲୋଚନା କରିବେ ବୋଲି ଚୌଧାରୀ କହିଛନ୍ତି।

# ଲକ୍‌ଡାଉନ ପରେ ବଢ଼ିଛି ବିଦ୍ୟୁତ୍ ରାଜସ୍ୱ

ଭୁବନେଶ୍ୱର ୨୫।୯(ବ୍ୟୁରୋ)

ଲକ୍‌ଡାଉନ୍‌ପରେ ବିଦ୍ୟୁତ୍‌ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଛି। ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଶୁକ୍ରବାର ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରି ଏହା କହିଛନ୍ତି। ଲକ୍‌ଡାଉନ୍ ପରବର୍ତ୍ତୀ ସମୟରେ ସମସ୍ତ ଅର୍ଥନୈତିକ କାର୍ଯ୍ୟକ୍ରମ ସହିତ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି। ଏହାସହ ରାଜସ୍ୱ ଆଦାୟରେ ମଧ୍ୟ ଉନ୍ନତି ଘଟିଛି। ଶିଳ୍ପ ବିଭାଗ ସହିତ ଆଲୋଚନା କରି ରାଜସ୍ୱ ଆଦାୟଜନିତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟରେ ଆର୍‌ଟି-ଡିଏଏସ୍ ସ୍ଥାପନ ଖୁବ୍‌ଶୀଘ୍ର କରାଯିବାକୁ ସେ ବିଦ୍ୟୁତ୍ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ଘଟିଥିବା ବିଦ୍ୟୁତ୍ ଦୁର୍ଘଟଣାଗୁଡ଼ିକର କ୍ଷତି ପୂରଣ ବାବଦରେ ମନ୍ତ୍ରୀ ସମୀକ୍ଷା କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଘଟୁଥିବା ଦୁର୍ଘଟଣାରୁ ୯୦ ପ୍ରତିଶତ ମନୁଷ୍ୟକୃତ ତ୍ରୁଟି ପାଇଁ ହେଉଛି। ଭବିଷ୍ୟତରେ ଏହାକୁ ହ୍ରାସ କରିବା ଦିଗରେ ଅଧିକ ଯତ୍ନବାନ ହେବାକୁ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରତି ସେକ୍‌ସନ୍, ସବ୍‌ଡିଭିଜନ୍, ଡିଭିଜନରେ ସେଲ୍ ଖୋଲାଯାଇ ବିଦ୍ୟୁତ୍ ବ୍ୟବହାର ବେଳେ ସୁରକ୍ଷା ପ୍ରତି ଧ୍ୟାନ ଉପରେ ଜନସଚେତନତା ସୃଷ୍ଟି କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

# ଆମ୍ବୁଲାନ୍ସ-ବାଇକ୍ ଧକ୍କା: ମା',ବାପା, ଝିଅ ମୃତ



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

ଧର୍ମଶାଳା, ୨୫।୯ (ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ନେଉଳପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଆମ୍ବୁଲାନ୍ସ-ବାଇକ୍ ମୁହାଁମୁହିଁ ହେବା ଫଳରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଅଞ୍ଚଳର ଶଙ୍କର୍ଷଣ ସାହୁ (୩୪), ତାଙ୍କ ସ୍ତ୍ରୀ ମାମିନା(୨୮) ଓ ଝିଅ ସମ୍ପୂର୍ଣ୍ଣା (୭)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଆମ୍ବୁଲାନ୍ସରେ ଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ସୁସ୍ଥ ଥିବା ବେଳେ ଆମ୍ବୁଲାନ୍ସ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ କହିଛି।

ଘଟଣା ମୁତାବକ, ଶଙ୍କର୍ଷଣ, ମାମିନା ଓ ସମ୍ପୂର୍ଣ୍ଣା ଏକ ବାଇକ୍‌ରେ କଟକ ବିଡ଼ାନାସୀ ଅଞ୍ଚଳରୁ ଯୋଗେ ନିଜ ଘରକୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଆମ୍ବୁଲାନ୍ସ ନେଉଳପୁର ଛକ ନିକଟରେ ତାଙ୍କ ଗାଡ଼ିକୁ ସାମନା ପଟୁ ଧକ୍କା ଦେଇଥିଲା। ଫଳରେ ୩ ଜଣ ଯାକ ବାଇକ୍‌ରୁ ଛିଟ୍‌କି ପଡ଼ିଥିଲେ। ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ଆମ୍ବୁଲାନ୍ସ ପୋଡ଼ି ଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଅନ୍ୟପଟେ ଆମ୍ବୁଲାନ୍ସରେ ଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଚଣ୍ଡିଖୋଲ ଦମକଳ ବାହିନୀ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୋଲିସ ଦୁର୍ଘଟଣାଗସ୍ତ ଆମ୍ବୁଲାନ୍ସ (ନଂ-ଓଡି ୨୨ ଏନ ୪୯୫୭) ଓ ବାଇକ୍‌କୁ ଜବତ କରିବା ସହ ମାମଲା (ନଂ.-୩୯୫/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ଚାଲିଥିବାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗାଡ଼ିମୋଟର ଚଳାଚଳ କରୁଛି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ସ୍ଥାନୀୟ ପ୍ରଶାସନ ଓ ଦାୟିତ୍ୱରେ ଥିବା ଠିକାସଂସ୍ଥା ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ବିସ୍ଥାପିତ ପାଇଥିବା ଜାଗାକୁ ନେଇ କେଁ

ପୁରୀ ଅଫିସ, ୨୫।୯

**ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ**



ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ ପାଇଁ ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି ସେମାନେ ନିଜ ଭିଟାମାଟି ଛାଡ଼ିଦେଲେ। ଏହାପରେ ଘର କରିବା ନିମନ୍ତେ କେତେଜଣ ବିସ୍ଥାପିତ ସରକାରଙ୍କ ପକ୍ଷରୁ ଜାଗା ପାଇଲେ। ତେବେ ସମ୍ପୃକ୍ତ ଜାଗାକୁ ନେଇ ଉଠିଛି କେଁ। ଏହା ବିବାଦୀୟ ଜାଗା ବୋଲି ବାସେଲିସାହି ମୌଜାର କେତେକ ବ୍ୟକ୍ତି ଅଭିଯୋଗ ଆଣିଛନ୍ତି।

ଶ୍ରୀମନ୍ଦିର ଐତିହ୍ୟ କରିଡର ଲାଗି ମେଘନାଦ ପାଚେରୀ କଡ଼ରୁ ୭୫ ମିଟର ମଧ୍ୟରେ ଥିବା ୫ଟି ମୌଜାର ଲୋକେ ସରକାରଙ୍କୁ ଜମି ବିକ୍ରି କରିଥିଲେ। ପୁନର୍ବାସ ଓ ଥଇଥାନ ଯୋଜନା ଅନୁଯାୟୀ ସରକାର ବାସେଳି ସାହିର ୭ ବିସ୍ଥାପିତ ପରିବାରକୁ ଲୋକନାଥ ରୋଡ୍ ମଙ୍ଗଳାଘାଟ ମୌଜାରେ ୧୦୦୦ ବର୍ଗଫୁଟ ଲେଖାଏ ଜମି ଦେଇଥିଲେ। ସେମାନଙ୍କ ନାଁରେ ବିକ୍ରି କବଲା ଏବଂ ପଟା ବି କରାଯାଇଛି। ହେଲେ ତାହା ଏକ ବିବାଦୀୟ ଜାଗା ବୋଲି ଶୁକ୍ରବାର ଏହି ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି। ଜଣେ ବ୍ୟକ୍ତି ସେହି ଜାଗାକୁ ନିଜର ବୋଲି ଦାବି କରିବା ସହ ଘର କରିବାକୁ ମନା କରୁଛନ୍ତି। ତେଣୁ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଐତିହ୍ୟ କରିଡ଼ର ଲାଗି ଅଧିଗୃହୀତ ଅଞ୍ଚଳରେ ଥିବା ବାସଗୃହ ପାଇଁ ପୁନର୍ବାସ ଓ ଥଇଥାନ ଯୋଜନାରେ ୩ଟି ଇଚ୍ଛାଧୀନ ସହାୟତା ବ୍ୟବସ୍ଥା ରହିଥିଲା। ଏଥିମଧ୍ୟରେ ଏକାକାଳୀନ ୩୦ଲକ୍ଷ ଟଙ୍କା ସହାୟତା, ଶ୍ରୀମନ୍ଦିରର ଦେଢ କିଲୋମିଟର ମଧ୍ୟରେ ଥଇଥାନ କଲୋନୀରେ ୫୨୦ ବର୍ଗଫୁଟର ଘର କିମ୍ବା ମନ୍ଦିରର ୨ କିମି ଭିତରେ ୧୦୦୦ ବର୍ଗଫୁଟର ଜାଗା ଦେବାକୁ ସରକାର ଘୋଷଣା କରିଥିଲେ। ସେହି ଅନୁଯାୟୀ ବାସେଳିସାହିର ୭ ପରିବାର ଶ୍ରୀମନ୍ଦିରର ୨ କିମି ଭିତରେ ଜାଗା ନେବାକୁ ରାଜି ହୋଇଥିଲେ। ପ୍ରଶାସନ ମଧ୍ୟ ସେମାନଙ୍କୁ ଜାଗା ଦେଇଥିଲା। ଜମି ପାଇଥିବା ପରିବାରଙ୍କ ଉପସ୍ଥିତିରେ ଗତ ଅଗଷ୍ଟ ୨୬ରେ ଭୂମି ପୂଜା ହୋଇଥିଲା।

ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସେମାନଙ୍କ ନାଁରେ ଜମି ରେକର୍ଡ କରାଯାଇଛି। ଯଦି କିଛି ଅସୁବିଧା ହେଉଛି ତେବେ ପ୍ରଶାସନ ଏବଂ ପୋଲିସକୁ ଜଣାଇବା ଉଚିତ ହେବ।


UNIVERSITY LAW COLLEGE
UTKAL UNIVERSITY, VANI VIHAR,
BHUBANESWAR-04, Tel: 0674-2589507

No. ULC / 213 / 2020 Date : 24.09.2020

ADMISSION NOTICE FOR
3 YEAR LL.B (HONS.) COURSE, 2020-2021

The candidates desirous of seeking admission into 3 year LL.B (Hons.) courses (Semester) under Choice Based Credit System at University Law College, Vani Vihar, Bhubaneswar.

NUMBER OF SEATS
80 (Eighty) with reservation of seats as per Government of Odisha Rules / BCI Rules.

ELIGIBILITY CRITERIA
The candidates must have secured at least 45% of marks for General and 40% of marks for SC/ST categories in aggregate at B.A / B.Sc / B.Com (10+2+3 pattern) or in any equivalent examination.

COST OF THE FORM
Application Forms may be obtained by depositing Rs. 500/- (Rupees five hundred only) by cash at the college counters. The same Application From may be down loaded from the college website and filled-in application from may be sent along with Rs.500/- (Rupees five hundred only) in the shape of D.D. / Banker's Cheque drawn in favour of the Principal, University Law College, Bhubaneswar Payable at Bhubaneswar.

Availability of Form : From 28th September 2020 (Working days only) (9:00 A.M. to 12:00 Noon)
Last date of Sale & Submission of Form : 02.11.2020 by 2 PM or 14 days from the date of publication of Utkal University Result (+3 Arts/ Sc./Commerce) by 2.00 PM whichever is later.
Course Fee : As in the Prospectus.
Publication of Merit List : 10th November 2020 (Tuesday)
Selection for Admission : Selection for admission will be made on the basis of last qualifying examination (+3 Arts / Science / Commerce or equivalent examination) marks only in order of merit as per the guideline of Dept. of Higher Education, Govt. of Odisha.

For details, please visit our website : www.universitylawcollegebbsr.org

Dr. Prativa Panda (Principal)
University Law College, Bhubaneswar-751004


# ବିଜୁ ଛାତ୍ର ଜନତା ଦଳ ରାଜ୍ୟ, ଜିଲା ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

- ଅବିନାଶ, ପ୍ରଶାନ୍ତ, ରାଜେଶ କାର୍ଯ୍ୟକାରୀ ସଭାପତି
- ଈପ୍‌ସିତା ମହାସଚିବ
- ୩ ଉପସଭାପତି, ୬ ଜୋନ ସଭାପତି, ୧୧ ଉପସଭାପତି, ୪୦ ସାଧାରଣ ସମ୍ପାଦକ, ୪୪ ଜଣ ସମ୍ପାଦକ, ୩୨ ଜିଲା ସଭାପତି ନିଯୁକ୍ତ

ବିଜୁ ଯୁବ ଜନତା ଦଳ ପରେ ବିଜୁ ଛାତ୍ର ଜନତା ଦଳର ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ଛାତ୍ର ଜନତା ଦଳର ନୂତନ ରାଜ୍ୟ କର୍ମକର୍ତ୍ତା ଓ ଜିଲା ସଭାପତିମାନଙ୍କୁ ନିଯୁକ୍ତି ଦିଆଯାଇଛି। ବିଜୁ ଜନତା ଦଳର ସାଧାରଣ ସମ୍ପାଦକ (ଛାତ୍ର ବ୍ୟାପାର) ବ୍ୟୋମକେଶ ରାୟ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ଅବିନାଶ ଠାକୁର, ପ୍ରଶାନ୍ତ ପଣ୍ଡା ଏବଂ ରାଜେଶ ରାଜ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଈପ୍‌ସିତା ସାହୁଙ୍କୁ ସେକ୍ରେଟାରୀ ଜେନେରାଲ (ମହାସଚିବ) ଏବଂ ବରିଷ୍ଠ ଉପସଭାପତି ଭାବେ ଅଜିତ୍ ବେହେରା, ବିଶ୍ୱ ପ୍ରତାପ ସାହୁ ଏବଂ ସ୍ୱାଗତିକା ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ଜୋନ୍ ସଭାପତି ଭାବେ ୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱର ଜୋନ୍ ସଭାପତି ଭାବେ ଭଗବାନ ସାହୁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ କଟକ ସ୍ମୃତି ରଞ୍ଜନ ଦାସ, ଗଞ୍ଜାମ ଜ୍ୟୋତିରଞ୍ଜନ ସାହୁ, ସମ୍ବଲପୁର ମିଲନ୍ ହୋତା, ବଲାଙ୍ଗୀର ଚିରାଗ ସିଂଦେଓ ଏବଂ କୋରାପୁଟ ପାଇଁ ଶିବରାଜ ଖଣ୍ଡପାଣିଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହିତ ଅପୂର୍ବ ଅପରୂପା, ବୈଶାଖୀ ନନ୍ଦ, ସ୍ଥିତପ୍ରଜ୍ଞ ଦାସ, ଅବିନାଶ ପଟେଲ, କମଳ ଜ୍ୟୋତି ଦାସ, ଚିନ୍ମୟ ଦାସ, ପ୍ରଦୋଷ ପରିଡା, ବିଜୟ ବାସନ୍ତିଆ, ଶିବବ୍ରତ ନାୟକ, ଭବାନୀ ଶଙ୍କର ସାହୁ ଏବଂ ଭବାନୀ ଶଙ୍କର ଦାସଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହାଛଡା ଛାତ୍ର ବିଜେଡିରେ ୪୦ ଜଣ ସାଧାରଣ ସମ୍ପାଦକ, ୪୪ ଜଣ ସମ୍ପାଦକ ଏବଂ ୩୩ ଜଣଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

ଏଥିସହିତ ୩୨ଟି ଛାତ୍ର ବିଜେଡି ଜିଲା ସଂଗଠନର ସଭାପତି ନିଯୁକ୍ତି କରାଯାଇଛି। ବଲାଙ୍ଗୀର ପାଇଁ ସିମେବ ୱାକାସ, ରାଉରକେଲା ରାଣା ପ୍ରତାପ ସିଂ, ସୁନ୍ଦରଗଡ ସେହବାଜ ହୁସେନ, ପୁରୀ ରାଜେଶ ରଥ, ବୌଦ୍ଧ ସଂଗ୍ରାମ କେଶରୀ ଦାସ, ନୟାଗଡ ନୀଳମାଧବ ପଣ୍ଡା, ଗଞ୍ଜାମ ପ୍ରଶାନ୍ତ ପଣ୍ଡା, ସୋନପୁର ଶାଶ୍ୱତ ମିଶ୍ର, ଢେଙ୍କାନାଳ ସୁରଜ ମହାପାତ୍ର, ଝାରସୁଗୁଡା ପଳାଶ କର୍ମକାର, ଅନୁଗୋଳ ରାଜୀବ ଲୋଚନ ଦାସ, ମାଲକାନଗିରି ତାପସ ନାୟକ ଏବଂ ରାୟଗଡା ଜିଲା ସଭାପତି ଭାବେ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି କଳାହାଣ୍ଡି ଜିଲାର ସଭାପତି ଭାବେ ଅଜିତ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ମୟୂରଭଞ୍ଜ-୧ ସୁନୀଲ ନାୟକ, ମୟୂରଭଞ୍ଜ-୨ ଅନିଶ ମାନା, କେନ୍ଦୁଝର ଅବିନାଶ ପଟ୍ଟନାୟକ, ଭଦ୍ରକ ଦୀପ୍ତି ସୂର୍ଯ୍ୟବିଶ୍ୱାଳ, ଯାଜପୁର ସୌମ୍ୟ ପ୍ରକାଶ ବିଶ୍ୱାଳ, ଖୋର୍ଦ୍ଧା ବିଶ୍ୱଦୀପ ପ୍ରଧାନ, ନୂଆପଡା ଅମିତ କୁମାର ସିଂଦେଓ, କୋରାପୁଟ ଶଶାଙ୍କ ମିଶ୍ର, ସମ୍ବଲପୁର ସିଦ୍ଧାନ୍ତ ମହାନ୍ତି, ବରଗଡ କରଣ ସିକନ୍ଦର, କେନ୍ଦ୍ରାପଡା ପ୍ରଦୀପ ସାହୁ, କଟକ ସିଟି ସଞ୍ଜୟ ପଟ୍ଟନାୟକ, କଟକ ଅସିଫ ଅମିନ, କନ୍ଧମାଳ ସୁନୀଲ ସେଠୀ ଏବଂ ନବରଙ୍ଗପୁର ଜିଲାର ସଭାପତି ଭାବେ ସୁଧାଂଶୁ ଦାସ, ଗଜପତି ବିଶ୍ୱଜିତ୍ ତ୍ରିପାଠୀ, ଭୁବନେଶ୍ୱର ସୁବାସ ସାହୁ ଓ ଦେବଗଡ଼ ଭବାନୀଶଙ୍କର ସାହୁଙ୍କୁ ଜିଲା ସଂଗଠନ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ଗୁଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଜିଏସ୍‌ଟି ନିୟମକୁ କେନ୍ଦ୍ରର ...

ସ୍ଥିତିରେ ଅଧାବାଟରେ ଛାଡି ଦେବା କେନ୍ଦ୍ରର ଆଭିମୁଖ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟଗୁଡିକୁ କନ୍‌ସୋଲିଡେଟେଡ ଫଣ୍ଡ ଅଫ୍ ଇଣ୍ଡିଆ(ସିଏଫ୍‌ଆଇ)ରୁ କ୍ଷତିପୂରଣ ଦିଆଯାଇପାରିବ ନାହିଁ ବୋଲି ନିକଟରେ ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସ୍ପଷ୍ଟୀକରଣ ବର୍ତ୍ତମାନ ବିରୋଧାଭାସ ସୃଷ୍ଟି କରୁଥିବା ସିଏଜି ଜାଣିବାକୁ ପାଇଛନ୍ତି। ସେସ୍ ସଂଗ୍ରହ ଉନ୍ନତ ନ ହେଲେ କ୍ଷତିପୂରଣ ଦେବା ଲାଗି କେନ୍ଦ୍ର ବାଧ ନୁହେଁ ବୋଲି ଆର୍ଟର୍ନି ଜେନେରାଲ କହିବା ପରେ ଅର୍ଥମନ୍ତ୍ରୀ ଏଭଳି ମତ ରଖିଥିଲେ। ଆର୍ଥିକ ବର୍ଷ ୨୦୧୭-୧୮ ଏବଂ ୨୦୧୮-୧୯ରେ କେନ୍ଦ୍ର ସରକାର ପ୍ରାୟ ୪୭,୨୭୧ କୋଟି ଟଙ୍କା ସ୍ଥାୟୀ ପାଣ୍ଠିକୁ କ୍ରେଡିଟ୍ ନ କରିବା ଫଳରେ ନିୟମକୁ ସିଧାସଳଖ ଅବମାନନା କରାଯାଇଛି ବୋଲି ରିପୋର୍ଟରୁ ଜଣାପଡିଛି। ଜିଏସ୍‌ଟିରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦେବା ପ୍ରସଙ୍ଗକୁ ନେଇ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟଣାଓଟରା ଲାଗି ରହିଛି। କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୨ଟି ବିକଳ୍ପ ପ୍ରଦାନ କରିଛନ୍ତି। ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି ଋଣ କିମ୍ବା ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଣ ନେଇ ସ୍ପଷ୍ଟ କରିବାକୁ ରାଜ୍ୟଗୁଡିକୁ ସମୟ ଦିଆଯାଇଥିଲା। ପ୍ରାୟ ୨୧ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଥମ ବିକଳ୍ପ ସପକ୍ଷରେ ମତ ଦେଇଛନ୍ତି। ଆଗାମୀ ଜିଏସ୍‌ଟି ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉପରେ ଚୂଡାନ୍ତ ନିଷ୍ପତ୍ତି ହେବ। କରୋନା ମହାମାରୀ ଯୋଗୁ ଚଳିତ ଆର୍ଥିକ ବର୍ଷ ଜିଏସ୍‌ଟି ସଂଗ୍ରହ କମିଛି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ କ୍ଷତିପୂରଣ ରାଶି ପ୍ରଦାନ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। କେନ୍ଦ୍ରର ଏଭଳି ଆଭିମୁଖ୍ୟକୁ ବିଭିନ୍ନ ରାଜ୍ୟ ବିରୋଧ କରିଥିବା ବେଳେ ରାଜସ୍ୱ କମିଥିବାରୁ ବାଧହୋଇ କୌଣସି ବିକଳ୍ପ ବାଛିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା କେରଳ ଭଳି ଆଉ କେତେକ ରାଜ୍ୟ ସେମାନଙ୍କ ମତ ରଖି ନାହାନ୍ତି। ଗତ କିଛିଦିନ ତଳେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର କହିଥିଲେ, କେନ୍ଦ୍ର ବଳପୂର୍ବକ ରାଜ୍ୟ ଉପରେ ଏଭଳି ନିଷ୍ପତ୍ତି ଲଦି ଦେଇଛି। ଅର୍ଥମନ୍ତ୍ରୀ ସୀତାରାମନ କୋଭିଡ୍‌କୁ ଆକ୍ଟ ଅଫ୍ ଗଡ୍ କହିବା ପରେ ଏହି ପ୍ରସଙ୍ଗକୁ ବିରୋଧୀ କଡ଼ା ସମାଲୋଚନା କରିଥିଲେ।

## ୨ଲକ୍ଷ ଟପିଲା ...

ଜିଲା କିଛିଦିନ ହେବ ଲଗାତାର ପ୍ରଥମ ସ୍ଥାନରେ ରହି ଆସୁଛି। ଏବେ ଏହି ଜିଲାରୁ ପୁଣି ସର୍ବାଧିକ ୭୨୫ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୪,୧୭୮ରେ ପହଞ୍ଚିଛି। ସେହିଭଳି କଟକରୁ ପୁଣି ଦ୍ୱିତୀୟ ସର୍ବାଧିକ ୪୬୫ ସଂକ୍ରମିତ ହୋଇଥିବାବେଳେ ଯାଜପୁର ୨୩୭, ପୁରୀ ୧୯୯, ଅନୁଗୋଳ ୧୯୪, ଜଗତ୍‌ସିଂହପୁର ୧୮୧, ନୂଆପଡ଼ା ୧୭୫, ମୟୂରଭଞ୍ଜ ୧୫୪, ନବରଙ୍ଗପୁର ଓ ସମ୍ବଲପୁରରୁ ୧୩୧ଜଣ ଲେଖାଏ, ବାଲେଶ୍ୱର ୧୧୮, ବରଗଡ଼ ୧୧୪, କଳାହାଣ୍ଡି ୧୧୬, କେନ୍ଦ୍ରାପଡ଼ା ୧୧୦ ଓ କନ୍ଧମାଳରୁ ୧୦୨ ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତ ସଂଖ୍ୟା ଏହାଠାରୁ କମ୍ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି। ଅନ୍ୟପଟେ ରାଜ୍ୟରେ ଆଉ ୧୫ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପୁରୀ ୩, ମୟୂରଭଞ୍ଜ ୨, ଅନୁଗୋଳ, ବଲାଙ୍ଗୀର, କଟକ, କନ୍ଧମାଳ, କେନ୍ଦ୍ରାପଡ଼ା ଓ ରାୟଗଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟର ମୋଟ କରୋନାଜନିତ ମୃତ୍ୟୁ ୭୬୭ ଛୁଇଁଛି। ତେବେ ଆରୋଗ୍ୟ ହାର ଅଧିକ ରହୁଥିବାରୁ ଆଶ୍ୱସ୍ତି ମିଳୁଛି। ଦିନକରେ ରେକର୍ଡ ସଂଖ୍ୟକ ୪,୩୮୮ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୧,୬୫,୪୩୨କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୩୪,୮୪୪ଜଣ ସକ୍ରିୟ ରୋଗୀ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ବିରୋଧ, ବିକ୍ଷୋଭ

ଓଡ଼ିଶାର ୯୨ ଭାଗ କୃଷକ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ। ଆମ ଦେଶର ଅଧିକାଂଶ କୃଷକ ହେଉଛନ୍ତି କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ ଚାଷୀ। ଏହାଦ୍ୱାରା କୋଟି କୋଟି ସାଧାରଣ ଖାଉଟି ମଧ୍ୟ ପ୍ରଭାବିତ ହେବେ। ବୃହତ୍ କମ୍ପାନୀଗୁଡିକ କୃଷି ଜମି ଅଧିଗ୍ରହଣ, କୃଷି ଉତ୍ପାଦନ ଏବଂ କୃଷି ବ୍ୟବସାୟ ଉପରେ ନିଜର ଏକଚାଟିଆ ଅଧିକାର ଜାହିର କରିବେ। ରାଜଧାନୀଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପିକେଟିଂ, ଧାରଣା, ବିକ୍ଷୋଭ, ପଟୁଆର, ସଭା ଓ ରାସ୍ତା ଅବରୋଧ ଜରିଆରେ କୃଷକମାରଣ କୃଷି ବିଲ୍‌କୁ ବିରୋଧ କରାଯାଇଛି। ରାଜଧାନୀରେ ମିଳିତ ପ୍ରତିବାଦ ସାଙ୍ଗକୁ ଜୟଦେବ ବିହାର ଛକ, ପାତ୍ରପଡା ଆଇନକ୍ସ ଛକ, କୃଷି ଭବନ ସମ୍ମୁଖ ଏବଂ ଡମଣାଠାରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରତିବାଦ ଆନ୍ଦୋଳନରେ ଅଲ୍ ଇଣ୍ଡିଆ କିଷାନ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଅଖିଳ ଭାରତ କୃଷକ ସଭା ରାଜ୍ୟ ସଭାପତି ଶଶି ଭୂଷଣ ସ୍ୱାଇଁ, ଅଲ୍ ଇଣ୍ଡିଆ ଅଗ୍ରଗାମୀ କିଷାନ ସଭାର ରାଜ୍ୟ ଉପଦେଷ୍ଟା ଜ୍ୟୋତିରଞ୍ଜନ ମହାପାତ୍ର, ଅଖିଳ ଭାରତ କୃଷକ ମହାସଭାର ରାଜ୍ୟ ନେତା ମହେନ୍ଦ୍ର ପରିଡା, ଇଣ୍ଡିଆନ ସୋସିଆଲ ଆକ୍ସନ ଫୋରମର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ଉପଦେଷ୍ଟା ରବି ଦାସ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। କୃଷି ବିଲ ବିରୋଧରେ କୃଷକ ସଂଗଠନଗୁଡିକୁ କଂଗ୍ରେସ ସମର୍ଥନ ଜଣାଇଛି। କୃଷକ କଂଗ୍ରେସ ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ, କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟ ନେତାମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। କେନ୍ଦ୍ର ସରକାରଙ୍କର ଏହି ଚାଷୀମାରଣ ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ। କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଓଡିଶାରେ ମଧ୍ୟ କଂଗ୍ରେସ ତରଫରୁ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସୁରେଶ ରାଉତରାୟ କହିଛନ୍ତି। ଏଥିସହିତ ଏହି ଆନ୍ଦୋଳନକୁ ବରିଷ୍ଠ ନେତା ଜନାର୍ଦ୍ଦନ ପତି, ଦୁଷ୍ମନ୍ତ ଦାସ, ପ୍ରଭାତ ପାଣିଗ୍ରାହୀ, ସୁର ଜେନା, ବିଜୟ ଜେନା, ଜୟନ୍ତ ଦାସ, ପୂର୍ଣ୍ଣ ଚନ୍ଦ୍ର ବେହେରା, ରାଧାକାନ୍ତ ସେଠୀ, ବଂଶୀଧର ପରିଡା ପ୍ରମୁଖ ସମର୍ଥନ ଜଣାଇଥିଲେ। ଏହି କୃଷକ ବିରୋଧୀ ଏବଂ ଜନ ବିରୋଧୀ ବିଲ୍‌ଗୁଡିକ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଆବାହକ ମଣ୍ଡଳୀ ତରଫରୁ କୁହାଯାଇଛି।

## ଅକ୍ଟୋବର ୨୮ରୁ ...

କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆରୋରା ଆହୁରି କହିଛନ୍ତି, ଯେଉଁମାନେ ମନ୍ଦ ଉଦ୍ଦେଶ୍ୟ ରଖି ସୋସିଆଲ୍ ମିଡିଆକୁ ବ୍ୟବହାର କରି ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା ସହ ଘୃଣା ଭାଷଣ ଦେବାକୁ ଚେଷ୍ଟା କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନିରାପତ୍ତାକୁ ଦୃଷ୍ଟିରେ ରଖାଯିବା ସହିତ ପର୍ବପର୍ବାଣି ଓ ଅନ୍ୟାନ୍ୟ କେତେକ କାରଣ ଯୋଗୁ ଭୋଟ ଗ୍ରହଣ ପର୍ଯ୍ୟାୟକୁ କମାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଅକ୍ଟୋବର ୨୮ରେ ପ୍ରଥମ ପର୍ଯ୍ୟାୟ ପାଇଁ ୭୧ ବିଧାନସଭା ନିର୍ବାଚନମଣ୍ଡଳୀ ସକାଶେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ନଭେମ୍ବର ୩ ଦ୍ୱିତୀୟ ପର୍ଯ୍ୟାୟରେ ୯୪ ନିର୍ବାଚନମଣ୍ଡଳୀ ନିମନ୍ତେ ମତାଦାନ ହେବ। ସେହିଭଳି ନଭେମ୍ବର ୭ରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟରେ ୭୮ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ସମସ୍ତ ୨୪୩ ଆସନ ପାଇଁ ନଭେମ୍ବର ୧୦ରେ ଭୋଟଗଣତି ହେବ ବୋଲି ଆରୋରା କହିଛନ୍ତି। ଏଥିସହିତ ପ୍ରାର୍ଥୀଙ୍କ ପ୍ରଚାର ଉପରେ କଟକଣା ଲଗାଯାଇଛି। ଘରକୁ ଘର ବୁଲି କରାଯାଉଥିବା ନିର୍ବାଚନ ପ୍ରଚାର ବେଳେ କରୋନା ଭୂତାଣୁ ଯେଭଳି ନ ବ୍ୟାପିବ ସେଥିଲାଗି ପ୍ରାର୍ଥୀଙ୍କୁ ମିଶାଇ ସମୁଦାୟ ୫ ଜଣ ଲୋକଙ୍କୁ ଅନୁମତି ଦିଆଯାଇଛି। କିନ୍ତୁ ଏଥିରୁ ନିରାପତ୍ତା କର୍ମୀଙ୍କୁ ବାଦ୍ ଦିଆଯାଇଛି। ରୋଡ୍ ଶୋ ବେଳେ ଏକ ସଙ୍ଗେ ୧୦ ଗାଡ଼ି ପରିବର୍ତ୍ତେ ୫ ଟି ବ୍ୟବହାର କରିବା ଲାଗି କୁହାଯାଇଛି। ପୁଣି ଦୁଇଟି ଗାଡ଼ି ମଧ୍ୟରେ ୧୦୦ ମିଟର ଦୂରତା ପରିବର୍ତ୍ତେ ଅଧଘଣ୍ଟାର ବ୍ୟବଧାନ ରଖାଯାଇଛି। ସେହିପରି ପ୍ରାର୍ଥିପତ୍ର ଦାଖଲ ବେଳେ କେତେ ଗାଡ଼ି ଓ କେତେ ଲୋକ ପ୍ରାର୍ଥୀଙ୍କୁ ସମର୍ଥନ କରି ଯିବେ, ସେଥିଲାଗି ନିୟମରେ ପରିବର୍ତ୍ତନ କରାଯାଇଛି। ନାମାଙ୍କନ ପତ୍ର ଦାଖଲ ଓ ସତ୍ୟପାଠ ଦେବା ଲାଗି ପ୍ରାର୍ଥୀ ଚାହିଁଲେ ଅନ୍‌ଲାଇନ୍‌ରେ ସବୁକିଛି କରିପାରିବେ ବୋଲି ଏକ ଇଚ୍ଛାଧୀନ ସୁବିଧା ରଖାଯାଇଛି। ପ୍ରଥମ ଥର ପାଇଁ ପ୍ରାର୍ଥୀମାନେ ଅମାନତ ରାଶି ଅନ୍‌ଲାଇନରେ ପଇଠ କରିପାରବେ ବୋଲି କମିଶନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କୋଭିଡ୍- ୧୯ ମହାମାରୀ ସମୟରେ ବିହାର ବିଧାନସଭା ନିର୍ବାଚନକୁ ସ୍ଥଗିତ ରଖିବା ପାଇଁ ଶୁକ୍ରବାର ସୁପ୍ରିମକୋର୍ଟରେ ଆବେଦନ ହୋଇଥିଲା। ଏହାର ଶୁଣାଣି ସର୍ବୋଚ୍ଚ ଅଦାଲତ କରିପାରିବେ ନାହିଁ ବୋଲି କହିଛନ୍ତି। ଯଦି ଆବେଦନକାରୀ ଚାହିଁବେ ତେବେ ସେ ଏ ନେଇ ନିର୍ବାଚନ ଆୟୋଗଙ୍କ ନିକଟରେ ନିବେଦନ କରିପାରିବେ ବୋଲି ବିଚାରପତି ଅଶୋକ ଭୂଷଣ, ଆର୍. ସୁବାସ ରେଡ୍ଡୀ ଏବଂ ଏମ୍. ଆର. ଶାହଙ୍କୁ ନେଇ ଗଠିତ ପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ପରଲୋକରେ ବାଲସୁବ୍ରମଣ୍ୟମ୍

ଶୋକବାର୍ତ୍ତା ମାଧ୍ୟମରେ ଅଗଣିତ ବ୍ୟକ୍ତି 'ବାଲୁ'ଙ୍କୁ ମନେପକାଇବା ସହ ତାଙ୍କ କୃତିଗୁଡ଼ିକୁ ସାଉଣ୍ଟିବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ତାଙ୍କ ସହଧର୍ମିଣୀ ସାବିତ୍ରୀ, ଝିଅ ପଲ୍ଲବୀ ଓ ପୁଅ ଏସ୍‌ପି ଚରଣଙ୍କ ନିକଟକୁ ସମବେଦନାର ସୁଅ ଛୁଟିବାରେ ଲାଗିଛି। ବାଲୁଙ୍କ ଜନ୍ମ ୧୯୪୬ ଜୁନ୍ ୪ରେ ଆନ୍ଧ୍ରପ୍ରଦେଶ ନେଲୋର ଜିଲାର କୋନେଟାମ୍ମାପେଟା ଗ୍ରାମର ତେଲୁଗୁ ପରିବାରରେ ହୋଇଥିଲା। ସେ ସଙ୍ଗୀତ ନିର୍ଦ୍ଦେଶକ, ଅଭିନେତା, ଡବିଂ କଳାକାର ଏବଂ ଚଳଚ୍ଚିତ୍ର ନିର୍ମାତା ମଧ୍ୟ ଥିଲେ। ତାଙ୍କ ବାପା ଏସ୍‌ପି ସାମ୍ବାମୂର୍ତ୍ତି ଜଣେ ହରିକଥା କଳାକାର ଥିଲେ। ବାଲୁଙ୍କ ୨ ଭାଇ ଓ ୫ ଭଉଣୀ ଥିବାବେଳେ ଭଉଣୀ ଏସ୍‌ପି ଶୈଳଜା ଜଣେ ଗାୟିକା। ତାଙ୍କ ପୁଅ ଏସ୍‌ପି ଚରଣ ଦକ୍ଷିଣ ଭାରତର ଜଣେ ଜଣାଶୁଣା ଗାୟକ, ଅଭିନେତା ଓ ପ୍ରଯୋଜକ। ବାଲୁ ୧୯୬୬ ଡିସେମ୍ବର ୧୫ରେ ପ୍ରଥମ କରି ତେଲୁଗୁ ଚଳଚ୍ଚିତ୍ର 'ଶ୍ରୀ ଶ୍ରୀ ଶ୍ରୀ ମର୍ଯ୍ୟାଦା ରାମନା' ପାଇଁ ଗୀତ ଗାଇଥିଲେ। ଏହାପରେ କନ୍ନଡ଼, ତାମିଲ, ମାଲୟାଲମ, ହିନ୍ଦୀ ଚଳଚ୍ଚିତ୍ର ପାଇଁ ଏକାଧିକ ଗୀତ ଗାଇ ଲୋକପ୍ରିୟ ହୋଇପାରିଥିଲେ। ବିଶେଷକରି ବଲିଉଡ ଅଭିନେତା ସଲମାନ ଖାନଙ୍କ ସ୍ୱର ଥିଲେ ବାଲୁ। ତାଙ୍କ ଆକର୍ଷଣୀୟ ସ୍ୱର ଯୋଗୁ 'ମୈନ ପ୍ୟାର୍ କିୟା' ଏବଂ 'ହମ୍ ଆପ୍‌କେ ହୈ କୌନ୍' ଭଳି ଚଳଚ୍ଚିତ୍ରର ଗୀତଗୁଡ଼ିକ ଆଜି ମଧ୍ୟ ବିଭିନ୍ନ ସ୍ଥାନରେ ଶୁଣିବାକୁ ମିଳୁଛି। ୬ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ବାଲୁ ଅଧିକାଂଶ ଚଳଚ୍ଚିତ୍ର ଗୀତରେ ସ୍ୱର ଦେଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ତାଙ୍କୁ ୨୦୦୧ରେ ପଦ୍ମଶ୍ରୀ ଏବଂ ୨୦୧୧ରେ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ। ବିବାଦୀୟ ଘଟଣାଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ** କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇପାରନ୍ତି। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧାଉଡ କରିବାକୁ ପଡିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** ପୂର୍ବ କଥାକୁ ଦୋହରାଇ ପାଖ ପଡୋଶୀ, ଆତ୍ମୀୟ ସ୍ୱଜନଙ୍କ ସହ ସମ୍ପର୍କ ହ୍ରାସ ଘଟିପାରେ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଜମିଜମା ସମ୍ପର୍କିତ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ।

**କର୍କଟ** ପ୍ରିୟଜନଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରିବା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି । ପରିବାର ସଦସ୍ୟମାନଙ୍କ ନିକଟରୁ ସ୍ନେହ ଶ୍ରଦ୍ଧାନୁରାଗୀ ହୋଇପାରନ୍ତି।

**ସିଂହ** ଆଜି ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ,ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ସହ ଭ୍ରମଣରେ ଯିବାକୁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**କନ୍ୟା** ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**ତୁଳା** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହୁ ନ ଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। ଆଜି ଦିନଟିରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ।

**ବିଛା** କର୍ମକ୍ଷେତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟ ସମ୍ପର୍କୀୟମାନେ ଶତ୍ରୁତା କରିପାରନ୍ତି। ଭୁଲ୍ ବୁଝାମଣା ଜନିତ ସୁସମ୍ପର୍କ ନଷ୍ଟ ହେବାର ଆଶଙ୍କା ଦେଖାଦେବ।

**ଧନୁ** ଆଜି କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁଙ୍କ ସହ ଝଗଡା ଲାଗିପାରେ। ପୂର୍ବାଷାଢ଼ା ନକ୍ଷତ୍ରର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ଆଜି ଆପଣ ପାଖ ପଡ଼ୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ସନ୍ଧ୍ୟାରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗିରହିବ । ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ । ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ ।

**ମୀନ** ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବାର ସୂଚନା ରହିଛି। ଉତ୍ତରଭାଦ୍ରପଦ ନକ୍ଷତ୍ର ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। ଅପରାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ । ଅଟକି ରହିଥିବା କାମଟି ଅପରାହ୍ନେ ଆଶା କରୁଥିବା କାମ ସମ୍ପନ୍ନ ହୋଇଯିବ।

ଆଜି ଆଶ୍ୱିନ ମଳଶୁକ୍ଳପକ୍ଷ ଦଶମୀ ଶନିବାର, ସେପ୍ଟେମ୍ବର ୨୬ ଶୁକ୍ରବାର, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ସିଂହ ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୨୯ମି. ଗତେ ଘ.୦୬.୨୭ମି.ମଧ୍ୟେ, ଘ.୦୭.୧୫ମି.ଗତେ ଘ.୦୯.୩୮ମି. ମଧ୍ୟେ, ଘ.୧୨.୦୧ମି. ଗତେ ଘ.୦୩.୧୨ମି. ମଧ୍ୟେ, ଘ.୦୪.୦୦ମି.ଗତେ ଘ.୦୫.୩୫ମି. ମଧ୍ୟେ, ରାତ୍ରି ଘ.୦୨.୨୬ମି. ଗତେ ଘ.୦୩.୧୫ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୮.୩୮ମି.ଗତେ ଘ.୧୦.୦୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Hyundai i20, Indica, Elentra 2005, Bolero-2011, Bolero-2018. Contact: 8249459742, 7381091234. D-69175




**SALE**

For sale/rent about 5 acres of land with over 50,000sqft built-up area, RCC & asbestos adjoining National Highway, Sergarh, Balasore. Contact: 9937090690, Email:- saudagar30@gmail.com. D-18369

ଫୁଲନଖରା Grandbazar ବମ୍ପକୁଦ ପାଖରେ immediate ଘର କରିବା plot ତୁରନ୍ତ ବିକ୍ରିହେବ। 9938991256. D-18364

ଭୁବନେଶ୍ୱର, ରଙ୍ଗବଜାର, 2nd BJEM School ନିକଟରେ ଅଗ୍ରିମ boundarywall, Electric ଏବଂ 30feet road sqft- 850/- ଦିଆଯାଉଅଛି। 7008045582, 9692003948. D-18355

**Gharabari plots at Atala, Balianta, Bhingarpur & Bagalpur immediate possession & registration. Contact: 9437147826, 9658894066.** D-18299

For selling of 2 Nos. Plots of Land (1) At and near Patia Railway Station and 1.5 Km. from Patia Big Bazaar (2586 Sq.ft. area in Maroon Zone (Industrial Land) at Rakat Mouza. (2) At and near Mathematical Institute, Chandaka at Sunderpur Mouza (2000 Sq.ft. in Yellow Zone) (3) Flat (3 BHK) at and near Nuagaon Indian Oil Petrol Pump, At- Gouri Enclave and at Samantarapur (1595 Sq.ft.) in 2nd Floor of the building. Contact Mobile: 9938138185. GST - 21AAUPG4183A1Z1. Wanted Brokers. D-69023

କଟକ- ଭୁବନେଶ୍ୱର **Twincity** ର **middle point**ରେ **walkable distance**ରେ ବାସୋପଯୋଗୀ ଘରବାରି **plot** ସୁଲଭମୂଲ୍ୟରେ କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438362273.** D-69169

**Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999.** D-69916

ଭୁବନେଶ୍ୱର ସୁନ୍ଦରପଦା **Xavier University** ନିକଟରେ **sqft- 199/- plot** ବିକ୍ରିହେବ। **9337285332, 6372047313.** D-69176

**Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra road for immediate sale. Contact: 9437396718, 8763935874 during office hour.** D-69919

ଭୁବନେଶ୍ୱର ଏୟାରପୋର୍ଟ DAV ପୋଖରୀପୁଟରୁ 5k.m. କୁହା ମୌଜାରେ ଘରବାରି plot 1500sqft. 14,25,000/-, 6370476317. D-69172

**Ready to move 2/3BHK flat for sale near Airport. It provided best amenities basic price @3000/- per sft. Puja Offer 100/- per sft. 9938569014, 9861433014.** D-18276

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**Bhubaneswar Simplex, Duplex at Nakhara & Raghunathpur. Ready to move Flat 2/3 BHK at Patia, 9438166120.** D-69164

ଫୁଲନଖରା- ନିଆଳି **bypass road**ରେ ଥିବା **Synergy Engg. College**ର ସମ୍ମୁଖରୁ **walkable distance**ରେ ପିଚୁରାସ୍ତାକୁ ଲାଗି ଘରବାରି **boundary plot** ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। **6371200121.** D-69170

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**GENERAL**

**SALE**

**1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3 bath.**
**2. Verna Vehicle (Vehicle No. - OD02AX7761) Registered on 31.08.2018.**
**3. Bolero Pickup (Vehicle No. - OR02BZ9485) Registered on 28.08.2012.**
**4. Micra Vehicle (Vehicle No.- OR02BV1467) Registered on 21.01.2012. Contact No. 9873669329, 9437028801.** D-18368




300sqfeet. for office use only at Ashok Nagar near Hotel Royal Mid Town. Contact: 9439471328. D-68377

Single furnished room for working Executive, 2BHK for Family, Omfed Chhak, Chandrasekharpur. 9337199407. D-68378

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Thailand Massage Refreshments Bhubaneswar, Cuttack, Puri. 9853999966, 9853999966, 9853999966, Homeservices 9853999966@gmail.com. D-18258

Newly open SPA centre smart therapist full body massage: 7205187702. D-59963

Newly open full body massage SPA in Bhubaneswar. Contact: 7205058838. D-69758

Refresh your mind and soul with best therapy at Orchid Salon/ Spa, 9937287222. D-69546

Rejuvenate and Ayurvedic full body massage by smart therapist. 9348123330. D-69759

Get refreshment body massage by expert therapist contact for. 9556978408. D-69755

Swarna SPA newly open positively health benefits with expert therapist. 7873794731. D-69756

Newly open SPA centre smart therapist full body massage: 7846814019. D-59962

Get good massage for your health the best therapy SPA Station. 7655024727, 8118079281. D-69542

Herbal full body massage by smart / expert therapist. Contact: 8338067247. D-69752

Newly open SPA centre smart therapist full body massage: 8114970372. D-59964

**AFFIDAVIT**

By virtue of an affidavit before the Executive Magistrate, Bhubaneswar, the name of my son MILLAN KUMAR DHAL has been changed to MILAN DHAL. Henceforth.he will be known as MILAN DHAL instead of MILLAN KUMAR DHAL in all purpose. D-18370

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## କୃଷି ବିଲ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**କେନ୍ଦ୍ରାପଡ଼ା ଅଫିସ:** ଅଲ ଇଣ୍ଡିଆ କିଷାନ ସଂଘର୍ଷ ସମନ୍ୱୟ ସମିତି ଆହ୍ୱାନ କ୍ରମେ କୃଷି ବିଲ୍ ପ୍ରତ୍ୟାହାର ଦାବିରେ କେନ୍ଦ୍ରାପଡା ଜିଲାର ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କେନ୍ଦ୍ର ସରକାରଙ୍କ ଏହି କୃଷି ନୀତି ତୃଣମୂଳସ୍ତରରେ ଥିବା କୃଷକଙ୍କ ବହୁ କ୍ଷତି କରିବ ବୋଲି ଉପସ୍ଥିତ କୃଷକ ନେତାମାନେ ମତ ଦେଇଛନ୍ତି । ଏଥିସହିତ କୃଷି ବିଲ୍‌କୁ ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଜିଲା ପ୍ରଶାସନକୁ ଦିଆଯାଇଛି ।

## ସଂକ୍ଷେପରେ

### ସାଇକେଲରୁ ଖସି ପଡ଼ି ମହିଳା ମୃତ

**ନୟାଗଡ଼ ଅଫିସ/ଦଶପଲ୍ଲା,୨୫।୯ (ଡି.ଏନ୍.ଏ.):** ଟ୍ରକକୁ ସାଇଡ୍ ଦେବାବେଳେ ସାଇକେଲରୁ ଖସି ଶୁକ୍ରବାର ଜଣେ ମହିଳା ପ୍ରାଣ ହରାଇଛନ୍ତି। ସେ ହେଲେ ମହାଦେଈ ନାୟକ(୪୦), ଘର ଦଶପଲ୍ଲା ବ୍ଲକର ଜାମୁସାହି ନିକଟ ପାମ୍ପରଡା ଗାଁରେ। ରବୀନ୍ଦ୍ର ନାୟକ ସ୍ତ୍ରୀ ମହାଦେଈଙ୍କୁ ସାଇକେଲରେ ବସାଇ ବାଣିଗୋଛାରୁ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୭ଟାରେ ବାଣିଗିରି ଘାଟି ନିକଟରେ ଏକ ଟ୍ରକ ଅତିକ୍ରମ କରୁଥିଲା। ରବୀନ୍ଦ୍ର ସାଇକେଲକୁ ସାଇଡ୍ କରୁଥିବାବେଳେ ମହଦେଈ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ମୃତ ଘୋଷଣା କରିଥିବା ବାଣିଗୋଛା ଥାନା ଭାରପ୍ରାପ୍ତ ଆଇଆଇସି କିରଣ ହେମ୍ବ୍ରମ କହିଛନ୍ତି।

### ନାବାଳକ ଉଦ୍ଧାର

**ନୟାଗଡ଼ ଅଫିସ,୨୫।୯:** ପୋଲିସ ସହାୟତାରେ ନୟାଗଡ଼ ଚାଇଲ୍ଡ ଲାଇନ ଶୁକ୍ରବାର ସହରର ଖଣ୍ଡପଡା ରୋଡରୁ ଜଣେ ୧୧ବର୍ଷର ନାବାଳକଙ୍କୁ ଉଦ୍ଧାର କରିଛି। ନାବାଳକ ଠିକ୍‌ରେ କଥାବର୍ତ୍ତା କରିପାରୁ ନାହାନ୍ତି। ଉଦ୍ଧାର ନାବାଳକଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଯାଇଛି। ତାଙ୍କ ଘର ନୟାଗଡ ବ୍ଲକର ଖଣ୍ଡୁଗାଁ ଜଣାପଡିବା ପରେ ପରିବାର ସଦସ୍ୟଙ୍କୁ ଖବର ଦିଆଯାଇଛି।

### ମା’ ସିଦ୍ଧିଦାତ୍ରୀଙ୍କ କମଳା ବେଶ



**ନାଉଗାଁ,୨୫।୯(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ସରାମ୍ବୋସ୍ଥିତ ମା’ ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହେଉଛି। ଶୁକ୍ରବାର ୧୬ତମ ଶାରଦୀୟ ପାର୍ବଣ ଦିବସ ଅବସରରେ ମା’ସିଦ୍ଧିଦାତ୍ରୀଙ୍କୁ କମଳା ବେଶରେ ସୁସଜ୍ଜିତ କରାଯାଇଛି।

### ବିଭିନ୍ନ ଦାବିରେ ବିଡିଓଙ୍କୁ ସ୍ମାରକପତ୍ର

**ସିଂହପୁର, ୨୫।୯ (ଡି.ଏନ୍.ଏ) :** ବିଞ୍ଝାରପୁର ବ୍ଲକରେ ବିଭିନ୍ନ ସମସ୍ୟା ନେଇ ଏସ୍‌ୟୁସିଆଇ ପକ୍ଷରୁ ଶୁକ୍ରବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଞ୍ଝାରପୁର ବ୍ଲକର ବନ୍ୟାରେ ଭାଙ୍ଗିଯାଇଥିବା ନଦୀବନ୍ଧଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରବାସୀଙ୍କୁ ୬ଶହ ଟଙ୍କା ମଜୁରୀରେ କାମ ଯୋଗାଇଦେବା, ଯୋଗ୍ୟ ପରିବାରକୁ ରାଶନକାର୍ଡ ପ୍ରଦାନ, କୃଷି ଋଣ ଛାଡ୍, ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସଭ୍ୟ ଅଚ୍ୟୁତ ପ୍ରଧାନ, ରାଧାବଲ୍ଲଭ ମଲିକ, ତରଙ୍ଗିନୀ ଦାସ, ସଞ୍ଜୁକ୍ତା ନାୟକ, ବ୍ରହ୍ମାନନ୍ଦ ମଲିକ, ମାଧବୀ ଜେନା, କାଳନ୍ଦୀ ନାଥ, କାମଦେବ ମଲିକ ପ୍ରମୁଖ ସାମିଲ ଥିଲେ।

### ୧୦୮ ସହାୟକ ଭୋଟଗ୍ରହଣ କେନ୍ଦ୍ରର ପୁନର୍ଗଠନ ହେବ

**ଜଗତ୍‌ସିଂହପୁର ଅଫିସ,୨୫।୯:** ନଭେମ୍ବର ମାସରେ ତିର୍ତ୍ତୋଲ ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉପନିର୍ବାଚନ ହେବ। ତେଣୁ ତା ପୂର୍ବରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି, ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୦୮ଟି ସହାୟକ ଭୋଟଗ୍ରହଣ କେନ୍ଦ୍ରର ପୁନର୍ଗଠନ ହେବ। ୫ଟି ଭୋଟ ଗ୍ରହଣ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ ଅନୁମୋଦନ ଲାଭ କରିଛି। ସେହିପରି ୧୭୯ଟି ଭୋଟ ଗ୍ରହଣ କେନ୍ଦ୍ରର ନାମ ପରିବର୍ତ୍ତନକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ତେଣୁ ଲୋକେ ସେମାନଙ୍କ ଭୋଟ ଗ୍ରହଣ କେନ୍ଦ୍ର ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବାକୁ ଚାହୁଁଥିଲେ ଜିଲା ନିର୍ବାଚନ ଅଧିକାରୀ/ସମ୍ପୃକ୍ତ ଅଞ୍ଚଳର ରିଟର୍ନିଂ ଅଧିକାରୀ/ପଞ୍ଚାୟତ ସମିତି/ତହସିଲ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ। ଏହି ସୂଚନା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଦେଇଥିବା ଡିଆଇପିଆର୍‌ଓ କହିଛନ୍ତି ।

# ବେଆଇନ ପଥର ଖାଦାନ, କ୍ରଶର ଅଣାୟତ୍ତ

**ଯାଜପୁର ଅଫିସ,୨୫।୯**

ଯାଜପୁର ଜିଲା କୁସୁନପୁର ସଂରକ୍ଷିତ ଜଙ୍ଗଲରେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ଚାଲିଥିବା ଏକାଧିକ ବେଆଇନ କଳାପଥର ଖାଦାନ ଉପରେ ଜଙ୍ଗଲ ଓ ରାଜସ୍ୱ ବିଭାଗର ସଂପୃକ୍ତ ଅଧିକାରୀମାନେ ଦାୟିତ୍ୱ ଲଦାଲଦିରେ ବ୍ୟସ୍ତ ରହୁଛନ୍ତି। ଫଳରେ ଜିଲାର ବେଆଇନ ପଥର ଖାଦାନରେ ନିୟମିତ ଭାବେ ଦୁର୍ଘଟଣା ଘଟି ୧୫ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ଜୀବନ ଗଲାଣି। ଗୁରୁବାର ଅପରାହ୍ଣରେ କୁସୁନପୁର ସଂରକ୍ଷିତ କିମ୍ବା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ବେଆଇନ ପଥର ଖାଦାନରେ ପଡି ମୁରାରିପୁର ଗ୍ରାମର ଜଣେ ଶ୍ରମିକଙ୍କ ଜୀବନ ଯାଇଥିବା ଚର୍ଚ୍ଚା ହେଉଛି।

ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି, ଅଞ୍ଜିରା ଓ କୁସୁନପୁର ଜଙ୍ଗଲ କିସମ ମୌଜାର ୪୫୬.୩୪ ଏକର ଜମି କଳାପଥର ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ବଳଙ୍ଗ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାର ଯାଜପୁର ଅତିରିକ୍ତ ଜିଲାପାଳ(ଏଡିଏମ)ଙ୍କୁ ଦେଇଥିବା ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଏହିମର୍ମରେ ପରିବେଶ ଅସନ୍ତୁଳନ ଓ



କୁସୁନପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ ଖାଦାନ।

ଜଙ୍ଗଲ ନଷ୍ଟ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ତାଙ୍କ ପତ୍ରସଂଖ୍ୟା ୯୮୯/୨୮।୩।୨୦୧୯ ଓ ୪୬୧/୭।୨।୨୦୧୯ରେ କଟକ ଡିଭିଜନ ଡିଏଫଓଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ରାଜନୈତିକ ହସ୍ତକ୍ଷେପରେ କଳାପଥର ବ୍ୟବସାୟୀଙ୍କ ସହ ମୂଳଚାଲ କରି ସମ୍ପୃକ୍ତ ସରକାରୀ ଅଧିକାରୀ ଏହି ଜଙ୍ଗଲ ଜମିକୁ ଟେକି ଦେଇଥିବାରୁ ବିଭିନ୍ନ ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ପଶୁପକ୍ଷୀ ପ୍ରଭୃତି ବିପଦରେ ପଡିଛନ୍ତି ବୋଲି ଅଭିଯୋଗ ହେଉଛି। ଏହାପୂର୍ବରୁ ବଳରାମପୁର ଗ୍ରାମବାସୀ ହାଇକୋର୍ଟର ମଧ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ କୌଣସି ଧାର ଧାରୁ ନଥିବାରୁ ଜଙ୍ଗଲ ଜମି ନଷ୍ଟ

- ପ୍ରଭାବଶାଳୀଙ୍କ କବ୍‌ଜାରେ ଜଙ୍ଗଲ ଜମି
- ଅକାଳରେ ଯାଉଛି ଶ୍ରମିକଙ୍କ ଜୀବନ
- ଦାୟିତ୍ୱ ଲଦାଲଦିରେ ବ୍ୟସ୍ତ ଜଙ୍ଗଲ, ରାଜସ୍ୱ ଅଧିକାରୀ

ହେବା ସହ ଲୋକଙ୍କ ଜୀବନ ଯାଉଥିବା ମତପ୍ରକାଶ ପାଇଛି। ବିଛାଖଣ୍ଡି ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୩୮୯ର ପ୍ଲଟ ନମ୍ବର ୧୮୪୮, ୧୮୫୬, ୧୮୬୧, ୧୮୭୬, ୧୮୭୨ ଓ ୧୮୭୧, ଅଞ୍ଜିରା ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୧୭୨୯ ପ୍ଲଟ ନମ୍ବର ୧୪୭୭ ଏବଂ କୁସୁନପୁର ସଂରକ୍ଷିତ ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୬୩୧ର ପ୍ଲଟ ନମ୍ବର ୧୩୫୮, ୧୩୬୬, ୧୫୨୭ ଓ ୧୫୫୬ ର ୪୫୬.୩୪ ଏକର ଜମିରେ ବେଆଇନ କଳାପଥର ଉତ୍ତୋଳନ ହେଉଛି। ଏହାବାଦ ବେଆଇନ ଖାଦାନ ସହ ଏକାଧିକ କ୍ରଶରଗୁଡିକ ମଧ ଜଙ୍ଗଲ ଜମିରେ ଚାଲିଛି। ଏହି ବେଆଇନ କାରବାରକୁ ରୋକିବାକୁ ପୂର୍ବରୁ ତହସିଲ ପକ୍ଷରୁ ଜଙ୍ଗଲ ଜମିରେ ୧୪୪ ଧାରା ଲାଗୁ କରାଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି କଳାପଥର ଉତ୍ତୋଳନ ଜାରି ରହିବା ପ୍ରଶାସନିକ ପଦକ୍ଷେପ ଉପରେ ମଧ ସଂଶୟ ପ୍ରକାଶ ପାଇଛି। ଅନ୍ୟପକ୍ଷେ ବିନା ଆର୍-ଫର୍ମରେ ଦୈନିକ କିଭଳି ଭାବରେ ବେଆଇନ କଳପଥର ପରିବହନ ହେଉଛି, ତାହା ତଦନ୍ତ ସାପେକ୍ଷ।

ଏ ସଂକ୍ରାନ୍ତରେ କଟକ ଡିଏଫଓ ସୁଦର୍ଶନ ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଜମି ଚିହ୍ନଟ କରିବାକୁ ଧର୍ମଶାଳା ତହସିଲଦାରଙ୍କୁ ଏକାଧିକ ବାର ସୂଚନା ଦିଆଯାଇଛି। କିନ୍ତୁ ସେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେବେ କୁସୁନପୁର ଜଙ୍ଗଲ ଜମିରେ ବେଆଇନ ଖାଦାନ ଉପରେ ସେ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ଚାଷୀ ବିରୋଧୀ ବିଲ୍ ପ୍ରତ୍ୟାହାର ଦାବି



ସିଂହପୁରଠାରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ସିଂହପୁର/ବରୀ ୨୫।୯ (ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ କଳା କୃଷି ବିଲ୍ ପ୍ରତ୍ୟାହାର ଦାବିରେ ଶୁକ୍ରବାର ସିଂହପୁର ଓ ଜରୀ ବିସିଜେ ହାଇସ୍କୁଲ ଛକରେ ନବନିର୍ମାଣ କୃଷକ ସଂଗଠନ ବିଞ୍ଝାରପୁର ଶାଖା ପକ୍ଷରୁ ରାସ୍ତାରୋକୋ କରାଯିବା ସହ ବ୍ୟାଙ୍କ, ପୋଷ୍ଟ ଅଫିସ୍ ବନ୍ଦ କରାଯାଇଥିଲା। ବ୍ଲକ ସଂଯୋଜକ ସନାତନ ସାହୁ, ଜିଲା ଉପଦେଷ୍ଟା ଭୁବନାନନ୍ଦ ସାମଲ, ସନ୍ତୋଷ ଧଳ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି କୃଷି ବିଲ୍ ପ୍ରତ୍ୟାହାର ଦାବିରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିସହ ଏ ନେଇ ସଂଗଠନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ଅନୁପସ୍ଥିତ ଥିବାରୁ ମୁଖ୍ୟକିରାଣୀ ଦାବିପତ୍ର ଗ୍ରହଣ କରିଥିଲେ। ଗଣଧାଣାରେ ପ୍ରଶାନ୍ତ ବେହୁରା, ମଧବାନନ୍ଦ ଶାନ୍ତି, ସୁଧୀର ବିଶ୍ୱାଳ, ନିତ୍ୟାନନ୍ଦ ଶାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

**WANTED**
Only Experienced Staffs
FOR BHUBANESWAR
GRAPHIC DESIGNER
PRINTING SUPPORT STAFF
MARKETING EXECUTIVE
TELE CALLER & CAR DRIVER
Interested candidates may send their resume to
newstartup.bbsr@gmail.com
Ph: 8249416516

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ୨ା୦ ପଢ଼ିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 7381891254

SAISIDDHI ENTERPRISES
PATIA, BHUBANESWAR
**REQUIRES**
Sales Executive in all Districts of Orissa.
(Salary+Incentives +Fuel)
Contact- 8249972752 9937881897

**WANTED**
• ACCOUNTANT: with knowledge of TALLY. Min. 2-3 yrs experience.
• WMS SAP Operator
• House Keeping staff
Salary with ESI
Office at Hanspal, Rudrapur, BBSR
Candiates can send their CV to Email: e4consulting@gmail.com

**REQUIREMENT**
M/S Developers, Old Town, BBSR Requires Office Boy - 1no., Receptionist-2nos., Security Guard-5nos., Marketing Manager-2nos. & Driver-2nos.
Contact - 9437537549

## ଗୋଚର ଜମିରେ ମନ୍ଦିର ନିର୍ମାଣକୁ ବିରୋଧ

**ବରୀ, ୨୫।୯ (ଡି.ଏନ୍.ଏ.)**

ବରୀ ବ୍ଲକ ଅଧୀନ ବାଲିଆ ପଞ୍ଚାୟତର ପରମାନନ୍ଦପୁର ଗ୍ରାମରେ ଥିବା ଏକ ଗୋଚର ଜମିରେ ମନ୍ଦିର ନିର୍ମାଣକୁ ଗ୍ରାମବାସୀ ବିରୋଧ କରି ବରୀ ବିଡିଓ ଓ ଯାଜପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପରମାନନ୍ଦପୁର ଗ୍ରାମ ମୌଜା ଖାତା ନଂ.-୫୭୨ ଓ ପ୍ଲଟ ନଂ.-୧୪୩୯ ଗୋଚର ଜମିରେ କେତେଜଣ ମୁଷ୍ଟିମେୟ ଲୋକ ଏକ ମନ୍ଦିର ନିର୍ମାଣ କରୁଛନ୍ତି। ଉକ୍ତ ଜମି ଦେଇ ସ୍ଥାନୀୟ ଲୋକେ ଯାତାୟାତ କରୁଥିବା ବେଳେ ବହୁ ଭୂମିହୀନ ପରିବାର ଶବ ସତ୍କାର ମଧ କରିଥାନ୍ତି। ଉକ୍ତ ଜମିର ୧ ଏକର ୫୮ ଡିସିମିଲ ମଧରେ ମନ୍ଦିର ନିର୍ମାଣ ହେଉଥିବାରୁ ଏହା ଜନସାଧାରଣଙ୍କ ପାଇଁ ଅସୁବିଧା ସୃଷ୍ଟି କରିବ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ବରୀ ତହସିଲଦାର ବାଲିଆ ସର୍କଲର ରାଜସ୍ୱ ନିରୀକ୍ଷକଙ୍କୁ ଉକ୍ତ ସ୍ଥାନ ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମନ୍ଦିର ଗୋଚରରେ ନିର୍ମାଣ ହେଉଥିବା ନେଇ ରାଜସ୍ୱ ନିରୀକ୍ଷକ ରିପୋର୍ଟ ଦେଇଥିବା ବେଳେ ସେହି ସ୍ଥାନରେ ମନ୍ଦିର ନିର୍ମାଣ ଜାରି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବରୀର ଅତିରିକ୍ତ ତହସିଲଦାର ଭାନୁମତୀ ମାଝିଙ୍କୁ ପଚାରିବାରେ, ତହସିଲଦାର ଏବଂ ସେ କରୋନା ସଂକ୍ରମିତ ହୋଇଥିବାରୁ ହୋମ୍ ଆଇସୋଲେଶନରେ ରହିଛନ୍ତି। ଲିଖିତ ଅଭିଯୋଗ ବିଷୟରେ କୌଣସି ସୂଚନା ପାଇନାହାନ୍ତି। ଫୋନ୍ ଯୋଗେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା କହିଛନ୍ତି।



ଗୋଚର ଜମିରେ ମନ୍ଦିର ନିର୍ମାଣ କରାଯାଉଛି।

## ନାରାୟଣୀ ମନ୍ଦିର ହୁଣ୍ଡିଭାଙ୍ଗି ଚୋରି

**ଖଣ୍ଡପଡ଼ା,୨୫।୯ (ସ୍ୱ.ପ୍ର.)**

ଗୁରୁବାର ବିଳମ୍ବିତ ରାତିରେ ଭାପୁର ବ୍ଲକ ପଥରଚକଡା ପଞ୍ଚାୟତର ମା’ ନାରାୟଣୀ ମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇଛନ୍ତି। ଗ୍ରୀଲ ଭାଙ୍ଗି ସେମାନେ ଏଭଳି କରିଥିବା ମନ୍ଦିର ପୂଜକ ମାନସ ପାଢୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ୩ ବର୍ଷ ତଳେ ଏହି ହୁଣ୍ଡି ଖୋଲାଯାଇ ପ୍ରାୟ ୮ହଜାର ଟଙ୍କା ସଂଗ୍ରହ କରାଯାଇଥିଲା। ଏହା ପରଠାରୁ ହୁଣ୍ଡି ଖୋଲାଯାଇ ନ ଥିଲା। ମନ୍ଦିର ଚାରିପାଖରେ ପ୍ରାଚୀର ନିର୍ମାଣ ସହ ଲୁହା ଗ୍ରୀଲକୁ ସୁଦୃଢ କରିବାକୁ ଖଣ୍ଡପଡା ଦେବୋତ୍ତର ବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଦେବୋତ୍ତର ମ୍ୟାନେଜର ହରିହର ଦାଶ ଏ ନେଇ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବା ସହ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

An E-Vehicle Manufacturing Company Urgently Need following Post in Odisha Market
1. ASM - 2 Nos. : MBA with 1 year experience in Automobile Sector Pay Roll or 2 years experience in 3rd Party Pay Roll in Automobile Sec., Salary negotiable.
2. TSM - 5 Nos. : MBA with 1 year experience in Automobile Sector Pay Roll or 2 years experience in 3rd Party Pay Roll in Automobile Sec., Salay negotiable.
3. TECHNICIAN : ITI, Diploma in Electrical & Electronics, 1 year experience in Automobiles Sector. Fresher also apply.
4. MARKETING MANAGER (M) : MBA with 3 years experience in Marketing/Promotional activities. Willing to travel all Odisha.
E-mail your CV with recent Photo
hr.uceevmpl@gmail.com
Contact: 09433205450 / 09078704400
REQUIRE DEALERS & SUB-DEALERS IN ALL MAJOR CITIES OF ODISHA

## ପେସାରେ ରାଜମିସ୍ତ୍ରି, ନିଶା ପରିବେଶ ସୁରକ୍ଷା

**ଖଣ୍ଡପଡ଼ା,୨୫।୯(ସ୍ୱ.ପ୍ର.):** ପେଷାରେ ରାଜମିସ୍ତ୍ରି ହୋଇଥିଲେ ହେଁ ନିଶା ତାଙ୍କର ପରିବେଶ ସୁରକ୍ଷା। ଏପରି ଜଣେ ବ୍ୟକ୍ତି ହେଉଛନ୍ତି ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା ଗ୍ରାମର ୬୧ ବର୍ଷୀୟ ଗୌରାଙ୍ଗ ସାହୁ। ନିଜ ଗ୍ରାମ ସହିତ ନିକଟ ଅଞ୍ଚଳର ନିର୍ମଳ ପରିବେଶ ପାଇଁ ସେ ଅହରହ ପ୍ରୟାସ ଜାରି ରଖିଛନ୍ତି। ଗ୍ରାମର ଅଧିକାଂଶ ଲୋକ ଘରର ବର୍ଜ୍ୟବସ୍ତୁ ଓ ଅଳିଆକୁ ଗାଁ ମୁଣ୍ଡରେ ଗଦାଉଥିବାରୁ ପରିବେଶ ପ୍ରଦୂଷିତ ହୋଇଥାଏ। ଏ ସମ୍ପର୍କରେ ଗୌରାଙ୍ଗ ଲୋକମାନଙ୍କୁ ବୁଝାଇବା ସତ୍ତ୍ୱେ କେହି ସଚେତନ ହେଉ ନ ଥିଲେ। ଶେଷରେ ସେ ଏହାର ପ୍ରତିକାର ବ୍ୟବସ୍ଥା ଚିନ୍ତା କରି କିଛିଦିନ ବ୍ୟବଧାନରେ ସମସ୍ତ ଅଳିଆ ଏକାଠି କରି ସେଥିରେ ନିଆଁ ଲଗାଉଛନ୍ତି। ଦୀର୍ଘ ୪/୫ ବର୍ଷ ହେଲା ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ଏହାଛଡା ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳର ଗଛସାର ଭାବେ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯାମୀ ସାହୁଙ୍କ ସହ ମିଶି ସେ ବୃକ୍ଷରୋପଣ କରୁଥିବା ପରିଲକ୍ଷିତ ହୋଇଛି । ସେ କୁହନ୍ତି ସମସ୍ତେ ଅଳିଆ ଆବର୍ଜନାକୁ ଦୂର ସ୍ଥାନରେ ପୋତିଲେ ବା ପୋଡିଲେ ପରିବେଶ ସ୍ୱଚ୍ଛ ରହିବ। ତାଙ୍କର ଏପରି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି ।


ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ମୁଁ ମନୋନୀତ ହୋଇଥିବାରୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍‌ଙ୍କୁ ଗଭୀର କୃତଜ୍ଞତା ଜଣାଉଛି। ମୋତେ ଦିଆଯାଇଥିବା ଦଳର ଏହି ଗୁରୁଦାୟିତ୍ୱକୁ ଜଣେ ସୈନିକ ଭାବରେ ସମ୍ପନ୍ନ କରିବାକୁ ମୁଁ ଦୃଢ଼ ସଂକଳ୍ପ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଓ ପାଟକୁରା ନିର୍ବାଚନ ମଣ୍ଡଳୀର ଛାତ୍ର ଓ ଯୁବକଙ୍କ ସହଯୋଗରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ସଂକଳ୍ପବଦ୍ଧ।
ସୁଦୀପ୍ତ କେଶରୀ ସାମଲ
ରାଜ୍ୟ ସମ୍ପାଦକ
ବିଜୁ ଯୁବ ଜନତା ଦଳ

**BILLING AND PLANNING ENGINEER REQUIRED**
FOR A LEADING COMPANY IN ODISHA
QUALIFICATION: Degree/Diploma in civil engineering with 15 years working experience. JOB DESCRIPTION: Having experience in construction of Multistoried Buildings & Bridges, Housing Projects, and having in depth knowledge in R.C.C. Structural works, Architectural finishing works, Pilling (Bore pile/Driven pile) works, Podium, plumbing & sanitation & firefighting, Rate analysis, Bill checking and estimation, reconciliation bill & BOQ Prepare. Prepared early budget estimation etc. Regarding Companies rule & Regulation sanction one line process & also experience epc/construction project & also knowledge of shuttering. Billing Procedures From Client & Contractor Side Billing for extra items/Non-BOQ items Rates Analysis on DSR Abstract Invoice reconciliation of material bill required technique in Billing & MIS Generation. Preparation of Deviation Extra item Interested candidates can send resume with a valid contact number along with all testimonials & experience through Email- bk.bipul1@gmail.com, Mob. No. 8093394145

## ୧୧ ଲିଟର ଚୋରା ମଦ ଜବତ

**କେନ୍ଦ୍ରାପଡ଼ା ଅଫିସ, ୨୫।୯**

କେନ୍ଦ୍ରାପଡା ଜିଲା ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରୁ ୧୧ ଲିଟର ବେଆଇନ ବିକ୍ରି ପାଇଁ ରଖାଯାଇଥିବା ଦେଶୀ ଓ ବିଦେଶୀ ମଦ ଶୁକ୍ରବାର ଜବତ ହୋଇଛି। ବିଭାଗୀୟ ଅଧୀକ୍ଷକ ବାସନ୍ତୀପ୍ରଭା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ସରୋଜ କୁମାର ବାଗ୍‌ଙ୍କ ନେତୃତ୍ୱରେ ଚଢାଉ କରାଯାଇ ସଦର ଥାନା ହରିଅଙ୍କ ଗ୍ରାମର ଦୋଳଗୋବିନ୍ଦ ମଲିକ, ପାଟକୁରା ଥାନା କାବିଲପୁର ଗ୍ରାମର କିଶୋର ନାୟକଙ୍କୁ ଗିରଫ କରାଯାଇଛି। ଚଢାଉରେ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

## ସାମନ୍ତରାପୁର ଆର୍‌ଆଇଙ୍କୁ ମାଡ଼ ଅଭିଯୋଗ

**ରସୁଲପୁର,୨୫।୯(ଡି.ଏନ.ଏ.)**

ଯାଜପୁର ଜିଲା ରସୁଲପୁର ତହସିଲ ଅଧୀନ ସାମନ୍ତରାପୁର ରାଜସ୍ୱ ନିରୀକ୍ଷକ(ଆରଆଇ) ନୃସିଂହ ବେହେରାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ହୋଇଥିବା ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି। ଏନେଇ ଆରଆଇ ବେହେରା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ପରେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ତାଙ୍କ ପତ୍ରସଂଖ୍ୟା ୨୧୪୩/୨୪।୯।୨୦୨୦ରେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଯାଜପୁର ସଦର ଥାନାଧିକାରୀଙ୍କୁ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ ଗୁରୁବାର ଅପରାହ୍ଣ ୧୨ଟା ୫୫ ମିନିଟ ସମୟରେ ଆରଆଇ ବେହେରା ରାଉତରାପୁରା ଗ୍ରାମରୁ ଉତ୍ତରାଧିକାରୀ ପ୍ରମାଣପତ୍ର ତଦନ୍ତ କରି ଫେରୁଥିଲେ। ଏହି ସମୟରେ ସାମନ୍ତରାପୁର ଆରଆଇ କାର୍ଯ୍ୟାଳୟ ସମ୍ମୁଖରେ ବଡଚପଇ ଗ୍ରାମର ବାବୁ ନାୟକ ଏକ ବାଇକରେ ଗ୍ୟାସ ଟାଙ୍କି ରଖି କାର୍ଯ୍ୟାଳୟକୁ ଅବରୋଧ କରିଥିଲେ। ରାସ୍ତା ଛାଡ଼ିବାକୁ ଆରଆଇ ବେହେରା କହିବାରୁ ବାବୁ ନାୟକ କାହିଁକି ପାଲ ଦେଇନା, ୟୁକୋ ବ୍ୟାଙ୍କ ବାରବାଟୀ ଶାଖାକୁ ଲୋନ କରିଥିବା ପ୍ଲଟର ବିବରଣୀ କାହିଁକି ଦେଇଥିଲ ବୋଲି କହି ଅଶ୍ଳୀଳ ଭାଷାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାସହ ଅଫିସ କବାଟ ବାଡ଼େଇ ଆର୍‌ଆଇ ବେହେରାଙ୍କୁ ମାଡ ମାରିବା ସହ ବନ୍ୟାଜନିତ ଫସଲ କ୍ଷୟକ୍ଷତିର ଦରଖାସ୍ତକୁ ଚିରି ଫୋପାଡି ଦେଇଛନ୍ତି। ଏହାସହ ରାତିରେ ପେଟ୍ରୋଲ ଢାଳି କାର୍ଯ୍ୟାଳୟକୁ ପୋଡି ପାଉଁଶ କରି ଦେବି ବୋଲି ଧମକ ଦେଇଛନ୍ତି। ଏହି ସମୟରେ କର୍ମଚାରୀ ସୁବାସ ସାମଲ, ପିଅନ କିଶୋର ଚନ୍ଦ୍ର ପଣ୍ଡା ଓ ଗ୍ରାମବାସୀ କାଳନ୍ଦୀ ବିଶ୍ୱାଳ, ହରେକୃଷ୍ଣ ବାରିକ ବାରଣ କରିବାକୁ ବାବୁ ନାୟକ ଚାଲି ଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ । ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ । ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ । କାମ ନହେଲେ ପଇସା ଫେରସ୍ତ ।
9910560681

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ଋଣ ହିଁ ଋଣ ପାଆନ୍ତୁ
ମାର୍କଶିଟ୍ | ପ୍ରପର୍ଟି | ବ୍ୟବସାୟ | ପର୍ସନାଲ | ସମସ୍ତ ଋଣ
0% ସୁଧ 40% ସବ୍‌ସିଡି
ରୁଚିତା :- 7649061623
ପୂଜା :- 7587660596
ପାୟଲ:- 7772806247

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି- ଯାହାକିଛି ରହିଛି ପ୍ରତାରଣା, ଛଳନା- ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍କପଟ, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ। -ଶ୍ରୀମା



# ଗୋଟିଏ ପଦବୀରେ ପୁରୁଣା ନୂଆ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅନେକ ସମୟରେ ଅବସର ପରେ ବରିଷ୍ଠ ଅମଲାତନ୍ତ୍ରୀମାନଙ୍କୁ ସରକାର ପୁଣି ନିଯୁକ୍ତି ଦେଇଥାନ୍ତି। କିନ୍ତୁ ଏବେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଦୁଇ ବର୍ଷ ପୂର୍ବେ ଯେଉଁ ବାବୁ ଜଣକ ସଚିବ ପଦରୁ ଅବସର ନେଇଥିଲେ ଏବେ ସେହି ପଦରେ ତାଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ସରକାର ଏକ ଉଚ୍ଚସ୍ତରୀୟ ଅଦଳବଦଳରେ ପୂର୍ବତନ ଅମଲାତନ୍ତ୍ରୀ ରାଘବେନ୍ଦ୍ର ସିଂଙ୍କୁ ଆନନ୍ଦ କୁମାରଙ୍କ ଜାଗାରେ ସଂସ୍କୃତି ସଚିବ ଭାବେ ନିଯୁକ୍ତି ଦେଇଛନ୍ତି । ଏହି ଅଦଳବଦଳରେ କୁମାରଙ୍କୁ ନ୍ୟାଶନାଲ କମିଶନ ଫର୍ ବ୍ୟାକ୍‌ୱାର୍ଡ କ୍ଲାସେସ୍(ଜାତୀୟ ପଛୁଆ ବର୍ଗ ଆୟୋଗ)ର ସଚିବ ପଦରେ ଅବସ୍ଥାପିତ କରାଯାଇଛି। ୧୯୮୩ ବ୍ୟାଚ୍ ପଶ୍ଚିମବଙ୍ଗ କ୍ୟାଡର ଆଇଏଏସ୍ ସିଂ ସଂସ୍କୃତି ସଚିବ ରହି ମଧ୍ୟ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଡେଭେଲପ୍‌ମେଣ୍ଟ ଅଫ୍ ମ୍ୟୁଜିୟମ ଆଣ୍ଡ୍ କଲ୍‌ଚରାଲ ସ୍ପେସେସ୍‌ର ସିଇଓ ଦାୟିତ୍ୱ ତୁଲାଇବେ । ଗୋଟିଏ ବର୍ଷ ପାଇଁ ସିଂଙ୍କୁ ଏଭଳି ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି। କୌତୁହଳର କଥା ହେଉଛି ସିଂ ୧ ଡିସେମ୍ବର ୨୦୧୭ରୁ ଅଗଷ୍ଟ ୨୦୧୮ ଯାଏ ସଂସ୍କୃତି ସଚିବ ରହିଥିଲେ। ଏବେ ପୁଣି ସେହି ପଦକୁ ଫେରିଲେ। ଏଣୁ ପୁରୁଣା ସଚିବ ପୁଣି ନୂଆ ସଂସ୍କୃତି ସଚିବ ହୋଇଛନ୍ତି। ସିଂଙ୍କ ପୁନଃ ନିଯୁକ୍ତି ପୂର୍ବରୁ ୨୦୧୬ରେ ପରମେଶ୍ୱରନ ଆୟରଙ୍କୁ ବି ଏହିଭଳି ପାନୀୟ ଜଳ ଓ ପରିମଳ ସଚିବ ଭାବେ ନିଯୁକ୍ତ କରାଯାଇଥିଲା, ଯଦିଓ ସେ ୨୦୧୦ରେ ଜାତିସଂଘ ଓ ବିଶ୍ୱବ୍ୟାଙ୍କ୍‌ରେ ଯୋଗଦେବାକୁ ଆଇଏଏସ୍‌ରୁ ଇସ୍ତଫା ଦେଇସାରିଥିଲେ। କିନ୍ତୁ ସେ ତାଙ୍କ କାର୍ଯ୍ୟକାଳ ପୂରଣ କରିପାରିଲେ ନାହିଁ । ଗତ ମାସରେ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦରୁ ଇସ୍ତଫା ଦେଇଛନ୍ତି।

### ବିଭାଜିତ ଖାକି

ଚଳିତ ବର୍ଷ ଫେବୃୟାରୀରେ ଉତ୍ତରପୂର୍ବ ଦିଲ୍ଲୀରେ ଘଟିଥିବା ଦଙ୍ଗାର ତଦନ୍ତକୁ ବହୁ ଅବସରପ୍ରାପ୍ତ ପୋଲିସ ଅଧିକାରୀ ସମାଲୋଚନା କରିବା ପରେ ଦିଲ୍ଲୀ ସରକାର ବିଶମ ପରିସ୍ଥିତିରେ ପଡିଥିବା ଓ ଲୋକମାନଙ୍କର ଅପ୍ରିୟ ହୋଇଯାଇଥିବା ଅନୁଭବ କରୁଥିଲା। କିନ୍ତୁ ଏବେ ଏହି ଘଟଣାରେ ୨୬ ଜଣ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ସେମାନଙ୍କ ଦିଲ୍ଲୀ ପୋଲିସ ଭାଇମାନଙ୍କୁ ପ୍ରତିରୋଧ କରିବାକୁ ବାହାରି ଆସିବା ଦ୍ୱାରା ସରକାର ଏମାନଙ୍କ ସମର୍ଥନ ପାଇଯାଇଛନ୍ତି। ସବୁଠୁ ଜଣାଶୁଣା ଅବସରପ୍ରାପ୍ତ ଆଇପିଏସ ଅଧିକାରୀ ତଥା ପୂର୍ବତନ ମୁମ୍ବାଇ ପୋଲିସ କମିଶନର , ପୂର୍ବତନ ଗୁଜରାଟ ଓ ପଞ୍ଜାବ ପୂର୍ବତନ ଡିଜିପି ଏବଂ ପୂର୍ବତନ ରୋମାନିଆ ରାଷ୍ଟ୍ରଦୂତ ଜୁଲିଓ ରିବେରୋ ଯେତେବେଳେ ଦଙ୍ଗା ଘଟଣାରେ ଦିଲ୍ଲୀ ପୋଲିସର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଲେ ସେତେବେଳେ ଦିଲ୍ଲୀ ପୋଲିସ କମିଶନର ଏସ୍.ଏନ୍. ଶ୍ରୀବାସ୍ତବ ଅନ୍ୟର ସହଯୋଗ ଚାହୁଁଥିଲେ, ଯାହା ତାଙ୍କୁ ମିଳିଗଲା। ଦଙ୍ଗାର ପ୍ରକୃତ ଅପରାଧୀମାନଙ୍କୁ ଛାଡି ଦେଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାରୁ ସେ ଦିଲ୍ଲୀ ପୋଲିସକୁ ଦୋଷାରୋପ କରିଥିଲେ। ଶ୍ରୀବାସ୍ତବ ଏହି ଘଟଣା ଉପରେ ଧ୍ୟାନ ଦେଉ ନ ଥିଲେ ବୋଲି ଦିଲ୍ଲୀ ପୋଲିସ କମିଶନରଙ୍କୁ ଦେଇଥିବା ଚିଠିରେ ସେ ମଧ୍ୟ ଦର୍ଶାଇଥିଲେ । ଏହାଦ୍ୱାରା ଯେଉଁମାନେ ପୋଲିସ ତଦନ୍ତରେ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ଉପରେ ଲାଗିଥିବା ଅଭିଯୋଗକୁ ମିଥ୍ୟା ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମନେ କରୁଥିଲେ ସେମାନଙ୍କ ମନରେ ରିବେରୋଙ୍କ ଆକ୍ଷେପ ଏକ ପ୍ରକାର ଗୁଞ୍ଜରଣ ସୃଷ୍ଟିକରିବା ଲକ୍ଷ୍ୟ କରାଗଲା। କିନ୍ତୁ ଇଣ୍ଡିଆନ ପୋଲିସ ସର୍ଭିସକୁ ନିରୁତ୍ସାହିତ କରିବାକୁ ଏହା ଏକ ଉଦ୍ୟମ ବୋଲି ଯେଉଁମାନେ ଭାବୁଛନ୍ତି ସେମାନଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଏହି ଶୀର୍ଷ ସମ୍ମାନାସ୍ପଦ ପୋଲିସ ଅଧିକାରୀ ଜଣକ । ତେବେ ରିବେରିଓଙ୍କ ନିନ୍ଦୁକମାନେ ଏକାଠି ହୋଇ ଦିଲ୍ଲୀ ପୋଲିସ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିବା ଦ୍ୱାରା ପୋଲିସ ସମ୍ପର୍କରେ ଲୋକମାନଙ୍କ ଯେଉଁ ଧାରଣା ଥଲା ସେଥିରେ କିଛିଟା ପରିବର୍ତ୍ତନ ଆସିପାରିବ । ଦେଖିବାକୁଗଲେ ପୋଲିସ ଅଧିକାରୀମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ଦ୍ୱାରା ଖାକି ବଳ ଏବେ ଦୁଇଭାଗ ହୋଇଯାଇଛି।

### ଆଶଙ୍କାରେ ଆଇଆର୍‌ଏସ୍ ଅଧିକାରୀ

ଗତମାସରେ ମୋଦି ସରକାର ଟ୍ୟାକ୍ସେସନ ପଦ୍ଧତିରେ ସଂସ୍କାର ଘୋଷଣା କରିଥିଲେ। ପଦ୍ଧତିକୁ ସୁଗମ ଓ ବାଧା ରହିତ କରିବା ଲାଗି ଏହା କରାଯାଇଥିଲା। ଦି ଫେସ୍‌ଲେସ ଆସେସ୍‌ମେଣ୍ଟ ସ୍କିମ୍ ଟିକସ ଦାତା ଓ ଟିକସ ଅଧିକାରୀମାନଙ୍କ ମଧ୍ୟରେ ଥିବା ବାଧାକୁ ଦୂର କରିବ। ଏହି ସଂସ୍କାରକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି। କିନ୍ତୁ ସବୁ ଆଇଟି ବାବୁ ଏଥିରେ ଖୁସି ନାହାନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଆଇଆର୍‌ଏସ୍ ସର୍ଭିସର ପ୍ରତିଷ୍ଠା ବା ସମ୍ମାନ କମାଇଦେବ ବୋଲି ଉତ୍ତରପୂର୍ବାଞ୍ଚଳର ଆଇଆର୍‌ଏସ୍ ସଂଘ ବିଚାର କରୁଥିବା ସୂତ୍ରରୁ ଜଣାପଡିଛି। ସଂଘର ସଦସ୍ୟମାନେ ଆଇଆର୍‌ଏସ୍‌ର ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ କ୍ୟାଡର ପୁନର୍ଗଠନ,ଏକ ନୂଆ ବଦଳି ବ୍ୟବସ୍ଥା ଏବଂ ପ୍ରତିନିଯୁକ୍ତି ନୀତି,ଅନ୍ୟ ମନ୍ତ୍ରଣାଳୟ ଓ ବିଭାଗରେ କ୍ୟାଡର ପଦବୀ ସୃଷ୍ଟି ସହ ପୂରା ଆଇଆର୍‌ଏସ୍‌ର ପରିବର୍ତ୍ତନ ଲାଗି ପ୍ରସ୍ତାବ ସାମିଲ ଥିବା ଜଣାପଡିଛି। ସର୍ଭିସକୁ ଫେସ୍‌ଲେସ ଟ୍ୟାକ୍ସେସନ ସଙ୍କୁଚିତ କରି 'ସାଇବର ପଲିସିଂ'ଆଡକୁ ନେଇଯିବ ବୋଲି ଆଇଆର୍‌ଏସ୍ ଅଧିକାରୀମାନଙ୍କ ମଧ୍ୟରେ ଥିବା ଧାରଣା ଯୋଗୁ ସମ୍ଭବତଃ ସେମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଫେସ୍‌ଲେସ ଆସେସ୍‌ମେଣ୍ଟରେ ଟିକସଦାତାଙ୍କୁ ଚିହ୍ନଟ କରିବା ପାଇଁ ଏଆଇ( ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଏବଂ ଡେଟାଆନାଲିଟିକ୍ସ ଭିତ୍ତିକ ପଦ୍ଧତି ଉପଯୋଗ କରାଯିବ ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛ ଉପାୟରେ ସେମାନଙ୍କ ନିକଟକୁ ନୋଟିସ ପଠାଯିବ। ଆଇଟି ଅଧିକାରୀମାନେ କେମିତି କାର୍ଯ୍ୟ କରିବେ ସେଥିଲାଗି ଏଥିରେ ପରିବର୍ତ୍ତନ କରାଯିବା ଅନିବାର୍ଯ୍ୟ। ଉତ୍ତରପୂର୍ବାଞ୍ଚ ଆଇଆର୍‌ଏସ୍ ଅଧିକାରୀମାନେ ମୂଳ ବ୍ୟବସ୍ଥାର ଏଭଳି ପରିବର୍ତ୍ତନକୁ ନେଇ ସମ୍ଭବତଃ ଆଶଙ୍କାରେ ରହିଛନ୍ତି।

Email: dilipcherian@gmail.com

# ଭାରତୀୟ ଅର୍ଥନୀତି କାହିଁକି ପ୍ରଭାବିତ



ଡ. ସନ୍ତୋଷ କୁମାର ମହାପାତ୍ର

ଅନେକ ସମୟରେ ଅଧିକାଂଶ ଲୋକ ବଡ଼ ପଦପଦବୀରେ ଥିବା ଲୋକଙ୍କ କଥାକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ସେମାନେ ମଧ୍ୟ ଜ୍ଞାନକୁ ପଦବୀ ସହିତ ଯୋଡ଼ିଥାନ୍ତି। କିନ୍ତୁ ବାସ୍ତବ କଥା ହେଉଛି, ଯେଉଁମାନେ ଉଚ୍ଚ ପଦପଦବୀରେ ଥା'ନ୍ତି, ସେମାନେ କ୍ୱଚିତ ସ୍ୱାଧୀନ ମତ ଦେଇଥା'ନ୍ତି। ଯଦି ସେମାନେ ବଡ଼ ପ୍ରଶାସକ ତେବେ ସରକାରଙ୍କ ନୀତି ସପକ୍ଷରେ ହିଁ କହିଥାନ୍ତି। ସେହିପରି ଯେଉଁମାନେ ମନ୍ତ୍ରୀ ବା ନେତା ସେମାନେ ଦଳୀୟ ଚିନ୍ତାଧାରା ଅନୁସାରେ ମତ ଦେଇଥାନ୍ତି। କିନ୍ତୁ ତାଙ୍କ କଥା ବା ମତରେ ନିରପେକ୍ଷତା ନ ଥିଲେ ମଧ୍ୟ ଲୋକ ତାଙ୍କୁ କ୍ୱଚିତ୍ ପ୍ରଶ୍ନ କରିଥାନ୍ତି। ବୁଦ୍ଧିଜୀବୀ, କ୍ଷମତାଶାଳୀ ଓ ଉଚ୍ଚ ପଦବୀରେ ଅଧିଷ୍ଠିତ ବ୍ୟକ୍ତିଙ୍କ ତ୍ରୁଟିପୂର୍ଣ୍ଣ ମତାମତର ସମୀକ୍ଷାକରି ଉତ୍ତର ରଖିବା ଉଚିତ। ନଚେତ୍ 'ଗଣତନ୍ତ୍ର ବିପନ୍ନ ହେବ, ସରକାର ତାଙ୍କୁ ସୁହାଇଲା ପରି ସିଦ୍ଧାନ୍ତ ନେବେ' ଏକଥା ଏଠାରେ ଉଲ୍ଲେଖ କରିବାର କାରଣ ନିକଟରେ ରାଜ୍ୟଗୁଡ଼ିକୁ କେନ୍ଦ୍ର ତା'ର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଜିଏସ୍‌ଟି କ୍ଷତି ଭରଣା ଦେବାରେ ଅସମର୍ଥ ହେବା ଯୋଗୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତା ରାମନ କରୋନା ସଂକ୍ରମଣକୁ ଦାୟୀ କରିବା ସହିତ ଏହା ଈଶ୍ୱରକୃତ ବୋଲି କହିଥିଲେ। ତାଙ୍କର କହିବା ଅନୁଯାୟୀ କରୋନାଜନିତ ସବୁ ସଙ୍କଟ ଈଶ୍ୱରକୃତ। ତାଙ୍କ ପରେ ପରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟମ୍ ଏବଂ ଜାତୀୟ ସ୍ତରର ଇଂଲିଶ ଖବରକାଗଜରେ 'ଅନ ଇକୋନୋମି ଫଲୋ ଦି ଏଭିଡେନ୍ସ' ଶୀର୍ଷକ ଲେଖାରେ ଭାରତର ଆର୍ଥିକ ଅଭିବୃଦ୍ଧି ଯେଉଁ ଭୟଙ୍କର ଭାବେ ହ୍ରାସ ପାଇଛି ସେଥିପାଇଁ ମହାମାରୀ କରୋନାକୁ ଦାୟୀ କରିଛନ୍ତି। ତାଙ୍କ ପରେ ପରେ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ ଏସବୁ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଘରୋଇକରଣ ସପକ୍ଷରେ ଯୁକ୍ତି କରିଛନ୍ତି। ଉପରୋକ୍ତ ୩ଜଣଙ୍କର ମତାମତ ତ୍ରୁଟିପୂର୍ଣ୍ଣ ବୋଲି ଆମର ମନେହୁଏ।

ଯଦି କରୋନା ମହାମାରୀ ଆର୍ଥିକ ଅଭିବୃଦ୍ଧି ହ୍ରାସର ସମ୍ପୂର୍ଣ୍ଣ କାରଣ ତେବେ ଭାରତର ଆର୍ଥିକ ଅଭିବୃଦ୍ଧି କାହିଁକି ଅନ୍ୟ ପ୍ରମୁଖ ଅର୍ଥନୀତି ତୁଳନାରେ ଅଧିକ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ଏପ୍ରିଲ- ଜୁନ୍ ୨୦୨୦ରେ ଜର୍ମାନୀ (୧୦.୧%), କାନାଡ଼ା (୧୨%), ଇଟାଲୀ (୧୨.୪%), ଫ୍ରାନ୍ସ (୧୩.୮%), ଆମେରିକା (୯.୧%) ହ୍ରାସ ପାଇଥିବା ବେଳେ ଭାରତୀୟ ଅର୍ଥନୀତି ୨୩.୯% ହ୍ରାସ ପାଇଛି। କିନ୍ତୁ ଚାଇନାର ଅଭିବୃଦ୍ଧି ହ୍ରାସ ନ ପାଇ ୩.୨% ବୃଦ୍ଧି ପାଇଛି। ଅନେକ ଖବରକାଗଜରେ ଭାରତର ବିଫଳତା ଲୁଚାଇବା ପାଇଁ ଆମେରିକାର ଆର୍ଥିକ ଅଭିବୃଦ୍ଧି ୩୨.୯% ହ୍ରାସ ପାଇଥିବା ପ୍ରକାଶ ପାଇଛି, ଯାହା ଭୁଲ୍ । ସାଧାରଣତଃ ୨ ପ୍ରକାରରେ ଆର୍ଥିକ ଅଭିବୃଦ୍ଧି ଆକଳନ ହୁଏ। ଚଳିତବର୍ଷର ଏକ ତ୍ରିମାସୀର ଜିଡିପି ପୂର୍ବ ଆର୍ଥିକ ବର୍ଷର ସେହି ତ୍ରିମାସୀ ତୁଳନାରେ କେତେ ବୃଦ୍ଧି ପାଇଛି ତାହା ବିଚାର କରାଯାଇଥାଏ। ସେହି ଅନୁସାରେ ଏପ୍ରିଲ- ଜୁନ୍ ୨୦୧୯ରେ ଭାରତ ଜିଡିପି ମୂଲ୍ୟ ୩୫.୩୫ ଲକ୍ଷ କୋଟି ଟଙ୍କା ହୋଇଥିଲାବେଳେ ୨୦୨୦ର ଏପ୍ରିଲ-ଜୁନ୍‌ରେ ଏହା ୨୬.୯୦ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ୨୩.୯% ହ୍ରାସ ପାଇଛି। ଏହି ପଦ୍ଧତିରେ ଆମେରିକାର ଜିଡିପି ୯.୧% ହ୍ରାସ ପାଇଛି। କିନ୍ତୁ ଆମେରିକାରେ ଗୋଟିଏ ତ୍ରିମାସୀର ଜିଡିପି ପରିମାଣ ତା'ର ପୂର୍ବ ତ୍ରିମାସୀ ତୁଳନାରେ କେତେ ବୃଦ୍ଧି ପାଇଛି ବିଚାର କରାଯାଇଥାଏ। ସେହି ଅନୁସାରେ ଆମେରିକାର ଜି.ଡି.ପି. ୩୨.୯% ହ୍ରାସ ପାଇଛି। ପରେ ସଂଶୋଧିତ ଅଟକଳରେ ଏହା ୩୧.୭% ହୋଇଛି। ଏହି ପଦ୍ଧତିରେ ଯଦି ଭାରତର ଜି.ଡି.ପି. ଆକଳନ କରାଯାଏ ତେବେ ୨୯.୮% ହ୍ରାସ ପାଇଛି। ପୁନଶ୍ଚ ଭାରତରେ ଜିଡିପି ଆକଳନ ତ୍ରୁଟିପୂର୍ଣ୍ଣ ବୋଲି ଏକଥା ପୂର୍ବତନ ମୁଖ୍ୟ ଅର୍ଥନୈତିଜ୍ଞ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ କହିଥିଲେ। ଆମର ଅଣ ସଂଗଠିତ କ୍ଷେତ୍ରର ଜିଡିପିକୁ ଅବଦାନ ୪୦%, କିନ୍ତୁ ଏହି କ୍ଷେତ୍ରର ତଥ୍ୟ ଠିକ୍ ଭାବେ ନିରୂପଣ ହୋଇ ନ ଥାଏ। ଏଣୁ ଭାରତର ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ୍ ପ୍ରଣବ ସେନ୍‌ଙ୍କ ଅନୁସାରେ ଭାରତରେ ଜିଡିପି ୨୩.୯% ବଦଳରେ ୩୦ରୁ ୩୨% ହ୍ରାସ ପାଇଛି।

ପ୍ରଶ୍ନ ହେଉଛି ଭାରତର ଅର୍ଥନୀତି କାହିଁକି ଅଧିକ କ୍ଷତିଗ୍ରସ୍ତ ହେଲା। ଜଣେ ଭଲ ଶାସକ ସର୍ବଦା ଚେଷ୍ଟା କରିଥାଏ କିପରି ବିଭିନ୍ନ ପ୍ରାକୃତିକ ବା ଆର୍ଥିକ ବିପର୍ଯ୍ୟୟରୁ ତା'ର ଦେଶ କମ୍ କ୍ଷତିଗ୍ରସ୍ତ ହୁଏ। ଉଦାହରଣ ସ୍ୱରୂପ ବିଶ୍ୱ ଆର୍ଥିକ ସଙ୍କଟ ବା ଦି ଗ୍ରେଟ୍ ରିସେସନ୍ ଡିସେମ୍ବର ୨୦୦୭ରୁ ଆରମ୍ଭ ହୋଇ ଜୁନ୍ ୨୦୦୯ରେ ଶେଷ ହୋଇଥିଲା। ଏହି ଅବଧିରେ ବିଶ୍ୱ ଜିଡିପି ୪% ହ୍ରାସ ପାଇଥିଲାବେଳେ ଆମେରିକା ଜିଡିପି ୪.୨% ହ୍ରାସ ପାଇଥିଲା କିନ୍ତୁ ୨୦୦୭-୦୮ରେ ଭାରତର ଅଭିବୃଦ୍ଧି ୯.୩%, ୨୦୦୮-୦୯ରେ ୬.୭% ଏବଂ ୨୦୦୯-୧୦ରେ ୮.୪% ହୋଇଥିଲା। ସେହିପରି ଉପା ସରକାର ଅମଳରେ ବିଶ୍ୱ ଆର୍ଥିକ ସଙ୍କଟ ବ୍ୟତୀତ ମୁଦ୍ରା ସଙ୍କଟ ଦେଖାଦେଇଥିଲା। କିନ୍ତୁ ଉପା-୧ ସରକାର ଅମଳରେ ଆର୍ଥିକ ଅଭିବୃଦ୍ଧି ୮.୮୬ ହୋଇଥିଲାବେଳେ ଉପା-୨ ଅମଳରେ ୭.୩୯% ହୋଇଥିଲା। କିନ୍ତୁ ନରେନ୍ଦ୍ର ମୋଦିଙ୍କ ପ୍ରଥମ ୫ ବର୍ଷରେ ଅଭିବୃଦ୍ଧି ୭.୧୬% ହୋଇଛି। ବର୍ତ୍ତମାନର ତଥ୍ୟ ଦେବା ଆବଶ୍ୟକ ନୁହେଁ । ଏହି ତଥ୍ୟରୁ କ'ଣ ପ୍ରମାଣିତ ହେଉନି ବର୍ତ୍ତମାନର ସରକାର ବିଭିନ୍ନ ସଙ୍କଟ ମୁକାବିଲା କରିବାରେ ବିଫଳ ଅଟନ୍ତି ଏବଂ ପୂର୍ବ ସରକାର ତୁଳନାରେ ବହୁତ ପଛରେ। ବାସ୍ତବରେ କରୋନା ମହାମାରୀ ଭାରତୀୟ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିବା ପୂର୍ବରୁ ଏହା ସରକାରଙ୍କ ବିଭିନ୍ନ ତ୍ରୁଟିପୂର୍ଣ୍ଣ ନୀତି ଯଥା କ୍ରୁର ବିମୁଦ୍ରୀକରଣ ଓ ତରବରିଆ ଜିଏସ୍‌ଟି ପ୍ରଚଳନ ଆର୍ଥିକ ଅଭିବୃଦ୍ଧିକୁ ନିମ୍ନମୁଖୀ କରିଥିଲା। ଏତଦ୍‌ବ୍ୟତୀତ ସରକାର କର୍ପୋରେଟମାନଙ୍କ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେବା, ବିଭିନ୍ନ ଅର୍ଥନୈତିକ ସମସ୍ୟା ଯଥା ଦାରିଦ୍ର୍ୟ, କ୍ଷୁଧା, ବେକାରି ଓ ବୈଷମ୍ୟର ସମାଧାନ ପାଇଁ ଗୁରୁତ୍ୱ ନ ଦେଇ ବିଭିନ୍ନ ଭାବାବେଗ ସହିତ ଜଡିତ ପ୍ରସଙ୍ଗ ଉପରେ ପ୍ରାଧାନ୍ୟ ଦେବା, ଯୋଜନା ଆୟୋଗର ବିଲୟ, ପ୍ରତିମୂର୍ତ୍ତି ରାଜନୀତି, ନେହେରୁ- ପଟେଲ ତର୍କ ଆଦି ଉପରେ ସମୟ ବିତାଇବା ଯୋଗୁ ଅର୍ଥନୀତି ବିପର୍ଯ୍ୟୟମୁଖୀ ହୋଇଥିଲା। ଉଦାହରଣ ସ୍ୱରୂପ ୨୦୧୮-୧୯ର ଜାନୁୟାରୀ-ମାର୍ଚ୍ଚ ପରଠାରୁ ଆର୍ଥିକ ଅଭିବୃଦ୍ଧି ନିମ୍ନଗାମୀ ହୋଇଛି । ଏହି ତ୍ରୈମାସୀରେ ଅଭିବୃଦ୍ଧି ୮.୨% ହୋଇଥିବା ବେଳେ ପରବର୍ତ୍ତୀ ତ୍ରୈମାସରେ ଏପ୍ରିଲ-ଜୁନ ୨୦୧୮(୭.୧%), ଜୁଲାଇ- ସେପ୍ଟେମ୍ବର (୬.୨%), ଅକ୍ଟୋବର- ଡିସେମ୍ବର (୫.୬%), ଜାନୁୟାରୀ-ମାର୍ଚ୍ଚ ୨୦୧୯ (୫.୭%), ଏପ୍ରିଲ-ଜୁନ (୫.୨%), ଜୁଲାଇ- ସେପ୍ଟେମ୍ବର (୪.୪%), ଅକ୍ଟୋବର-ଡିସେମ୍ବର (୪.୨%), ଜାନୁୟାରୀ-ମାର୍ଚ୍ଚରେ ୩.୧% ହ୍ରାସ ପାଇଥିଲା, ଯାହା ବିଗତ ୪୪ଟି ତ୍ରୈମାସରେ ସର୍ବନିମ୍ନ । ସେହିପରି ବାର୍ଷିକ ଅଭିବୃଦ୍ଧି ମଧ୍ୟ ୨୦୧୫-୧୬ରୁ ହ୍ରାସ ପାଇ ଚାଲିଛି । ଏହି ବର୍ଷ ଏହା ୮.୨% ଥିବା ବେଳେ ତା'ର ପରବର୍ତ୍ତୀ ବର୍ଷ ୨୦୧୬-୧୭ରେ ୭.୧%, ୨୦୧୭-୧୮ରେ ୭%, ୨୦୧୮-୧୯ରେ ୬.୧% ଏବଂ ୨୦୧୯-୨୦ରେ ୪.୨%କୁ ହ୍ରାସ ପାଇଛି; ଯାହା ଗତ ୧୧ ବର୍ଷରେ ସର୍ବନିମ୍ନ । ୨୦୧୯-୨୦ ବର୍ଷରେ ଲକ୍‌ଡାଉନ୍‌ର ମାତ୍ର ୭ ଦିନର ପ୍ରଭାବ ରହିଛି ।

କେବଳ ଅଭିବୃଦ୍ଧି ନୁହେଁ ବିଭିନ୍ନ ସୂଚକାଙ୍କ ମଧ୍ୟ ଲକ୍‌ଡାଉନ୍ ପୂର୍ବରୁ ଭାରତୀୟ ଅର୍ଥନୀତି ନିମ୍ନମୁଖୀ ହୋଇଥିଲା । କୋର ସେକ୍ଟର ଅଭିବୃଦ୍ଧି ୨୦୧୮-୧୯ରେ ୪.୪% ହୋଇଥିବା ବେଳେ, ୨୦୧୯-୨୦ରେ ୦.୬%କୁ ହ୍ରାସ ପାଇଛି। ଟିକସ-ଜିଡିପି ଅନୁପାତ ଯାହା ୨୦୧୭-୧୮ରେ ୧୧.୭୨% ଥିଲା, ତାହା ୨୦୧୯-୨୦ରେ ୯.୮%କୁ ହ୍ରାସ ପାଇଛି। ବାହ୍ୟ ଋଣ ୨୦୧୪-୧୫ରେ ଯାହା ୪୭୫ ବିଲିୟନ ଡଲାର ଥିଲା ତାହା ୨୦୧୯-୨୦ରେ ୫୪୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି । ଋଣ ଓ ଜିଡିପି ଅନୁପାତ ଯାହା ୨୦୧୧-୧୨ରେ ୬୭.୪% ଥିଲା, ତାହା ୨୦୧୯-୨୦ରେ ୭୨.୨%କୁ ବୃଦ୍ଧି ପାଇଛି । ବ୍ୟାଙ୍କ ଜାଲିଆତି ପରିମାଣ ୨୦୧୪-୧୫ରେ ୧୯୪୫୫ କୋଟି ଟଙ୍କା ଥିବାବେଳେ ୨୦୧୯-୨୦ର ପ୍ରଥମ ୬ ମାସରେ ଏହା ୧୧୩୩୭୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅଚଳ ସମ୍ପତ୍ତି ବୃଦ୍ଧି କଥା କହିବାର ଆବଶ୍ୟକ ନାହିଁ । ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସକୁ ନେଇ ଉପା ସରକାରଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ତାଙ୍କ ଶାସନ ଅମଳରେ ଅଗଷ୍ଟ ୧୫ ସୁଦ୍ଧା ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୨୭.୮୩% ହ୍ରାସ ପାଇଛି । ୨୦୧୭-୧୮ରେ ବେକାରି ହାର ୬.୮%ରେ ପହଞ୍ଚିଥିଲା, ଯାହା ଗତ ୪୫ ବର୍ଷରେ ସର୍ବାଧିକ। ପାରିବାରିକ ପରିବ୍ୟୟ ଗତ ୪ ଦଶନ୍ଧିରେ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ନିଯୁକ୍ତି ପ୍ରଥମ ଥର ପାଇଁ ହ୍ରାସ ପାଇଥିଲା। ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ତଥ୍ୟ ଅନୁସାରେ ୨୦୧୧-୧୨ରୁ ୨୦୧୭-୧୮ ମଧ୍ୟରେ ନିଯୁକ୍ତି ୯୦ ଲକ୍ଷ ହ୍ରାସ ପାଇଥିଲା। ବିମୁଦ୍ରୀକରଣ ଯୋଗୁ ୨୦୧୬ରୁ ୨୦୧୮ ମଧ୍ୟରେ ନିଯୁକ୍ତି ୫୦ ଲକ୍ଷ ହ୍ରାସ ପାଇଛି। ଗ୍ରାମୀଣ ଦାରିଦ୍ର୍ୟ ବୃଦ୍ଧି ପାଇବା ଯୋଗୁ ଦାରିଦ୍ର୍ୟ ସୀମାରେଖା ତଳକୁ ୩ କୋଟି ଲୋକ ଖସି ଆସିଛନ୍ତି। ଏଣୁ କେନ୍ଦ୍ର ଅର୍ଥମନ୍ତ୍ରୀ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ତଥା ଭାଜପା ବିଭିନ୍ନ ନେତୃତ୍ୱ ବର୍ତ୍ତମାନର ଆର୍ଥିକ ସଙ୍କଟ ପାଇଁ କରୋନା ମହାମାରୀକୁ ଦାୟୀ କରିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍ । କରୋନା ସଂକ୍ରମଣ ପୂର୍ବରୁ ଅର୍ଥନୀତି ବିପର୍ଯ୍ୟୟମୁଖୀ ଥିଲା। କରୋନା ମହାମାରୀ ଦେଖେଇଦେଲା ଯେ, ଆମ ଆର୍ଥିକ ବ୍ୟବସ୍ଥା କିପରି ଦୁର୍ବଳ । ବିଭିନ୍ନ ଆଭ୍ୟନ୍ତରୀଣ ବା ବାହ୍ୟ ସକ୍ ସହିବାକୁ ଶକ୍ତି ନାହିଁ।

ମୋ-୯୪୩୭୨୦୮୭୬୨
skmohapatra67@gmail.com

# କର୍ମକ୍ଷେତ୍ରରେ ମହିଳାଙ୍କୁ ସୁରକ୍ଷା



ଘାସିରାମ ପଣ୍ଡା

ଅଗଷ୍ଟ ୧୨ରେ ମୁକ୍ତିଲାଭ କରିଥିବା ହିନ୍ଦୀ ଚଳଚ୍ଚିତ୍ର 'ଗୁଞ୍ଜନ ସାକ୍ସେନା' ଅନେକ ବିତର୍କ ସୃଷ୍ଟି କରିଛି। ୧୯୯୬ରେ ଗୁଞ୍ଜନ ଭାରତୀୟ ବାୟୁ ସେନାରେ ପାଇଲଟ ଭାବେ ଯୋଗ ଦେଇଥିଲେ। କାରଗିଲ ଯୁଦ୍ଧରେ ସେ ଏକମାତ୍ର ମହିଳା ଥିଲେ। ସିନେମାରେ ତାଙ୍କର ସାହସ ଓ ବୀରତା ରୋମାଞ୍ଚ ସୃଷ୍ଟି କରୁଛି। ଏହା ସହିତ ପୁରୁଷପ୍ରାଧାନ୍ୟ ଏକ ବୃତ୍ତିରେ ଜଣେ ମହିଳା ପାଇଁ ରହିଥିବା ଆହ୍ୱାନ ମଧ୍ୟ ବିଶେଷ ଭାବେ ପ୍ରତିଫଳିତ ହୋଇଛି। ଯଦିଓ ଭାରତୀୟ ବାୟୁସେନା, ରକ୍ଷା ମନ୍ତ୍ରଣାଳୟ ଓ ତାଙ୍କର କିଛି ମହିଳା ସହକର୍ମୀ ଏଥିରେ ଅସହମତି ଜାହିର କରିଛନ୍ତି, ତଥାପି କର୍ମସ୍ଥଳୀରେ ମହିଳାଙ୍କ ସମସ୍ୟାକୁ ନେଇ ଆଲୋଚନା କରିବାକୁ ଏହା ସୁଯୋଗ ସୃଷ୍ଟି କରିଛି। ଶାରୀରିକ ଭିନ୍ନତା ଓ ମହିଳାଙ୍କ ପ୍ରତି ସମାଜର ଭିନ୍ନ ଦୃଷ୍ଟିଭଙ୍ଗୀ ଯୋଗୁ ସେମାନଙ୍କର ଆବଶ୍ୟକତା ମଧ୍ୟ ଭିନ୍ନ ହୋଇପାରେ। ମହିଳାମାନେ କାର୍ଯ୍ୟକରୁଥିବା ଅନେକ ଅନୁଷ୍ଠାନ ଓ କାର୍ଯ୍ୟାଳୟ କିନ୍ତୁ ଏନେଇ ସଚେତନ ନ ଥାନ୍ତି। ଏ ସମ୍ପର୍କରେ ସେମାନେ ଅଧିକାରୀଙ୍କୁ ଅବଗତ କଲେ ବିଶୃଙ୍ଖଳିତ ଓ କାମ ନ କରିବାର ବାହାନା କରୁଛନ୍ତି ବୋଲି ଧରାଯାଏ। ଯଦି ବାହାରେ ଏହା ଚର୍ଚ୍ଚା ହୁଏ ଅନୁଷ୍ଠାନର ମର୍ଯ୍ୟାଦାହାନି ବୋଲି ବିବେଚନା କରାଯାଏ। ପରିଣାମ ସ୍ୱରୂପ ନିଜର ବଦନାମୀ ଓ ଚାକିରି ହରେଇବାର ଭୟରେ ମହିଳାକର୍ମୀମାନେ ଚୁପ ରହିବାକୁ ବାଧ୍ୟ ହୁଅନ୍ତି। କାର୍ଯ୍ୟରତ କର୍ମଚାରୀଙ୍କ ଆବଶ୍ୟକତାକୁ ସ୍ୱୀକାର କଲେ ଅନୁଷ୍ଠାନର ଗରିମାରେ କେବେ ଆଞ୍ଚ ଆସେ ନାହିଁ, ବରଂ ସମ୍ବେଦନଶୀଳ ହେଲେ ଉତ୍ପାଦକତା ବଢେ।

ଉପାର୍ଜନ କରି ପରିବାର ଚଳେଇବାର ଦାୟିତ୍ୱ ଆମ ସମାଜ ପୁରୁଷଙ୍କ ଉପରେ କାହିଁ କେତେ କାଳରୁ ନ୍ୟସ୍ତ କରିଛି। ଏଣୁ କର୍ମସ୍ଥଳୀଗୁଡିକ ପୁରୁଷ ପ୍ରାଧାନ୍ୟ ହେବା ସ୍ୱାଭାବିକ। ସମୟର ପରିବର୍ତ୍ତନରେ ଏବେ ମହିଳାମାନେ ବିଭିନ୍ନ ବୃତ୍ତିରେ ଯୋଗଦେଲେଣି। ଅଥଚ କିଛି ସମ୍ବେଦନଶୀଳ ଅନୁଷ୍ଠାନକୁ ଛାଡିଦେଲେ ଅନେକ କର୍ମସ୍ଥଳୀର ଆଚରଣରେ ବିଶେଷ ପରିବର୍ତ୍ତନ ହୋଇନାହିଁ। କେବଳ ଭିତ୍ତିଭୂମିର ପ୍ରଶ୍ନ ନୁହେଁ। ମହିଳା ସହକର୍ମୀଙ୍କ ପ୍ରତି ଆମର ଦୃଷ୍ଟିଭଙ୍ଗୀ ଓ ମାନସିକତାରେ ପରିବର୍ତ୍ତନ ନ ହେବା ଯାଏ ଏ ସ୍ଥିତିରେ ପରିବର୍ତ୍ତନ ହେବନାହିଁ। ମହିଳା ସହକର୍ମୀଙ୍କୁ ନିଜଠାରୁ ହୀନ ମନେକରିବା, କୌଣସି ପୁରୁଷ ସହକର୍ମୀଙ୍କ ସହ ହସି କଥାହେଲେ କିମ୍ବା ସାଙ୍ଗରେ ଯାତ୍ରା କଲେ ଚରିତ୍ରକୁ ନେଇ ଚର୍ଚ୍ଚା କରିବା ସେମାନଙ୍କ ପାଇଁ ଅସ୍ୱସ୍ତିକର ହୁଏ। ଉଚ୍ଚ ପଦରେ ଥିବା ମହିଳାଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ଅନେକେ ପୌରୁଷରେ ହାନି ବୋଲି ଭାବନ୍ତି। ତଳିଆ ପଦବୀରେ ଥିବା ମହିଳାଙ୍କୁ କଥା କଥାରେ ଅଶାଳୀନ ବ୍ୟବହାର କିଛି ଲୋକଙ୍କୁ ଆମୋଦିତ କରେ। ପ୍ରସବକାଳୀନ ସବୈତନିକ ଛୁଟି ସେମାନଙ୍କର ଆଇନଗତ ଅଧିକାର ହୋଇଥିଲେ ବି ଅନେକ ଟାହି ଟାପରା ଶୁଣିବାକୁ ମିଳେ। ଅସହାୟତାର ସୁଯୋଗ ନେଇ ସେମାନଙ୍କ ସହ ଯୌନାଚାର କରିବାର ମଧ୍ୟ ଅନେକ ଉଦାହରଣ ରହିଛି। ଯେଉଁଠି ପରିବାର ସଦସ୍ୟ, ସାଙ୍ଗ ଓ ସହକର୍ମୀଙ୍କ ସହଯୋଗ ମିଳେ ସେଠାରେ ପୀଡିତା ହୁଏତ କଥାଟିକୁ ଲୋକଲୋଚନକୁ ଆଣନ୍ତି। ଅନ୍ୟଥା ଲୋକଲଜ୍ଜାକୁ ଏଡାଇବାକୁ ଯାଇ ଏହାକୁ ଦେହସୁହା କରି ନିଅନ୍ତି।

କର୍ମସ୍ଥଳୀକୁ ମହିଳାଙ୍କ ପାଇଁ ସୁରକ୍ଷିତ କରିବା ପାଇଁ ୨୦୧୩ରେ ଭାରତ ସରକାର 'କର୍ମସ୍ଥଳୀରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ – ନିବାରଣ, ନିଷେଧ ଓ ପ୍ରତିକାର ଆଇନ' ପ୍ରଣୟନ କରିଛନ୍ତି। ଏହି ଆଇନ ଅନୁସାରେ କୌଣସି ବି ମହିଳା କର୍ମୀ ଅସହଜ ଅନୁଭବ କଲେ, ଅନ୍ୟ ସହକର୍ମୀଙ୍କଠାରୁ ଅଶୋଭନୀୟ ବ୍ୟବହାର ପାଇଲେ, କ୍ଷମତାର ବ୍ୟବହାର କରି କେହି ମହିଳା କର୍ମୀଙ୍କଠୁ ଅଯଥା ଅନୁଗ୍ରହ ଆଶାକଲେ ପୀଡିତା ଏହି ଆଇନ ଅନୁଯାୟୀ ଅଭିଯୋଗ କରିପାରିବେ। କର୍ମସ୍ଥଳୀକୁ ଅନୁକୂଳ ପରିବେଶ କରିବା ଓ କର୍ମଚାରୀଙ୍କୁ ସମ୍ବେଦନଶୀଳ କରିବା ପାଇଁ ସଚେତନ କରିବାର ଦାୟିତ୍ୱ ମଧ୍ୟ ନିଯୁକ୍ତିଦାତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏଥିପାଇଁ ପ୍ରତ୍ୟେକ କାର୍ଯ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଜିଲାସ୍ତରରେ ସ୍ଥାନୀୟ ଅଭିଯୋଗ କମିଟି ଗଠନ ପାଇଁ ଆଇନରେ ଉଲ୍ଲେଖ ଅଛି। କମିଟି ସଦସ୍ୟଙ୍କ ଫଟୋ ଓ ସମ୍ପୂର୍ଣ୍ଣ ଠିକଣା ଲୋକଙ୍କ ଅବଗତି ନିମନ୍ତେ ସମସ୍ତେ ଦେଖିପାରିବା ଭଳି ସ୍ଥାନରେ ପ୍ରଦର୍ଶିତ ହେବା ଉଚିତ। ଅଭିଯୋଗ ପାଇବାର ନବେ ଦିନ ମଧ୍ୟରେ କମିଟି ବିବାଦର ଫଇସଲା କରିବେ। ପ୍ରତ୍ୟେକ କାର୍ଯ୍ୟାଳୟ ଏ ସମ୍ପର୍କିତ ଏକ ବାର୍ଷିକ ରିପୋର୍ଟ ଜିଲା ଅଧିକାରୀଙ୍କ ପାଖରେ ଦାଖଲ କରିବେ। ଏସବୁ ନ କରିପାରିଲେ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଦଣ୍ଡ ବିଧାନ କରାଯାଇ ପାରିବ। ପରିତାପର ବିଷୟ ଯେ ଉଭୟ ସରକାରୀ ଓ ବେସରକାରୀ ନାମକରା ଅନୁଷ୍ଠାନମାନେ ମଧ୍ୟ ଏ ବିଷୟରେ ଜାଣନ୍ତି ନାହିଁ। କିଛିଦିନ ତଳେ ଭୁବନେଶ୍ୱରର କିଛି ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ବ୍ୟାଙ୍କ, ଗଣମାଧ୍ୟମ, ନିର୍ମାଣସ୍ଥଳିକୁ ନେଇ ତଥ୍ୟ ସଂଗ୍ରହ କରାଯାଇଥିଲା। ସେମାନଙ୍କ ଭିତରୁ ବହୁତ ଲୋକ ଏହାକୁ ଗୁରୁତ୍ୱ ଦେଲେନାହିଁ ଓ ଏ ବିଷୟରେ କଥା ହେବାକୁ ଚାହିଁଲେ ନାହିଁ। ଅନେକ ଅନୁଷ୍ଠାନରେ କମିଟି ଗଠନ ହୋଇନାହିଁ। ଯେଉଁଠି ବି ନାମକୁ ମାତ୍ର ଗଠିତ ହୋଇଛି, ସମସ୍ତେ ଦେଖିପାରିବା ଭଳି ସ୍ଥାନରେ ପ୍ରଦର୍ଶିତ ହୋଇ ନାହିଁ। ପ୍ରାୟ କେହି ବାର୍ଷିକ ବିବରଣୀ ପ୍ରସ୍ତୁତପୂର୍ବକ ଜିଲା ଅଧିକାରୀଙ୍କ ପାଖରେ ଦାଖଲ କରି ନାହାନ୍ତି। ଏସବୁ କରି ନ ଥିଲେ ବି ପ୍ରଶାସନ ସେମାନଙ୍କୁ ତାଗିଦ ବା ଜରିମାନା କରି ନାହାନ୍ତି। ଆଇନର ଅନୁପାଳନ ମହିଳାଙ୍କୁ ସୁରକ୍ଷିତ କର୍ମସ୍ଥଳି ପ୍ରଦାନ ପାଇଁ ଏକ ଅଙ୍ଗୀକାରବଦ୍ଧତା ଓ ଆଇନଗତ ଉତ୍ତରଦାୟିତ୍ୱ। ଏଣୁ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ମହିଳା କମିଶନ ଭଳି ଅନୁଷ୍ଠାନ ଏହି ଆଇନର ଠିକ କାର୍ଯ୍ୟାନ୍ୱୟନ ପାଇଁ ତଦାରଖ ବ୍ୟବସ୍ଥାକୁ ଦୃଢ କରିବାର ଆବଶ୍ୟକତା ରହିଛି।

ସମାନତାଭିତ୍ତିକ ସହଭାଗୀ ବିକାଶ ପାଇଁ ବିବିଧତାକୁ ଆଦରିବାକୁ ପଡିବ। ମହିଳା ଓ ଅନ୍ୟ ଲିଙ୍ଗର ଲୋକଙ୍କୁ ସମାନ ସୁଯୋଗ ପ୍ରଦାନ କରାଗଲେ ଦେଶର ପ୍ରଗତିରେ ସେମାନେ ଭାଗୀଦାରି ହୋଇପାରିବେ। ଅପମାନିତ କରିବା ବଦଳରେ ଉତ୍ସାହିତ କରାଗଲେ ଆଗାମୀ ଦିନରେ ସେମାନଙ୍କର ବିଶେଷ ଉପଲବ୍ଧିରେ ଆମେ ସମସ୍ତେ ଗର୍ବକରିପାରିବା।

ସୁବର୍ଣ୍ଣପୁର
ମୋ-୯୪୩୮୩୪୧୭୯୪

## ଏଇ ଭାରତରେ

କର୍ଣ୍ଣାଟକର ୪୧ ବର୍ଷୀୟ ମଞ୍ଜୁନାଥ ନିଙ୍ଗାପ୍ପା ପୂଜାରୀ ଯାହା କରୁଛନ୍ତି ତାହା ଦେଖିବାର ବିଷୟ। ସେ ଏକସାଙ୍ଗରେ ତିନୋଟି କାମ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବା ସହ ଲୋକଙ୍କ ସେବାରେ ଖର୍ଚ୍ଚ କରିଥାନ୍ତି। ମଞ୍ଜୁନାଥ ରହନ୍ତି ବେଙ୍ଗାଲୁରୁରେ । ପ୍ରତିଦିନ ସେ ତିନୋଟି କାମ କରିଥାନ୍ତି। ସକାଳ ୬ଟାରୁ ଉଠି ଲୋକମନଙ୍କୁ ଅଟୋରେ ନେବା ଆଣିବା କରନ୍ତି। ୯ଟା ଯାଏ ଏହି କାମ କରିବା ପରେ ସେ ଆଇଏଲ୍ ଆଣ୍ଡ୍ ଏଫ୍‌ଏସ୍ ଅଫିସ୍‌ରେ ଆସିଷ୍ଟାଣ୍ଟ ଭାବେ କାମ କରନ୍ତି। ସେଠାରୁ ସନ୍ଧ୍ୟା ୬ଟା ୩୦ରେ ଫେରିବା ପରେ ଆଉ ଏକ ଜାଗାରେ ପାର୍ଟଟାଇମ ଜବ୍ କରନ୍ତି। ସେଠାରୁ ରାତି ୯ଟାରେ ଫେରି ଖାଇ ସାରିବା ପରେ ପୁଣି ରୋଗୀମାନଙ୍କୁ ହସ୍ପିଟାଲ ନେଇଥାନ୍ତି। ଅଫିସରୁ ଯାହା ଦରମା ପାଆନ୍ତି ସେଥିରେ ପରିବାର ଚଳାନ୍ତି ଏବଂ ଅଟୋ ଓ ପାର୍ଟଟାଇମ ଜବ୍‌ରୁ ଯାହା ରୋଜଗାର କରନ୍ତି ତାହାକୁ ଲୋକମାନଙ୍କ ସେବାରେ ଖର୍ଚ୍ଚ କରିବା ପରେ ଆଉ କିଛି ଏକ ଏନ୍‌ଜିଓକୁ ଦାନ କରିଥାନ୍ତି। ରାତିରେ ରୋଗୀମାନଙ୍କୁ ହସ୍ପିଟାଲ ନେଉଥିବାରୁ ଲୋକେ ତାଙ୍କୁ ରାତିର ଅଟୋ ଆମ୍ବୁଲାନ୍ସ ମ୍ୟାନ ବୋଲି କୁହନ୍ତି। ଏହି ସେବା ଯୋଗାଇ ଦେଇ ସେ ୩୦୦ ଲୋକଙ୍କ ଜୀବନ ବଞ୍ଚାଇ ପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ସେପ୍ଟେମ୍ବର ୧୯୯୫

- ଆଲଜେରିଆ ରାଜଧାନୀ ଆଲଜିୟର୍ସରେ ୪୧ ମୁସଲିମ ଗେରିଲାଙ୍କୁ ହତ୍ୟା।
- ଜାପାନର ତିନିଦଳୀୟ ଶାସକ ମିଳିତ ମୋର୍ଚ୍ଚାର ମୁଖ୍ୟ ଅଂଶୀଦାର ଲିବେରାଲ ଡେମୋକ୍ରାଟିକ ପାର୍ଟିର ଅଧକ୍ଷ ଭାବରେ ଆର୍. ହାସିକମୋତୋ ନିର୍ବାଚିତ।
- ଡାଇରିଆରେ ଆକ୍ରାନ୍ତ ହୋଇ ପଶ୍ଚିମବଙ୍ଗର ଦିନାଜପୁର ଜିଲାର ଉତ୍ତରାଞ୍ଚଳରେ ୭୦ ଶିଶୁଙ୍କ ମୃତ୍ୟୁ।

## sudoku / ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | E | 5 | | | | | | | 0 | | | 6 | | B |
| B | | | | | | 7 | 1 | D | E | | | | | C |
| | | | | 5 | | | 6 | | | B | | | | |
| 1 | D | | 6 | | 3 | C | | | | | | 8 | 5 | |
| | 6 | | | 1 | | 9 | 0 | | | | 8 | 7 | | |
| 7 | A | | | | 1 | | | | | 0 | | D | 8 | 3 |
| | | | | | | 2 | | A | | | D | B | | |
| | 8 | | | | D | | C | | | | 6 | | 4 | 1 |
| | 9 | | | 2 | | | 3 | | C | | | | | |
| C | 4 | | 0 | | | | | | 9 | | 2 | | | |
| | | | 7 | 0 | | 4 | | | 6 | | | E | A | 2 |
| | | | | | | | A | C | 3 | 5 | | | | |
| | | | | | 5 | | | 6 | 2 | | E | 4 | 7 | |
| 0 | | | | A | | | 8 | E | | 9 | | | | |
| | | D | | E | 6 | | 7 | | | | | C | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 3 | 1 | E | 6 | A | 7 | 4 | C | D | 5 | 9 | 0 | B | 8 |
| A | 7 | 4 | C | 0 | 5 | 6 | 9 | 8 | B | 1 | 2 | D | 3 | E |
| C | 0 | 9 | 2 | D | 3 | B | 5 | E | 8 | 7 | A | 1 | 4 | 6 |
| B | D | E | 1 | 9 | 8 | 0 | A | 3 | C | 6 | 4 | 5 | 7 | 2 |
| 5 | 6 | 8 | 4 | B | 7 | 2 | D | 1 | 0 | E | 3 | A | C | 9 |
| 8 | A | 6 | D | E | 0 | C | 7 | 4 | 2 | 9 | B | 3 | 5 | 1 |
| D | E | 3 | A | 5 | 9 | 1 | 8 | 2 | 7 | 0 | C | 4 | 6 | B |
| 4 | 5 | C | 7 | 1 | 2 | D | B | A | 6 | 3 | E | 8 | 9 | 0 |
| 0 | B | 7 | 3 | C | 4 | E | 6 | 9 | 5 | 8 | 1 | 2 | A | D |
| 9 | 1 | 2 | B | 8 | 6 | 3 | 0 | 5 | A | 4 | D | C | E | 7 |
| E | 4 | 0 | 6 | 7 | D | 8 | 2 | B | 3 | A | 5 | 9 | 1 | C |
| 7 | 9 | 5 | 8 | 3 | 1 | A | C | D | E | 2 | 6 | B | 0 | 4 |
| 1 | 2 | D | 5 | A | C | 4 | E | 7 | 9 | B | 0 | 6 | 8 | 3 |
| 3 | 8 | A | 0 | 2 | B | 9 | 1 | 6 | 4 | C | 7 | E | D | 5 |
| 6 | C | B | 9 | 4 | E | 5 | 3 | 0 | 1 | D | 8 | 7 | 2 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ସଂକ୍ରମଣ ବଢ଼ିଚାଲିଛି

ମହାଶୟ,

କରୋନା ମହାମାରୀ ରାଜ୍ୟବାସୀଙ୍କୁ ଆତଙ୍କିତ କରିବା ସହ ଭୟାନକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ଭାଇରସ ପାଇଁ କେବଳ ଟିକା ହିଁ ଅବ୍ୟର୍ଥ ବିକଳ୍ପ ବୋଲି ସମସ୍ତେ ଜାଣନ୍ତି। କୋଭିଡ୍-୧୯ ଟିକା ପାଇଁ ଏବେ ବିଶ୍ୱର ବିଭିନ୍ନ ସ୍ୱାସ୍ଥ୍ୟ ଅଭିମୁଖୀ ସମ୍ପନ୍ନ ରାଷ୍ଟ୍ରର ଗବେଷକଙ୍କ ଭିତରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁରୀ ସହର ସମେତ ଜିଲାର ୧୧ଟି ବ୍ଲକଗୁଡ଼ିକରେ ପ୍ରତିଦିନ ଶହ ଶହ କରୋନା ସଂକ୍ରମଣ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି । ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଅଧିକାଂଶ କର୍ମଚାରୀ କରୋନା ଲକ୍ଷଣ ଜାଣି ମଧ୍ୟ ଗୋପନୀୟ ରଖି ଅନ୍ୟ ସହକର୍ମୀ ଓ ପରିଚିତ ଲୋକଙ୍କ ସହ ମିଳାମିଶା କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାର ପୋଲିସ ଓ ଡାକ୍ତରଖାନାମାନଙ୍କ ସହଯୋଗରେ ଅପର୍ଯ୍ୟାପ୍ତ ଅର୍ଥ କରୋନା ଚିକିତ୍ସା ପାଇଁ ଖର୍ଚ୍ଚ କରିଛନ୍ତି। ସରକାରୀ ଯୋଜନାର ଅନ୍ତ ନାହିଁ। ଯୋଜନା ପରେ ଯୋଜନା, କିନ୍ତୁ ଏ ଯୋଜନାଗୁଡ଼ିକର ସଫଳ କେତେ ? ମନୁଷ୍ୟ ପାଇଁ ମାନବିକ ଓ ସମ୍ବେଦନଶୀଳତା ଲୋପ ପାଇ ବଢ଼ୁଛି ସ୍ୱାର୍ଥପରତା, ପରଶ୍ରୀକାତରତା, ପର ଦ୍ରବ୍ୟ ପ୍ରତି ଲୋଲୁପତା ଦେଖାଦେଇଛି। ବର୍ତ୍ତମାନର କରୋନା ମହାମାରୀ ଏହାର ଜ୍ୱଳନ୍ତ ଉଦାହରଣ।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ମୁଖେ ନାହିଁ କଥା ନାହିଁ କି ତୋର
ମଥାରେ କିଛି
ଚିକୁର ଶୋଭାରେ ସେ ଖାଲି ଚିର
ରହିବ ଛି ଛି।

(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭୁବନେଶ୍ୱରରେ ୨୭୨ ଆଇସିୟୁ ବେଡ ଖାଲି

**ଭୁବନେଶ୍ୱର,୨୫।୯(ବ୍ୟୁରୋ):** ଭୁବନେଶ୍ୱରରେ କୋଭିଡ ହସ୍ପିଟାଲରେ ସମୁଦାୟ ୧୬୧୭ ସାଧାରଣ ବେଡ ରହିଛି। ସେଥିରୁ ୪୧୦ ଖାଲି ରହିଛି। ସେହିପରି ୫୩୪ଟି ଆଇସିୟୁ ବେଡ ମଧ୍ୟରୁ ୨୭୪ ଏବଂ ୧୯୫ ଭେଣ୍ଟିଲେଟର ମଧ୍ୟରୁ ୧୦୨ ଖାଲି ରହିଛି। ଶୁକ୍ରବାର ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀରେ ଚୋରା ବନ୍ଧୁକ କାରବାର

- ଡିଲ୍‌ବେଳେ ଏସ୍‌ଟିଏଫ୍ ଚଢ଼ାଉ, ଲେଡି ଡନ୍ ସମେତ ୩ ଗିରଫ
- ଖସିଗଲେ ମାଷ୍ଟରମାଇଣ୍ଡ ଝାରପଡ଼ାର ବନ୍ଧୁକ ବେପାରୀ
- ଗୋଟିଏ ବନ୍ଧୁକ, ୫ ରାଉଣ୍ଡ ଗୁଳି ଓ ସ୍କର୍ପିଓ ଜବତ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ରାଜଧାନୀରେ ଚାଲିଛି ବନ୍ଧୁକ କାରବାର। ଛତିଶଗଡ଼ ଓ ବିହାରରୁ ଚୋରାରେ ବନ୍ଧୁକ ଆସି ଏଠାରେ ବିକ୍ରି ହେଉଛି। ଏହି ବନ୍ଧୁକରେ ଅପରାଧୀମାନେ ବଡ଼ ବଡ଼ ଅପରାଧ ଘଟାଉଛନ୍ତି। ଗୁରୁବାର ଏଭଳି ଏକ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ବଡ଼ଗଡ଼ ଥାନା କଳ୍ପନା ଛକ ନିକଟରେ ଏକ ସ୍କର୍ପିଓ ଭିତରେ ଡିଲ୍ ଚାଲିଥିବାବେଳେ ବିଳମ୍ବିତ ରାତିରେ ଏସ୍‌ଟିଏଫ୍ ଟିମ୍ ଓ ସ୍ଥାନୀୟ ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବନ୍ଧୁକ କିଣିବାକୁ ଆସିଥିବା କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନାଞ୍ଚଳର ରାଜେନ୍ଦ୍ର ସାହୁ ଓ ଗୌରାଙ୍ଗ ଜେନା ଏବଂ ବନ୍ଧୁକ ବିକ୍ରିରେ ସାମିଲ ଥିବା ଲେଡି ଡନ୍ ପୁରୀ ଜିଲା ନିମାପଡାର ଜ୍ୟୋସ୍ନାରାଣୀ ଦାଶ। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ(ପିସ୍ତଲ), ୫ ରାଉଣ୍ଡ ଗୁଳି ସହ ବ୍ୟବହୃତ ଏକ ସ୍କର୍ପିଓକୁ ଜବତ କରାଯାଇଛି। ତେବେ ଘଟଣାସ୍ଥଳରୁ ମାଷ୍ଟରମାଇଣ୍ଡ୍ ତଥା ଝାରପଡ଼ାର ଚୋରା ବନ୍ଧୁକ ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଏନେଇ ବଡ଼ଗଡ଼ ଥାନା ପୋଲିସ ମାମଲା (ନଂ.୨୭୧/୨୦) ରୁଜୁ କରିଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରିଛି।

ପୋଲିସ ସୂଚନାନୁସାରେ, ଏହି ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡ୍ ହେଉଛନ୍ତି ଝାରପଡ଼ାର ଜଣେ ଅପରାଧୀ। ସେ ଛତିଶଗଡ଼ ଓ ବିହାରରୁ ଚୋରା ବନ୍ଧୁକ ଆଣି ଲେଡି ଡନ୍ ଜ୍ୟୋସ୍ନାଙ୍କ ସହାୟତାରେ ଏଠାରେ ବିକ୍ରି କରନ୍ତି। ସେମାନେ ରାଜେନ୍ଦ୍ର ଓ ଗୌରାଙ୍ଗଙ୍କୁ ଏକ ବନ୍ଧୁକ ବିକ୍ରି କରିବାକୁ କଳ୍ପନା ମ୍ୟୁଜିୟମ ଛକ ନିକଟରେ ଡିଲ୍ କରୁଥିଲେ। ରାଜଧାନୀରେ ଚୋରା ବନ୍ଧୁକ କାରବାର ଚାଲିଥିବା ନେଇ ରାତି ପ୍ରାୟ ୩ଟାରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଏସ୍‌ଟିଏଫ୍‌ର ଅତିରିକ୍ତ ଏସ୍‌ପି ଟି.ଆର୍. ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଶହୀଦନଗର, ଖାରବେଳନଗର, କ୍ୟାପିଟାଲ, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର ଆଦି ଅଞ୍ଚଳରେ ଚଢାଉ କରିଥିଲେ। ହେଲେ ଏହାର କିଛି ପତ୍ତା ମିଳି ନ ଥିଲା। ଏହା ଭିତରେ ମ୍ୟୁଜିୟମ ଛକରେ ଡିଲ୍ ଚାଲିଥିବାନେଇ ସୂଚନା ମିଳିଯିବା ପରେ ତୁରନ୍ତ ଏସ୍‌ଟିଏଫ୍ ବଡ଼ଗଡ଼ ଥାନାକୁ ଖବର ଦେବାସହ ଘଟଣାସ୍ଥଳରେ ମିଳିତ ଚଢ଼ାଉ କରିଥିଲେ। ତେବେ ପୋଲିସକୁ ଦେଖି ବାହାରେ ନଜର କରୁଥିବା ଝାରପଡାର ବନ୍ଧୁକ ବ୍ୟବସାୟୀ ଫେରାର ହେବାରେ ସକ୍ଷମ ହୋଇଥିଲେ। ହେଲେ ସ୍କର୍ପିଓ (ନଂ.ଓଆର୍‌୦୨ଏଇ୯୯୯୩) ଭିତରେ ଡିଲ୍ କରୁଥିବା ଲେଡି ଡନ୍ ଜ୍ୟୋସ୍ନାଙ୍କ ସହ ରାଜେନ୍ଦ୍ର ଓ ଗୌରାଙ୍ଗ ଧରାପଡ଼ିଥିଲେ। ପଚରାଉଚରାବେଳେ ଏସ୍‌ଟିଏଫ୍‌କୁ ଉକ୍ତ ର୍‍ୟାକେଟ୍ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ପୋଲିସ ନଜରରୁ ବର୍ତ୍ତିବା ପାଇଁ ଝାରପଡ଼ାର ମାଷ୍ଟରମାଇଣ୍ଡ୍ ଜଣକ ଜ୍ୟୋସ୍ନାଙ୍କୁ ଢାଲ କରି ବନ୍ଧୁକ ବେପାର କରୁଥିଲେ। ତେବେ ଉକ୍ତ ବନ୍ଧୁକକୁ ୪୫ ହଜାର ଟଙ୍କା ଦେଇ କିଣୁଥିଲେ ବୋଲି ରାଜେନ୍ଦ୍ର ଓ ଗୌରାଙ୍ଗ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। କିନ୍ତୁ ଏମାନେ ବନ୍ଧୁକ କ'ଣ ପାଇଁ ନେଉଥିଲେ, ଆଗରୁ କେତେ ବନ୍ଧୁକ ନେଇ ଆଉ କାହାକୁ ଦେଇଛନ୍ତି? ଏମାନଙ୍କର ଆପରାଧିକ ରେକର୍ଡ କ'ଣ ରହିଛି, ଏସବୁକୁ ଜାଣିବା ପାଇଁ ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡଛି।






ଜବତ ସାମଗ୍ରୀ ସହ ଗିରଫ ୩ ଅଭିଯୁକ୍ତ।

## ସଂକ୍ଷେପରେ

### ଶିକ୍ଷାବିତ୍ ଦୟାନିଧି ଚୌଧୁରୀଙ୍କ ପରଲୋକ

**ଗୁଣପୁର, ୨୫।୯(ଡି.ଏନ୍.ଏ):** ରାୟଗଡା ଜିଲା ଗୁଣପୁର ଶତାୟୁ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଚୌଧୁରୀଙ୍କ ଶୁକ୍ରବାର ଶେଖର ନଗରସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ଦୟାନିଧି ଜ୍ୟୋତିର୍ବିଦ୍, ଆଧାତ୍ମିକ ସାଧକ, ଲେଖକ, ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ତଥା ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟର ଗଣଯୋଗାଯୋଗ ଅଧିକାରୀ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ପିତା ଅଟନ୍ତି। ମୃତ୍ୟୁବେଳେ ତିନି ପୁତ୍ର, ଦୁଇ ଝିଅ, ପୁତ୍ରବଧୂ ଓ ନାତିନାତୁଣୀ ସମସ୍ତେ ଉପସ୍ଥିତ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ, ପରୋପକାରୀ, ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଗୁଣପୁର ସହରର ଛାତ୍ରୀଛାତ୍ର ଓ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ଶୁଣି ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକକର୍ମୀ, ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।



# ଖୁସି ନୁହନ୍ତି ଓଡ଼ିଶାବାସୀ

- ହାପିନେସ୍ ଇଣ୍ଡେକ୍ସରେ ୩୪ତମ ସ୍ଥାନରେ ଓଡ଼ିଶା
- ପ୍ରଥମ ସ୍ଥାନରେ ମିଜୋରାମ, ଦ୍ୱିତୀୟରେ ପଞ୍ଜାବ

**ଭୁବନେଶ୍ୱର(ବ୍ୟୁରୋ),୨୫।୯**

କରୋନାରେ ଓଡ଼ିଆମାନେ ଖୁସି ନ ଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଶୁକ୍ରବାର ଇଣ୍ଡିଆ ହାପିନେସ୍ ରିପୋର୍ଟ-୨୦୨୦ ପ୍ରକାଶ ପାଇଥିବାବେଳେ ତାଲିକାର ସବୁଠାରୁ ଶେଷରେ ରହିଛି ଓଡ଼ିଶା। ଦେଶବ୍ୟାପୀ ହୋଇଥିବା ଏହି ସର୍ଭେରେ ଓଡ଼ିଶା ୩୪ତମ ସ୍ଥାନରେ ରହିଛି। ଆର୍ଥିକ, ସାମାଜିକ, ଆଧାତ୍ମିକ ଓ ପରୋପକାର ମନୋଭାବ ଆଦି କ୍ଷେତ୍ରରେ ପଛରେ ପଡ଼ିଛନ୍ତି ଓଡିଆ। ତେବେ ଦକ୍ଷିଣ-ପୂର୍ବ ଭାରତୀୟ ରାଜ୍ୟ ମିଜୋରାମ ତାଲିକାର ଶୀର୍ଷରେ ରହିଥିବାବେଳେ ଦ୍ୱିତୀୟରେ ରହିଛି ପଞ୍ଜାବ। ସେହିଭଳି ୩ୟ ସ୍ଥାନରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ରହିଛି। ତେବେ କରୋନାରେ ସମଗ୍ର ଦେଶରେ କରାଯାଇଥିବା ସର୍ଭେରୁ ଏଭଳି ତଥ୍ୟ ସାମ୍ନାକୁ ଆସିବାପରେ ଅଧିକାଂଶ ଓଡ଼ିଆ ନିଜ ଜୀବନକୁ ନେଇ ଖୁସି ନ ଥିବା ଜଣାପଡ଼ିଛି।

ଦେଶର ଖ୍ୟାତନାମା ମ୍ୟାନେଜମେଣ୍ଟ ଷ୍ଟ୍ରାଟେଜିଷ୍ଟ୍ ପ୍ରଫେସର ରାଜେଶ କେ. ପିଲାନିଆଙ୍କ ଦ୍ୱାରା ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ଏହି ସର୍ଭେ ହୋଇଥିଲା। ଖୁସିର ୬ ମାନଦଣ୍ଡକୁ ନେଇ ହୋଇଥିବା ସର୍ଭେରେ ଦେଶର ୧୬,୯୫୦ ଲୋକଙ୍କୁ ସାମିଲ କରାଯାଇଥିଲା। ତେବେ ଓଡ଼ିଶାବାସୀ ବିଷାଦଗ୍ରସ୍ତ ହେବାର କାରଣ କ'ଣ ଥାଇପାରେ ତାହା ଏବେ ଆଲୋଚନାର ବିଷୟ ହୋଇଛି। ଦେଶର ଶାନ୍ତିପ୍ରିୟ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏଠାକାର ଲୋକଙ୍କ ଜୀବନଶୈଳୀ ବି ବେଶ୍ ସରଳ। ତେବେ ଖୁସି ରହିବାରେ ଆର୍ଥିକ ଓ ସାମାଜିକ ସ୍ଥିତି ସର୍ବାଧିକ ପ୍ରଭାବ ପକାଇଥାଏ। ଏହି ଦୁଇ ମାନଦଣ୍ଡରେ ଓଡ଼ିଶା ପଛରେ ପଡ଼ିଯାଇଥିବା ଜଣାପଡୁଛି। ବିଶେଷକରି ନିଯୁକ୍ତି, ଆୟ ଏବଂ ସ୍ୱାସ୍ଥ୍ୟଗତ କାରଣକୁ ନେଇ ଓଡ଼ିଶାବାସୀ ଚିନ୍ତାରେ ରହୁଛନ୍ତି। ରାଜ୍ୟରେ ବର୍ତ୍ତମାନର ଅର୍ଥନୈତିକ ଓ ସାମାଜିକ ସ୍ଥିତିକୁ ନେଇ ଓଡ଼ିଶାବାସୀ ଚାପଗ୍ରସ୍ତ ରହିବା ସହ ଜୀବନକୁ ଉପଭୋଗ କରିପାରୁ ନ ଥିବା କୁହାଯାଇଛି।

**ଏସ୍.ଇ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସିକେପି-୨୦-୨୧-୧୫, ତାରିଖ: ୨୨।୦୯।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କାର୍ଯ୍ୟର ନାମ: ୦୨ ବର୍ଷ ପାଇଁ ଟାଟାନଗର, ଚକ୍ରଧରପୁର, ରାଉରକେଲା ଓ ଝାରସୁଗୁଡ଼ା ଷ୍ଟେଶନଗୁଡ଼ିକରେ ପରିବେଶ ତତ୍ତ୍ୱାବଧାନ ସେବା - ବାୟୁ, ଜଳ, ଧ୍ୱନି ପ୍ରଦୂଷଣ ସ୍ତରର ତତ୍ତ୍ୱାବଧାନ। ବିଭାଗୀୟ ମୂଲ୍ୟ: ₹୧୨,୧୫,୮୭୨/-। ଇ.ଏମ୍.ଡି.: ₹୨୪,୩୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ଟ.୨,୦୦୦/-। ଟେଣ୍ଡର ଖୋଲାଯିବା ସ୍ଥାନ: ସିନିୟର ଡିଏମ୍‌ଇ/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୧୫।୧୦।୨୦୨୦ରିଖ ୧୫.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। **(PR-271)**

# ୟୁଜି, ପିଜି ପାଇଁ ନିର୍ଦ୍ଦେଶାବଳୀ

**ଭୁବନେଶ୍ୱର, ୨୫।୯(ବ୍ୟୁରୋ):** ୨୦୨୦-୨୧ ଶିକ୍ଷାବର୍ଷ ପାଇଁ କେନ୍ଦ୍ରୀୟ ଅନୁଦାନ ଆୟୋଗ(ୟୁଜିସି) ସ୍ନାତକ (ୟୁଜି) ଏବଂ ସ୍ନାତକୋତ୍ତର(ପିଜି) ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ ଜାରି କରିଛି। ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରୀଆଲ ନିଶଙ୍କ ଟୁଇଟ୍ କରି ଜଣାଇଛନ୍ତି। ସେ ଲେଖିଛନ୍ତି, କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ୟୁଜିସି ପକ୍ଷରୁ ୟୁଜି ଓ ପିଜି ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ଓ ଏକାଡେମିକ୍ କ୍ୟାଲେଣ୍ଡର ଉପରେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏଥିରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଏପ୍ରିଲ୍ ୨୯ରେ ପ୍ରସ୍ତାବିତ ଏକାଡେମିକ୍ କ୍ୟାଲେଣ୍ଡରରେ ସଂଶୋଧନ କରାଯାଇଛି। ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ନଭେମ୍ବର ୧ରୁ ଏକାଡେମିକ୍ ଅଧିବେଶନ ଆରମ୍ଭ ହେବ। ଅବଶିଷ୍ଟ ଖାଲି ସିଟ୍‌ରେ ନାମଲେଖା ପାଇଁ ନଭେମ୍ବର ୩୦ ହେଉଛି ଶେଷ ତାରିଖ। ନଭେମ୍ବର ୧୮ରୁ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ୨୦୨୧ ମାର୍ଚ୍ଚ ୧ରୁ ୭ତାରିଖ ପର୍ଯ୍ୟନ୍ତ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ସମୟ ଦିଆଯିବ। ମାର୍ଚ୍ଚ ୮ରୁ ୨୬ତାରିଖ ପର୍ଯ୍ୟନ୍ତ ପ୍ରଥମ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ଏହାପରେ ୨୭ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ପୁଣି ଏପ୍ରିଲ ୫ରୁ ପାଠପଢ଼ା ଆରମ୍ଭ ହେବ। ଅଗଷ୍ଟ୧ ରୁ ୮ତାରିଖ ପର୍ଯ୍ୟନ୍ତ ପରୀକ୍ଷା ପ୍ରସ୍ତୁତ ପାଇଁ ପିଲାଙ୍କୁ ସମୟ ଦିଆଯିବ। ଅଗଷ୍ଟ ୯ରୁ ୨୧ ଦ୍ୱିତୀୟ ସେମିଷ୍ଟର ହେବ। ଅଗଷ୍ଟ ୨୨ରୁ ୨୯ତାରିଖ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିବ। ଏହାପରେ ଅଗଷ୍ଟ ୩୦ ତାରିଖରୁ ପୁଣି ଦ୍ୱିତୀୟ ବର୍ଷର ପାଠପଢ଼ା ଆରମ୍ଭ ହେବ।

# ବିଦ୍ୟୁତ୍ ଦର ବୃଦ୍ଧିକୁ ନେଇ ବିରୋଧୀ କ୍ଷୁବ୍ଧ

**ଭୁବନେଶ୍ୱର ୨୫।୯(ବ୍ୟୁରୋ):** ଘରୋଇ ବିଜୁଳି ଉପଭୋକ୍ତାଙ୍କ ଦର ବଢିବା ଘଟଣାରେ ବିରୋଧୀ ଭାଜପା ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ନେତା ଗୋଲକ ମହାପାତ୍ର କହିଛନ୍ତି, ଲକ୍‌ଡାଉନ୍ ସମୟରେ ବଦ୍ୟୁତ୍ କିଣିବା ପାଇଁ ରାଜ୍ୟର ବିତରଣ କମ୍ପାନିଗୁଡ଼ିକୁ ଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ୮୪ କୋଟି ଟଙ୍କାର ରିହାତି ଦେଇଛନ୍ତି। ରାଜ୍ୟର ବିଦ୍ୟୁତ ବିତରଣ କମ୍ପାନିଗୁଡ଼ିକୁ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଧୀନରେ ଥିବା ଏନ୍‌ଏଚ୍‌ପିସି ୩.୭୮ କୋଟି, ଏନ୍‌ଟିପିସି ୫୬.୮ କୋଟି ଏବଂ ପିଜିସିଆଇଏଲ୍ ପକ୍ଷରୁ ୨୪.୩୫ କୋଟି ରିହାତି ଦିଆଯାଇଛି। କରୋନାରେ ଉପଭୋକ୍ତାଙ୍କ ପାଇଁ ନିରନ୍ତର ବିଦ୍ୟୁତ୍ ସରବରାହ ହୋଇପାରିବା ଲକ୍ଷ୍ୟରେ ଏହି ଆର୍ଥିକ ରିହାତି ଦିଆଯାଇଛି। ଏହାସତ୍ତ୍ୱେ ରାଜ୍ୟରେ ଅକ୍ଟୋବର ପହିଲାରୁ ବିଜୁଳି ଦର ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି ଲାଗି ଓଡ଼ିଶା ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ନିଷ୍ପତ୍ତି ନେଇଛନ୍ତି। ତେବେ କରୋନା ପରିସ୍ଥିତିରେ ଲୋକ ଦୁର୍ଦ୍ଦିନ ଭିତରେ ଥିବାବେଳେ ବିଦ୍ୟୁତ୍ ଦର ବୃଦ୍ଧି ନିଷ୍ପତ୍ତି କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ଶିବାନନ୍ଦ ରାୟ କହିଛନ୍ତି, ଏପରି ଘଡ଼ିସନ୍ଧି ମୂହୁର୍ତ୍ତରେ ବିଦ୍ୟୁତ୍ ଦର ବଢ଼ିବା ଦୁଃଖଦାୟକ। ଓଡିଶା କେନ୍ଦ୍ର ସରକାରଙ୍କୁ ତାଳଚେର ତାପଜ କେନ୍ଦ୍ର ଓ ଅନ୍ୟ ସ୍ଥାନରୁ ବିଦ୍ୟୁତ୍ ଯୋଗାଉଥିଲେ ମଧ୍ୟ ରାଜ୍ୟରେ ବାରମ୍ବାର ବିଦ୍ୟୁତ୍ କର ବଢ଼ିଚାଲିଛି। ସରକାରୀ ଓ ଘରୋଇ କମ୍ପାନୀ କର୍ମଚାରୀଙ୍କ ଦରମା କଟାଯାଉଥିବା ବେଳେ ବିଧାୟକ, ଏମ୍‌ପିଙ୍କ ହାତ ପାଣ୍ଠି କମାଯାଇଛି। ଏଭଳି ସ୍ଥିତିରେ ବିଦ୍ୟୁତ୍‌କର ବଢ଼ାଇବା କେତେଦୁର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି।

# ତିର୍ତ୍ତୋଲ ବ୍ଲକ ଲାଗି କଂଗ୍ରେସ ପ୍ରଚାର କମିଟି ଚୂଡ଼ାନ୍ତ

**ଭୁବନେଶ୍ୱର,୨୫।୯(ବ୍ୟୁରୋ):** ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନକୁ ନେଇ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଆସନ ଅକ୍ତିଆରକୁ ନେବା ପାଇଁ କଂଗ୍ରେସ ପ୍ରସ୍ତୁତି ଚଳାଇଛି। ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟକୁ ପରିଚାଳନା କରିବା ପାଇ ଦଳ ପକ୍ଷରୁ ଏକ କମିଟି ଚୂଡ଼ାନ୍ତ କରାଯାଇଛି। ପିସିସି ନିର୍ବାଚନ କମିଟି ଅଧ୍ୟକ୍ଷ ଚିରଞ୍ଜୀବ ବିଶ୍ୱାଳଙ୍କ ସୁପାରିସକ୍ରମେ ତିର୍ତ୍ତୋଲ ବ୍ଲକ ନିର୍ବାଚନ ପ୍ରଚାର କମିଟିକୁ ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହି କମିଟିର ଆବାହକ ଅକ୍ଷୟ କୁମାର ଦାସ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ବେହେରା, ସୟଦ ଖଲି କୁଦ୍ ଜମା, ସୟଦ କଲାମ ଅଲ୍ଲୀ, ବସନ୍ତ କୁମାର ସେଠୀ, ଧନଞ୍ଜୟ ସୁତାର, ଅଜୟ କୁମାର ରାଉଳ, ଅଶୋକ କୁମାର ମହାନ୍ତି, ନିହାର ରଞ୍ଜନ ନାୟକ ଓ ନିରଞ୍ଜନ ମହାନ୍ତି ପ୍ରମୁଖ ରହିଛନ୍ତି ବୋଲି ଦଳୀୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ କରାଯାଇଛି।

ରେଜିଷ୍ଟ୍ରୀ ସଂ. ଡି.ଏଲ୍.-33004/99 REGD. NO. D.L.-33004/99

सत्यमेव जयते

## ଭାରତର ରାଜପତ୍ର
## The Gazette of India

ଅସାଧାରଣ
**EXTRAORDINARY**
ଭାଗ II-ଖଣ୍ଡ 3-ଉପ ବିଭାଗ (ii)
**PART II-Section 3-Sub-section (ii)**
ପ୍ରାଧିକର୍ତ୍ତାଙ୍କ ଦ୍ୱାରା ପ୍ରକାଶିତ
**PUBLISHED BY AUTHORITY**

### ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ
### ବିଜ୍ଞପ୍ତି

ନୂଆଦିଲ୍ଲୀ ତା.୨୫ ସେପ୍ଟେମ୍ବର ୨୦୧୯

ଏସ.ଓ ୩୪୯୦(ଡ) କେନ୍ଦ୍ର ସରକାର ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ ୧୯୫୬ (୧୯୫୬ର୪୮) (ଏହାପରଠାରୁ କଥିତ ଅଧିନିୟମ ରୂପେ ଦର୍ଶଯାଇଛି)ର ଧାରା ୩ଏର ଉପଧାରା (୧) ଅନୁସାରେ ଜାରି ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ-୨, ଖଣ୍ଡ-୩, ଉପଖଣ୍ଡ(୨)ଅନୁସାରେ ପ୍ରକାଶିତ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ବିଜ୍ଞପ୍ତି ଅନୁସାରେ ଓଡ଼ିଶା ରାଜ୍ୟର ମୟୂରଭଂଜ ଜିଲ୍ଲାରେ କି.ମି ୨୭୧ ଠାରୁ କି.ମି ୨୯୬ (ସା- ଜସିପୁର, ପୋ-ଖଇରି, ଥାନା-ଜଶିପୁର, ଜିଲ୍ଲା- ମୟୂରଭଂଜ)ର ଏନଏଚ-୪୯ର ବିସ୍ତାରଣ ଜମିର ପରିଚାଳନା ଓ ପ୍ରବନ୍ଧନ ସକାଶେ ନିର୍ଦ୍ଦିଷ୍ଟ ଜମିର ଆବଶ୍ୟକତା ଦୃଷ୍ଟିରୁ କେନ୍ଦ୍ର ସରକାର ଅଧିଗ୍ରହଣ ଅଭିପ୍ରାୟ ଘୋଷଣା କରିଛନ୍ତି ।

ଏବଂ ଏହି ହେତୁ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାରା ୩ ଏର ଉପଧାରା (୩) ଅଧିନରେ ତା୦୧.୦୫.୨୦୧୯ରେ ଉଭୟ ପ୍ରମେୟ ଓ ପ୍ରଗତିବାଦି ଖବରକାଗଜରେ ପ୍ରକାଶ ପାଇଛି ।

ଏବଂ ଯେହେତୁ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିବାଦ ଗୁଡ଼ିକୁ ଗ୍ରହଣ କରାଯାଇଛି ଓ ତାହାର ବିଚାର କରାଯାଇଛି ଏବଂପ୍ରତ୍ୟାଖ୍ୟାନ କରାଯାଇଛି ।

ଏବଂ ଯେହେତୁ ଉକ୍ତ ଅଧିନିୟମର ଧାରା ୩ ଡି ର ଉପଧାରା (୧)ଅନୁଯାୟୀ ପ୍ରାଧିକୃତ କର୍ତ୍ତୃପକ୍ଷ ଏହାର ରିପୋର୍ଟକୁ କେନ୍ଦ୍ର ସରକାରଙ୍କୁ ଦାଖଲ କରିଛନ୍ତି ।

ବର୍ତ୍ତମାନ ଏହି ପରିପ୍ରେକ୍ଷୀରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କଠାରୁ ଉକ୍ତ ରିପୋର୍ଟ ଗ୍ରହଣ ଉପରେ ଏବଂ ଉକ୍ତ ଅଧିନିୟମର ଧାରା ୩ ଡି ର ଉପଧାରା (୧)ଅନୁଯାୟୀ ପ୍ରାଧିକୃତ ଅଧିକାରୀ ଉପଯୁକ୍ତ କ୍ଷମତା ପ୍ରୟୋଗ ପୂର୍ବକ କେନ୍ଦ୍ର ସରକାର ଏତଦ୍ୱାରା ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ କରାଯାଇଥିବା ସୂଚୀ ଅନୁସାରେ ଉକ୍ତ ଜମିର ଅଧିଗ୍ରହଣ କରିବା ଆବଶ୍ୟକତା ଘୋଷଣା କରୁଛନ୍ତି ।

ଏବଂ ପୁନଶ୍ଚ କଥିତ ଅଧିନିୟମର ଧାରା ୩ ଡି ର ଉପଧାରା (୨)ଅନୁଯାୟୀ କେନ୍ଦ୍ର ସରକାର ଏତଦ୍ୱାରା ଏହି ବିଜ୍ଞପ୍ତିକୁ ବିଭାଗୀୟ ରାଜପତ୍ରରେ ପ୍ରକାଶିତ କରିବାକୁ ଘୋଷଣା କରୁଛନ୍ତି ଓ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିବା ଜମି କେନ୍ଦ୍ର ସରକାରଙ୍କ ଜମି ରୂପେ ସାବ୍ୟସ୍ତ ହେବ ଓ ସମସ୍ତ ଦେୟତାରୁ ମୁକ୍ତ ରହିବ ।

### ଅନୁସୂଚୀ

ଓଡ଼ିଶା ରାଜ୍ୟର ମୟୂରଭଂଜ ଜିଲ୍ଲାରେ କି.ମି ୨୭୧ ଠାରୁ କି.ମି ୨୯୬ (ସା- ଜସିପୁର, ପୋ-ଖଇରି, ଥାନା-ଜଶିପୁର, ଜିଲ୍ଲା- ମୟୂରଭଂଜ)ର ଏନଏଚ ୪୯ର ବିସ୍ତାରଣ ଜମିର ମଧ୍ୟରେ ଆସୁଥିବା ଗଠନ ଥାଇ ବା ବିନା ଗଠନରେ ଅଦ୍‌ଗୃହୀତ ହେବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ

| ରାଜ୍ୟ : ଓଡ଼ିଶା | | | | | ଜିଲ୍ଲା: ମୟୂରଭଂଜ |
|---|---|---|---|---|---|
| କ୍ର. ନଂ. | ସର୍ଭେ ନଂ. | ଜମିର ପ୍ରକାର | ଜମିର ପ୍ରକୃତି | ଏରିଆ ହେକ୍ଟରରେ | ଜମି ମାଲିକ / ଇଚ୍ଛୁକ ବ୍ୟକ୍ତିଙ୍କ ନାମ ପାର୍ଟ ସର୍ଭେ ନଂ. |
| ତାଲୁକ: ଜସିପୁର | | | | | |
| ଗ୍ରାମ: ବଡ଼ବିଲ | | | | | |
| ୧ | ୧୪୬ | ବେସରକାରୀ | ଡାହି-୨ | ୦.୦୨୪ | କିରାନି ଦାସ, ପିତା- ସାଗର ଦାସ, ରାୟନା ଦାସ, ପିତା – କୁମ୍ଭିର ଦାସ, ଜାତି – ବାଥୁଡ଼ା, ଗ୍ରାମ-ବଡ଼ବିଲ, ୧୪୬ |
| ଗ୍ରାମ : ବେଗୁନିଆ | | | | | |
| ୨ | ୧୧/୧ | ବେସରକାରୀ | ଡାହି-୧ | ୦.୦୪୦୫ | ରବିଶ ଚନ୍ଦ୍ର ପାନ, ପିତା-ରାଜେନ୍ଦ୍ର ପାନ, ଜାତି- ପାନ ପାଟରା, ଗ୍ରାମ-ଅମଦା, ୧୧/୧ |
| ୩ | ୧୧/୧୨୫୯ | ବେସରକାରୀ | ଘରବାରି | ୦.୦୦୮ | ରବିଶ ଚନ୍ଦ୍ର ପାନ, ପିତା-ରାଜେନ୍ଦ୍ର ପାନ, ଜାତି- ପାନ ପାଟରା, ଗ୍ରାମ-ଅମଦା, ୧୧/୧୨୫୯ |
| ୪ | ୩୧ | ସରକାରୀ | ନୟନଜୋରି | ୧.୩୧୫୨୫୬୯ | ପୂର୍ତ୍ତ ବିଭାଗ, ୩୧ |
| ୫ | ୬ | ବେସରକାରୀ | ଡାହି-୨ | ୦.୦୪୮୬ | ଗଙ୍ଗା ହୋ, ପିତା – ଲୋପୋ ହୋ, ଜାତି-କୋଲହ, ଗ୍ରାମ ବେଗୁନିଆ, ୬ |
| ଗ୍ରାମ : ଚାଇଁନେବଦା | | | | | |
| ୬ | ୬୭୩ | ବେସରକାରୀ | ଡାହି-୧ | ୦.୦୨୪ | କୁନା ନାୟକ, ଧନେଶ୍ୱର ନାୟକ, ପିତା-ଦୋମ ନାୟମ, ରତ୍ନା ନାୟକ, ଅଙ୍ଗଦ ନାୟକ, ରାମଚନ୍ଦ୍ର ନାୟକ, ଲକ୍ଷ୍ମଣ ନାୟକ, ଚେମ୍ବୁଲୁ ନାୟକ, ପିତା – ସାଧୁ ନାୟକ, ଶଙ୍କୁରୁ ନାୟକ, ପିତା-ଦିଗୁନା ନାୟକ, ଜାତି- ଗଣ୍ଡ, ଗ୍ରାମ- ଚାଇଁନେବଦା, ୬୭୩ |
| ୭ | ୬୭୩/୧୧୨୩/ ୧୧୯୦ | ବେସରକାରୀ | ଘରବାରି | ୦.୦୧୨ | ରମେଶ ଚନ୍ଦ୍ର ନାୟକ, ପିତା- ବାସୁଦେବ ନାୟକ, ଜାତି- ଗଣ୍ଡ, ଗ୍ରାମ- ବେଗୁନିଆ, ୬୭୩/୧୧୨୩/୧୧୯୦ |
| ଗ୍ରାମ : ଛେଳିଗୋଧୁଳି | | | | | |
| ୮ | ୧୪ | ବେସରକାରୀ | ସାରଦ-୨ | ୦.୦୬୦୭ | ନରଣ ମାଝି, ପିତା -ଅନନ୍ତ ମାଝି, ବସ୍ତା ମାଝି, ରଘୁ ମାଝି, ସୁନା ମାଝି, ପିତା – ସକିଲା ମାଝି, କହ୍ନାଇ ମାଝି, ପିତାମ୍ବର ମାଝି, ପିତା – ସୁନା ମାଝି, ଜାତି- ସାନ୍ତାଳ, ଗ୍ରାମ-ଛେଳିଗୋଧୁଳି, ୧୪ |
| ୯ | ୨୪୩ | ବେସରକାରୀ | ସାରଦ-୧ | ୦.୦୫୬୭ | ରତ୍ନା ହୋ, ପିତା – ସାଗୁ ହୋ, ଜାତି-କୋଲହ, ଗ୍ରାମ- ଛେଳିଗୋଧୁଳି, ୨୪୩ |
| ୧୦ | ୩୫୭ | ବେସରକାରୀ | ସାରଦ-୩ | ୦.୦୬୮୮ | ଜୋସେନ ମାଝି, ପିତା-ବାସୁଦେ ମାଝି, ଉପେନ୍ଦ୍ର ନାଥ ମାଝି, ଜିତେନ୍ଦ୍ର ମାଝି, ବର୍ଷା ମାଝି, କୁଁଅର ମାଝି, ପିତା-ସୁଆଇ ମାଝି, ଜାତି – ସାନ୍ତାଳ, ଗ୍ରାମ-ଛେଳିଗୋଧୁଳି, ୩୫୭ |
| ଗ୍ରାମ : ଘୁପାରା | | | | | |
| ୧୧ | ୨୮୦/୩୯୨ | ବେସରକାରୀ | ସାରଦ-୧ | ୦.୦୩୨ | ସୁରେନ୍ଦ୍ର ରାମ, ପିତା – ରାମକୃଷ୍ଣ ରାମ, ଜାତି-ମହୁରି, ଗ୍ରାମ- ଜଶିପୁର, ୮୭/୧ |
| ଗ୍ରାମ : ହାଣ୍ଡିପୁଁହାନ | | | | | |
| ୧୨ | ୫୩/୯୪୭ | ବେସରକାରୀ | ଘରବାରି | ୦.୦୧୬ | ଲକ୍ଷ୍ମଣ ହୋ, ପିତା- ସିଂ ରାଏ ହୋ, ଜାତି –କୋଲହ, ଗ୍ରାମ- ହାଣ୍ଡିପୁଁହାନ, ୫୩/୯୪୭ |
| ୧୩ | ୫୩/୯୪୮ | ବେସରକାରୀ | ଘରବାରି | ୦.୦୧୬ | ମଙ୍ଗଳ ସିଂ, ପିତା- ଶ୍ରୀରାମ ସିଂହ, ଜାତି, କୋଲହ, ଗ୍ରାମ- ହାଣ୍ଡିପୁହାଣ, ୫୩/୯୪୮ |
| ୧୪ | ୫୩/୯୪୯ | ବେସରକାରୀ | ଘରବାରି | ୦.୦୧୬ | ଶ୍ରୀରାମ ସିଂ, ପିତା – କୁସଲ ସିଂ, ଜାତି- କୋଲହ, ଗ୍ରାମ- ହାଣ୍ଡିପୁଁହାନ, ୫୩/୯୪୯ |
| ଗ୍ରାମ : ଜାମଦା | | | | | |
| ୧୫ | ୧ | ବେସରକାରୀ | ସାରଦ-୨ | ୦.୦୨୪ | ମଟୁ କାଲହା, ବନ କାଲହା, କୁନା କାଲହା, ପିତା –ଜାରକା କାଲହା, ଲେପୋ କାଲହା, ରାଇବରି କାଲହା, ପିତା - ଦବକ କାଲହା, ଜାତି –କୋଲହ, ଗ୍ରାମ- ଜାମଦା, ୧ |
| ୧୬ | ୧୩ | ବେସରକାରୀ | ସାରଦ-୨ | ୦.୦୧୨ | ଭୁବନେଶ୍ୱର ବେହେରା, ରସାନନ୍ଦ ବେହେରା, ପଦ୍ମ ବେହେରା, ସୁରୁକୁନି ବେହେରା, ପିତା – କୃତିଆ ବେହେରା, ମେନକା ବେହେରା, ସ୍ୱାମୀ- କୃତିଆ ବେହେରା, ଜାତି –ଧୋବା, ଗ୍ରାମ - ଯଶିପୁର, ୧୩ |
| ୧୭ | ୨/୪୦୮ | ବେସରକାରୀ | ସାରଦ-୨ | ୦.୦୫୬୭ | ପ୍ରିତମ ପୁର୍ତି, ପିତା – କୁଲଣା ପୁର୍ତି, ଜାତି- କୋଲହ, ଗ୍ରାମ- ଯଶିପୁର, ୨/୪୦୮ |
| ୧୮ | ୩/୪୦୯ | ବେସରକାରୀ | ସାରଦ-୨ | ୦.୦୦୨ | ପ୍ରିତମ ପୁର୍ତି, ପିତା – କୁଲଣା ପୁର୍ତି, ଜାତି- କୋଲହ, ଗ୍ରାମ- ଯଶିପୁର, ୩/୪୦୯ |
| ଗ୍ରାମ : ଯଶିପୁର | | | | | |
| ୧୯ | ୧୬୮୦ | ବେସରକାରୀ | ଡାହି-୧ | ୦.୦୦୪ | ସୁଦର ମୋହନ ହେମ୍ବ୍ରମ, ପିତା- ଢୁଲା ହେମ୍ବ୍ରମ୍, ଜାତି – ସାନ୍ତାଳ, ଗ୍ରାମ-କାଲିଆନି, ୧୬୮୦ |
| ୨୦ | ୧୬୮୧ | ବେସରକାରୀ | ଡାହି-୧ | ୦.୦୦୮ | ପରମେଶ୍ୱର ମହନ୍ତ, ପିତା – କୃଷ୍ଣ ଚନ୍ଦ୍ର ମହନ୍ତ, ରାଜେନ୍ଦ୍ର ମହନ୍ତ, ପିତା – କର୍ମୁ ମହନ୍ତ, ଜାତି- କୁଡୁମି, ଗ୍ରାମ-ଯଶିପୁର, ୧୬୮୧ |
| ୨୧ | ୧୬୮୨ | ବେସରକାରୀ | ଡାହି-୧ | ୦.୦୦୮ | ଚିତ ରଞ୍ଜନ ମହନ୍ତ, ପିତା – ସାଧୁ ଚରଣ ମହନ୍ତ, ଜାତି –କୁଡୁମି, ଗ୍ରାମ- ରାହାଣ୍ଡା, ୧୬୮୨ |
| ୨୨ | ୧୭୩୨ | ବେସରକାରୀ | ଘରବାରି-୨ | ୦.୦୦୮ | ବନମାଳି ମହନ୍ତ, ଘନଶ୍ୟାମ ମହନ୍ତ, ପିତା- ରାହିନି ମହନ୍ତ, ଜାତି- କୁଡୁମି, ଗ୍ରାମ-ଯଶିପୁର, ୧୭୩୨ |
| ୨୩ | ୧୭୪୫/ ୩୫୪୩ | ବେସରକାରୀ | ଡାହି-୧ | ୦.୦୧୨ | ଧିରେନ୍ଦ୍ର ମହାନ୍ତ, ଦିନବନ୍ଧୁ ମହାନ୍ତ, ପିତା- ଦୈତାରି ମହାନ୍ତ, ଜାତି – କୁଡୁମି, ଗ୍ରାମ- ଇଟାମୁଣ୍ଡି, ୧୭୪୫/୩୫୪୩ |
| ୨୪ | ୧୭୪୫/ ୩୬୪୬ | ବେସରକାରୀ | ଡାହି-୧ | ୦.୦୦୪ | ୱେନସେନ ସିଆନ, ଓଡ଼ିଶା ସୋସାଇଟି, ମାର୍ଫତ୍ ଫାଦର ଛକ ପାନଥେରା, ପିତା – ଓର୍କି ଅବିରା, ପାନ ଥେରା, ଜାତି- ଖ୍ରୀଷ୍ଟିୟାନ, ଗ୍ରାମ- କରଞ୍ଜିଆ, ୧୭୪୫/୩୬୪୬ |
| ୨୫ | ୧୭୪୯ | ବେସରକାରୀ | ଘରବାରି | ୦.୦୦୪ | ମନବୋଧ ମହନ୍ତ, ପିତା –ଚୈତାନ ମହାନ୍ତ, ଜାତି-କୁଡୁମି, ଗ୍ରାମ- ଜାମଦା, ୧୭୪୯ |
| ୨୬ | ୧୭୫୦/ ୩୭୬୩ | ବେସରକାରୀ | ଘରବାରି | ୦.୦୦୪ | ସୁରେନ୍ଦ୍ର ନାଥ ସିଂ, ପିତା – ବିରେନ୍ଦ୍ର ବାହାଦୁର ସିଂ, ଜାତି- ରାଜପୁତ, ଗ୍ରାମ- ଯଶିପୁର, ୧୭୫୦/୩୭୬୩ |
| ୨୭ | ୧୭୫୦/ ୩୮୦୧ | ବେସରକାରୀ | ଘରବାରି | ୦.୦୦୮ | ମଞ୍ଜୁଶ୍ରୀ ମହନ୍ତ, ସ୍ୱାମୀ – ଚିତରଞ୍ଜନ ମହନ୍ତ, ଜାତି- କୁଡୁମି, ଗ୍ରାମ –ରସମତାଲା, ୧୭୫୦/୩୮୦୧ |
| ୨୮ | ୧୭୫୧/ ୩୭୬୬ | ବେସରକାରୀ | ଘରବାରି | ୦.୦୦୪ | ସୁରେନ୍ଦ୍ର ନାଥ ସିଂ, ପିତା –ବିରେନ୍ଦ୍ର ବାହାଦୁର ସିଂ, ଜାତି- ରାଜପୁତ, ଗ୍ରାମ-ଯଶିପୁର, ୧୭୫୧/୩୭୬୬ |
| ୨୯ | ୨୦୪୮ | ବେସରକାରୀ | ସାରଦ-୨ | ୦.୦୦୮ | ଦୁଲାଲ ମହନ୍ତ, ପିତା - ଦିରିଜା ମହନ୍ତ, ଲାଳି ମହନ୍ତ, ସ୍ୱାମୀ - ଦିରିଜା ମହନ୍ତ, ଜାତି – କୁଡୁମି, ଗ୍ରାମ -ଯଶିପୁର, ୨୦୪୮ |
| ୩୦ | ୨୨୧୭/ ୩୩୮୦ | ବେସରକାରୀ | ଘରବାରି-୩ | ୦.୦୦୪ | ବିଷ୍ଣୁପ୍ରିୟା ମହାନ୍ତି, ସ୍ୱାମୀ – ଉମେଶ ଚନ୍ଦ୍ର ମହାନ୍ତି, ନରେଶ ଚନ୍ଦ୍ର ମହାନ୍ତି, ପିତା - ନିଳମଣି ମହାନ୍ତି, ଜାତି-କରଣ, ଗ୍ରାମ- ଯଶିପୁର, ୨୨୧୭/୩୩୮୦ |
| ୩୧ | ୪୨୨ | ବେସରକାରୀ | ସାରଦ-୧ | ୦.୧୨୯୫ | ଦେବସରନ ମହନ୍ତ, ପିତା – ମଦନ ମହନ୍ତ, ଜାତି-କୁଡୁମି, ଗ୍ରାମ-ଯଶିପୁର, ୪୨୨ |
| ୩୨ | ୪୨୨/୪୦୪୭ | ବେସରକାରୀ | ଘରବାରି-୧ | ୦.୦୫୨୬ | ଦେବଶରଣ ମହନ୍ତ, ପିତା – ମଦନ ମହନ୍ତ, ଜାତି- କୁଡୁମି, ଗ୍ରାମ -ଯଶିପୁର, ୪୨୨/୪୦୪୭ |
| ଗ୍ରାମ : କୋକଝରି | | | | | |
| ୩୩ | ୮୧/୧ | ବେସରକାରୀ | ସାରଦ-୨ | ୦.୦୦୮ | ସୁରେନ୍ଦ୍ର ନାଥ ମହନ୍ତ, ପିତା-ବୋଲେଇ ମହନ୍ତ, ଜାତି- କୁଡୁମି, ଗ୍ରାମ- କେଞ୍ଚାରା, ୮୧/୧ |
| ୩୪ | ୮୭/୧ | ବେସରକାରୀ | ସାରଦ-୧ | ୦.୦୦୮ | କମଳଲୋଚନ ଦାସ, ପିତା – ମାନସ ଦାସ, ଜାତି- ଗୋପାଳ, ଗ୍ରାମ- ଯଶିପୁର, ୮୭/୧ |
| ଗ୍ରାମ : କେଞ୍ଚର | | | | | |
| ୩୫ | ୧୫୧୪/ ୧୭୯୯ | ବେସରକାରୀ | ଘରବାରି | ୦.୦୦୪ | ମୁଣିରାମ ମହନ୍ତ, ପିତା – ଗୋବିନ୍ଦ ମହନ୍ତ, ଜାତି- କୁଡୁମି, ଗ୍ରାମ- କେଞ୍ଚାରା, ୧୫୧୪/୧୭୯୯ |
| ଗ୍ରାମ : ଟାଙ୍ଗଭିଲା | | | | | |
| ୩୬ | ୩୬୭ | ବେସରକାରୀ | ଘରବାରି | ୦.୦୦୪ | ରାହିନି କୁମାରି ମହନ୍ତ, ପିତା – କେତ୍ର ମୋହନ ମହନ୍ତ, ଜାତି- କୁଡୁମି, ଗ୍ରାମ- ଟାଙ୍ଗଭିଲା, ୩୬୭ |
| ୩୭ | ୭୩୨ | ବେସରକାରୀ | ଘରବାରି | ୦.୦୦୪ | ଦଶରଥ ମହନ୍ତ, ପିତା -ଅମିନ ମହନ୍ତ, ଜାତି- କୁଡୁମି, ଗ୍ରାମ- ଟାଙ୍ଗବିଲ, ୭୩୨ |
| ୩୮ | ୭୫୯/୧ | ବେସରକାରୀ | ଘରବାରି | ୦.୦୦୪ | ପ୍ରମୋଦ କୁମାର ମହନ୍ତ, ପିତା- କହ୍ନେଇ ମହନ୍ତ, ଜାତି- କୁଡୁମି, ଗ୍ରାମ- ଟାଙ୍ଗବିଲ, ୭୫୯/୧ |
| ୩୯ | ୭୬୦/୧ | ବେସରକାରୀ | ଘରବାରି | ୦.୦୦୪ | ମଥୁରା ମହନ୍ତ, ପିତା – ସାଗର ମହନ୍ତ, ନବ କିଶୋର ମହନ୍ତ, ପିତା - ପୁରୁଷୋତମ ମହନ୍ତ, ଜାତି – କୁଡୁମି, ଗ୍ରାମ- ଟାଙ୍ଗବିଲ, ୭୬୦/୧ |
| ୪୦ | ୭୬୨/୧ | ବେସରକାରୀ | ଘରବାରି | ୦.୦୦୪ | ଚନ୍ଦ୍ର ମହନ୍ତ, ପିତା – କହ୍ନେଇ ମହନ୍ତ, ଜାତି- କୁଡୁମି, ଗ୍ରାମ- ଟାଙ୍ଗବିଲ, ୭୬୨/୧ |
| ୪୧ | ୯୨୬ | ବେସରକାରୀ | ସାରଦ-୨ | ୦.୦୦୮ | ଅଘନୁ ମହନ୍ତ, ପିତା – ସୁନାରାମ ମହନ୍ତ, ଜାତି – କୁଡୁମି, ଗ୍ରାମ- ଟାଙ୍ଗବିଲ, ୯୨୬ |
| ୪୨ | ୯୬୩ | ବେସରକାରୀ | ସାରଦ-୧ | ୦.୧୦୫୨ | ଶତ୍ରୁଘ୍ନ ମହନ୍ତ, ପିତା – ସୁକୁ ମହନ୍ତ, ଜାତି –କୁଡୁମି, ଗ୍ରାମ- ଟାଙ୍ଗବିଲା, ୯୬୩ |
| | | | ସମୁଦାୟ | ୨.୨୪୪୫୫୬୯ | |

[F. No. NHAI/11013/Odisha/NH-6/L.A/Notification/3(a)/3A2/3D2]

ରାଜେଶ ଗୁପ୍ତା, ଡେପୁଟି ସେକ୍ରେଟାରି

## ୨୮ରେ ବିଜେଡି ବିଧାୟକ ଦଳ ବୈଠକ

ଭୁବନେଶ୍ୱର, (ବ୍ୟୁରୋ): ବିଜେଡି ବିଧାୟକ ଦଳ ବୈଠକ ଆସନ୍ତା ୨୮ ତାରିଖ ଅପରାହ୍ନ ୫ଟା ୩୦ରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହେବ। ବୈଠକରେ ସମସ୍ତ ବିଧାୟିକା ଓ ବିଧାୟକମାନଙ୍କୁ ଯୋଗ ଦେବା ପାଇଁ ଶୁକ୍ରବାର ସରକାରୀ ମୁଖ୍ୟସଚେତକ ଚିଠି କରିଛନ୍ତି। ସେହିପରି ଆସନ୍ତା ୨୭ରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ବିଧାୟକ ସନ୍ତୋଷ ସିଂ ସାଲୁଜା ସୂଚନା ଦେଇଛନ୍ତି। ତେବେ ଭାଜପା ପକ୍ଷରୁ ବିଧାୟକ ଦଳ ବୈଠକ ବସିବା ନେଇ କୌଣସି ସୂଚନା ଦିଆଯାଇନାହିଁ।

# ‘ଏମ୍ଏସ୍‌ପି ବଦଳରେ ଏମ୍ଆର୍‌ପି ହେଉ’

**କେନ୍ଦ୍ରାପଡ଼ା ଅଫିସ, ୨୫ା୯**

ଦି ଫାର୍ମର୍ସ ପ୍ରଡ୍ୟୁସ ଟ୍ରେଡ ଆଣ୍ଡ କମର୍ସ (ପ୍ରମୋଶନ ଆଣ୍ଡ ଫେଲିଟେଶନ) ବିଲ୍ ୨୦୨୦, ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ ବିଲ୍ ୨୦୨୦ ଓ ଏସେନସିଆଲ କମୋଡିଟିଜ ଆକ୍ଟ ଆମେଣ୍ଡମେଣ୍ଟ ବିଧେୟକ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହେବ। ଏ ନେଇ ସଂସଦରେ ହଙ୍ଗାମା ସୃଷ୍ଟି ହୋଇଥିବା ବେଳେ ଏହାର ପ୍ରଭାବ କେନ୍ଦ୍ରାପଡ଼ା ଜିଲାରେ ପଡିଛି । ଏହାକୁ ନେଇ ଜିଲାର କୃଷକ ସଂଗଠନ ପକ୍ଷରୁ ଶୁକ୍ରବାର ଆନ୍ଦୋଳନ ଆରମ୍ଭ ହୋଇଛି । ସ୍ଥାନୀୟ କୃଷକନେତା, ବୁଦ୍ଧିଜୀବୀଙ୍କ ମଧ୍ୟରେ ଏହି ୩ଟି ବିଧେୟକକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର, ଗୟାଧର ଧଳ, ରମଣୀରଞ୍ଜନ ରାଉତରାୟ, ପ୍ରଫୁଲ୍ଲ ଦାସ ପ୍ରମୁଖ କହିଛନ୍ତି, ଦେଶରେ ଏହି କୃଷିନୀତି କୃଷକଙ୍କ ଆର୍ଥିକ ମେରୁଦଣ୍ଡକୁ ନଷ୍ଟ କରିବ । ଏମ୍ଏସ୍‌ପି ବଦଳରେ ଏମ୍ଆର୍‌ପି ପାଇଁ ବ୍ୟବସ୍ଥା ଦାବି କରିବା ସହିତ ପରୋକ୍ଷରେ ପୁଞ୍ଜିପତି ବ୍ୟବସାୟୀଙ୍କୁ ସୁହାଇବ। କେନ୍ଦ୍ର ସରକାର କେବଳ ଯୁଦ୍ଧ ଓ ଆପଦ କାଳରେ କୃଷି ସାମଗ୍ରୀ ମହଜୁଦକାରୀଙ୍କ ଗୋଦାମରେ ଚଢ଼ାଉ ହୋଇପାରିବ ବୋଲି ନିୟମ ପ୍ରଣୟନ କରୁଛନ୍ତି। ଫଳରେ ଅନ୍ୟ ସମୟରେ ପୁଞ୍ଜିପତି ବ୍ୟବସାୟୀ କୃଷି ସାମଗ୍ରୀକୁ ନିଜେ ମହଜୁଦ ରଖି ମୂଲ୍ୟକୁ ବଢ଼ାଇବାକୁ ସକ୍ଷମ ହେବେ। ଚାଉଳ, ଆଳୁ, ପିଆଜ ପରି କେତେକ ଅତ୍ୟାବଶ୍ୟକ ସାମଗ୍ରୀର ଦର ନିର୍ଦ୍ଧାରଣ ସମ୍ପୃକ୍ତ ବ୍ୟବସାୟୀଙ୍କ ହାତକୁ ଯାଇ ସାଧାରଣ ଖାଉଟିଙ୍କୁ ଅସୁବିଧାରେ ପକାଇବ। ସେହିପରି କଣ୍ଟ୍ରାକ୍ଟ ଫାର୍ମିଂରେ ଚାଷୀଙ୍କ ଭାଗ୍ୟ ଅନ୍ଧାରକୁ ଚାଲିଯିବ । ଏଥିରେ ଚାଷ ପୂର୍ବରୁ ଚାଷୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ କୃଷି ଉତ୍ପାଦର ଦର ସହମତି ଭାବେ ଧାର୍ଯ୍ୟ ହୋଇଥାଏ । ଫସଲ ଉତ୍ପାଦ ପରେ ବଜାର ଦର ଅଧିକ ଥିଲେ ମଧ୍ୟ ଅନୁବନ୍ଧିତ ଚାଷୀଙ୍କୁ ପୂର୍ବ ନିର୍ଦ୍ଧାରିତ ଦରରେ ଦେବାକୁ ହୋଇଥାଏ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଭୂମିକା ରହୁ ନ ଥିବାରୁ ଏହି ଅନୁବନ୍ଧିତ ଚାଷୀ ବଜାର ଦର କମ୍ ରହିବା ସମୟରେ ଅସୁବିଧାର ସମ୍ମୁଖୀନ ହେବେ। ଅପରପକ୍ଷେ ସାମ୍ପ୍ରତିକ କରୋନା କଟକଣା ଦେଶର ଅର୍ଥନୀତି ଉପରେ ପ୍ରଭାବ ପକାଇଛି । ଅଟୋସେକ୍ଟର ବନ୍ଦ ରହିଥିବା ବେଳେ ଚାଷୀ ହିଁ ଦେଶର ଜିଡିପିକୁ କିଛି ମାତ୍ରାରେ ବଳବତ୍ତର ରଖିଛନ୍ତି । ପ୍ରତ୍ୟେକ ଜିଲାରେ ରେଗୁଲେଟିଂ ମାର୍କେଟ କମିଟି ଥିବାରୁ କୃଷି ଉତ୍ପାଦର ଏମ୍ଏସ୍‌ପି (ମିନିମମ ସପୋର୍ଟ ପ୍ରାଇସ) ବଦଳରେ ଏମ୍ଆର୍‌ପି (ମ୍ୟାକ୍ସିମମ ରିଟେଲ ପ୍ରାଇସ) ନିର୍ଦ୍ଧାରଣ କରିବାକୁ ସେମାନେ ଦାବି ଜଣାଇଛନ୍ତି। ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି, ପ୍ରତାପ ଚନ୍ଦ୍ର ପାଢ଼ୀ, ଚିତ୍ତରଞ୍ଜନ ସାହୁ ପ୍ରମୁଖ କହିଛନ୍ତି, କୃଷି ପ୍ରଧାନ ଭାରତରେ କୃଷକଙ୍କ ପାଇଁ ବହୁ ସଂସ୍କାର ଲୋଡ଼ା । ତୃଣମୂଳସ୍ତରରେ ଚାଷୀଙ୍କ ଭିତ୍ତିଭୂମି ପାଇଁ ତାଲିମଠାରୁ ଆରମ୍ଭ କରି ବଜାର ମଣ୍ଡିର ସୁବିଧା ଆବଶ୍ୟକ । କୃଷି ବିଧେୟକରେ ମୁକ୍ତ ବାଣିଜ୍ୟର ସୁଯୋଗ ଦିଆଯାଇଥିଲେ ମଧ୍ୟ ଏହାର ସୁଯୋଗ କେବଳ ସୀମିତ ସଂଖ୍ୟକ ବ୍ୟବସାୟୀ ଉଠାଇବେ । ପଞ୍ଚାୟତସ୍ତରରେ ବଜାର ମଣ୍ଡିକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ । କମ୍ପାନୀର ବରାଦ ମୁତାବକ ଅର୍ଥକରୀ ଫସଲ ହେଲେ ଧାନ, ଆଳୁ, ପିଆଜ ଆଦି ନିତ୍ୟ ଆବଶ୍ୟକ କୃଷି ସାମଗ୍ରୀର ଉତ୍ପାଦନ ଓ ବିକ୍ରି ପାଇଁ ସ୍ୱତନ୍ତ୍ର କୃଷିନୀତିର ଆବଶ୍ୟକତା ରହିଛି।

**କୃଷି ବିଲ୍‌କୁ ନେଇ ମିଶ୍ର ପ୍ରତିକ୍ରିୟା**
- ସାଟେଲାଇଟ ପ୍ରଯୁକ୍ତିବିଦ୍ୟା ଉତ୍ପାଦ ନଷ୍ଟକୁ ରୋକିବ
- ମୁକ୍ତ ବାଣିଜ୍ୟ ପୁଞ୍ଜିପତିଙ୍କୁ ସୁହାଇବ

## ଖଣି ଅଞ୍ଚଳରୁ ଟ୍ରକ୍ ଚୋରି, ଢେଙ୍କାନାଳରୁ ଉଦ୍ଧାର

**କାଳିଆପାଣି, ୨୫ା୯ (ଡି.ଏନ୍.ଏ.)**

କାଳିଆପାଣି ଥାନା ଅଧୀନ ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘ କାର୍ଯ୍ୟଳୟ ସମ୍ମୁଖରୁ ଚୋରି ହୋଇଥିବା ୬ ଚକିଆ ଟ୍ରକକୁ ପୋଲିସ ଗୁରୁବାର ଢେଙ୍କାନାଳ ଟାଉନ ଥାନା ଅଧୀନ ରାଜପଥ କଡ଼ରୁ ଉଦ୍ଧାର କରିଛି। ଖଣି ଅଞ୍ଚଳର ମଲ୍ଲାର ସାହି ନିକଟରେ ଥିବା ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖରୁ ସେହି ଟ୍ରକ (ନଂ.-ଓଆର-୦୯ଇ-୦୨୬୩) ଚୋରି ହୋଇଥିଲା। ଏ ନେଇ ଟ୍ରକ ମାଲିକ ଦୀପକ ବେହେରା କାଳିଆପାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.- ୮୧/୨୦୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ଢେଙ୍କାନାଳ ଟାଉନ ଥାନା ଅଧୀନ ରାଜପଥ ନିକଟରେ ଚୋରି ହୋଇଥିବା ଟ୍ରକ ଠିଆ ହୋଇଥିବା ପୋଲିସକୁ ଖବର ମିଳିଥିଲା। ତେଲ ସରିଯିବାରୁ ଦୁର୍ବୃତ୍ତ ଜଣକ ରାସ୍ତାକଡ଼ରେ ଗାଡ଼ିକୁ ଛାଡ଼ି ପଳାଇଥିବା ଥାନାଧିକାରୀ କହିଛନ୍ତି।

## ସଂକ୍ଷେପରେ

### ଜଗତ୍‌ସିଂହପୁରରେ ପୁଣି ୧୮୧ ପଜିଟିଭ୍

**ଜଗତ୍‌ସିଂହପୁର ଅଫିସ,୨୫ା୯:** ଜଗତ୍‌ସିଂହପୁର ଜିଲାରେ ପୁଣି ୧୮୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୭୫୯ରେ ପହଞ୍ଚିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧ୍ୟରୁ ତିର୍ତ୍ତୋଲ ବ୍ଲକ ଅଞ୍ଚଳରୁ ସର୍ବାଧିକ ୩୦ ଜଣ ରହିଛନ୍ତି। ସେହିପରି ବାଲିକୁଦା ବ୍ଲକ ଅଞ୍ଚଳରୁ ୨୮, ପାରାଦୀପ ପୌର ପରିଷଦ ୨୬, ରଘୁନାଥପୁର ୨୧, ନାଉଗାଁ ୧୭, ଜଗତ୍‌ସିଂହପୁର ୧୬, ଏରସମା ୧୫, ବିରିଡ଼ି ୧୪, କୁଜଙ୍ଗ ୮, ଜଗତ୍‌ସିଂହପୁର ପୌର ପରିଷଦ ୫ ଓ ଅନ୍ୟ ଜିଲାରୁ ଜଣେ ରହିଛନ୍ତି। ସେହିପରି ୨୪ ତାରିଖରେ ୧୯୩ ଓ ୨୩ ତାରିଖରେ ୧୭୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

### ତହସିଲଦାରଙ୍କୁ ୮ ଦଫା ଦାବିପତ୍ର

**ନାଉଗାଁ,୨୫ା୯(ସ୍ୱ.ପ୍ର.):** ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଶୁକ୍ରବାର ନାଉଗାଁ ବ୍ଲକର ବିଭିନ୍ନ ସମସ୍ୟା ନେଇ ୮ ଦଫା ସମ୍ବଳିତ ଏକ ଦାବିପତ୍ର ତହସିଲଦାର ଜେ.କଳ୍ପନାଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରକୁ ସୁବାସ ସ୍ୱାଇଁ, ରଞ୍ଜିତ ଜେନା, କାଳନ୍ଦୀ ସେଠୀ, ମହେଶ୍ୱର ଦାସ, ରଘୁନାଥ ଦାସ, ବସନ୍ତ ମଲିକ, ଅଜିତ କାଣ୍ଡି ପ୍ରମୁଖ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ଚୁକ୍ତି ଚାଷ ଆଇନ ୨୦୨୦ ବାତିଲ କରିବା, ୧୯୫୫ ମସିହା ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ୨୦୨୦କୁ ବାତିଲ, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ବାଉଁଶ ଯୋଡି ଉପତ୍ୟକାରେ ଉଦବୃତ ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଓ ତହସିଲ ଅଫିସରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରିବା ଆଦି ଉଲ୍ଲେଖ ରହିଛି।

### ୪୮ ଘଣ୍ଟା ଶଟ୍‌ଡାଉନ ହେବ ନୟାଗଡ଼ ସହର

**ନୟାଗଡ଼ ଅଫିସ,୨୫ା୯:** ନୟାଗଡ଼ରେ କରୋନା କାୟା ବିସ୍ତାର କରି ଚାଲିଛି। ଏଥିରେ ରୋକ ଲଗାଇବା ପଇଁ ୨୮ ଓ ୨୯ ତାରିଖ ଦୁଇଦିନ ନୟାଗଡ଼ ସହର ଶଟ୍‌ଡାଉନ କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏ ଅବସରରେ ଶୁକ୍ରବାର ଏକ ଜରୁରିକାଳୀନ ବୈଠକ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ ସହରରେ କରୋନା ସଂକ୍ରମଣ ଓ କୋଭିଡ୍ ୧୯ ନୀତିନିୟମ ଉପରେ ସମୀକ୍ଷା କରାଯାଇଥିଲା। ଶଟ୍‌ଡାଉନ ସମୟରେ ବଜାରକୁ ସମ୍ପୂର୍ଣ୍ଣ ଭାବେ ବିଶୋଧନ କରାଯିବ। ବ୍ୟବସାୟୀଙ୍କୁ କରୋନା ସମ୍ପର୍କରେ ସଚେତନତା କରାଯିବ। ଶଟ୍‌ଡାଉନ ପରେ ବ୍ୟବସାୟୀ ଓ ଗ୍ରାହକମାନେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବା ବାଧତାମୂଳକ କରାଯାଇଛି। କଟକଣାକୁ ଅଣଦେଖା କଲେ ବ୍ୟବସାୟୀଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ଜରିମାନା ନ ଦେଲେ ଦୋକାନ ସବୁଦିନ ପାଇଁ ବନ୍ଦ କରି ଦିଆଯିବ। ବୈଠକରେ ଅନ୍ୟମାନଙ୍କ ମଧରେ ଏସ୍‌ପି ପ୍ରତ୍ୟୁଷ ଦିବାକର, ଡିଏଫ୍‌ଓ ଧନରାଜ ଏଚ୍‌ଡି, ଉପଜିଲାପାଳ ଲଗ୍‌ଜିତ୍ ରାଉତ୍, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା, ବଣିକ ସଂଘ ସଭାପତି ଜାନକୀ ବଲ୍ଲଭ ଜେନା, ଠାକୁର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦର୍ଶବାଦୀ ମଣିଷ ଥିଲେ ଅମୂଲ୍ୟ

**ବିଞ୍ଝାରପୁର, ୨୫ା୯ (ଡି.ଏନ୍.ଏ.):** ଏସ୍ଆଇ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ବରିଷ୍ଠ ପୋଲିସ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଅମୂଲ୍ୟ ଦାସ ଜଣେ ମିଷ୍ଟଭାଷୀ ଓ ଆଦର୍ଶବାଦୀ ମଣିଷ ଥିଲେ। ତାଙ୍କ ଏକାଦଶାହ ଅବସରରେ ଶୁକ୍ରବାର ପୁର୍ବାହ୍ନରେ ବିଞ୍ଝାରପୁର ବ୍ଲକ କଏଣା-ରଘୁନାଥପୁର ପଞ୍ଚାୟତ ନରୁଆ ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏସ୍ଆଇ ଭାବେ କର୍ମମୟ ଜୀବନ ଅରମ୍ଭ କରିଥିବା ସ୍ୱର୍ଗତ ଦାସ ବିଭିନ୍ନ ଜିଲାରେ ଅରକ୍ଷୀ ଅଧିକ୍ଷକ ଦାୟିତ୍ୱରେ ରହି ବହୁ ସୁନାମ ଅର୍ଜନ କରିଥିଲେ। ସ୍ୱର୍ଗତ ଦାସଙ୍କ ସ୍ତ୍ରୀ ସୁଭାଷିନୀ ଦାସ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିତେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଜୟ କୁମାର ଦାସ, ଅରୁଣ କୁମାର ଦାସ, ରୋମିଓରୋପନ ରାଉତ, ଷ୍ଟାଲିନ୍ କୁମାର ଦାସ, ରାକେଶ ସାମଲ, ଲେନିନ୍ କୁମାର ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।



ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତ ନଗଡ଼ା ଅଞ୍ଚଳର ଲୋକମାନେ ପରିବା ଚାଷ କରି ବିକ୍ରି କରୁଛନ୍ତି।

## ଦୁଇ ଗ୍ରାମବାସୀ ମୁହାଁମୁହିଁ, ଥାନାରେ ମାମଲା

**ଖଣ୍ଡପଡ଼ା,୨୫ା୯(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତର ରେବତୀବଣିଆ ନୂଆସାହି ଓ ବେଣାଗାଡିଆ ପଞ୍ଚାୟତ ବରକୋଳି ଗ୍ରାମବାସୀଙ୍କ ମଧ୍ୟରେ ଗୁରୁବାର ପୁଣି ମୁହାଁମୁହିଁ ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୨୩୫ ଓ ୨୩୬/୨୦ରେ ଉଭୟ ପକ୍ଷର ୪୧ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ। ଦୀର୍ଘ ୨୫ବର୍ଷ ଧରି ଖଣ୍ଡପଡା-କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାଠାରୁ ମର୍ଦ୍ଦରାଜପୁର ନୂଆସାହିକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣକୁ କେନ୍ଦ୍ର କରି ବିବାଦ ଲାଗିରହିଛି । ରାସ୍ତା ନିର୍ମାଣ ସହ ଅନ୍ୟ କେତେକ ପ୍ରସଙ୍ଗକୁ କେନ୍ଦ୍ର କରି ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ତିକ୍ତତା ଲାଗି ରହିଛି। ମର୍ଦ୍ଦରାଜପୁର ନୂଆସାହିବାସୀଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ବରକୋଳି ଗ୍ରାମର ୯ଜଣଙ୍କ ନାମରେ ଓ ବରକୋଳି ଗ୍ରାମବାସୀଙ୍କ ଏତଲାକ୍ରମେ ପୋଲିସ ନୂଆସାହିର ୩୨ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ନୟାଗଡ଼ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## କୃଷି ବିଲ୍‌କୁ ବିରୋଧ

**ଏରସମା,୨୫ା୯(ସ୍ୱ.ପ୍ର.)**

**ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ**

ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଅଖିଳ ଭାରତ କୃଷକ ସଭା ମିଳିତ ଆନୁକୂଲ୍ୟରେ ନୂତନ କୃଷି ବିଲ୍‌କୁ ବିରୋଧ କରାଯାଇଛି। ଏଥିସହିତ ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ଆୟୋଜିତ ବିକ୍ଷୋଭରେ କୃଷକ ସଭା ବ୍ଲକ ସଭାପତି ଦାମୋଦର ବେହେରା ଓ ସମ୍ପାଦକ ତଥା ପୂର୍ବତନ ବ୍ଲକ ଉପାଧକ୍ଷ ରାମଚନ୍ଦ ମୁଦୁଲିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସିପିଆଇ ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ସାଧାରଣ ଜନତା ଓ କୃଷକଙ୍କ ମୁଣ୍ଡରେ ବଜ୍ର ପଡିଛି। ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଗଲେ ଦେଶର ଅବସ୍ଥା ସଙ୍କଟାପନ୍ନ ହେବ। ତେଣୁ କୃଷକ ଓ ଜନ ସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂତନ କୃଷି ଆଇନକୁ ପ୍ରତ୍ୟାହାର କରାଯିବାକୁ ଦାବି କରାଯାଉଛି। ଏଥିରେ ଜିଲା ସମ୍ପାଦକ ଅଭିଜିତ ସାହୁ, ଜୋନ ସମ୍ପାଦକ ବଂଶୀଧର ବେହେରା, ଦେବାଶିଷ ସ୍ୱାଇଁ, ଧର୍ମାନନ୍ଦ ବେହେରା ଓ ସପନ ସ୍ୱାଇଁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ। ସେହିପରି ନୂତନ ବିଦ୍ୟୁତ ବିଲ୍ ବୃଦ୍ଧି ନିଷ୍ପତ୍ତି ବିରୋଧରେ ମଧ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଓଡ଼ିଶୀକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଦାବି

**ଭୁବନେଶ୍ୱର,୨୫ା୯(ବ୍ୟୁରୋ)**

**କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି**

ଓଡ଼ିଶୀ ସଙ୍ଗୀତ (ଭୋକାଲ ଓ ଇନଷ୍ଟ୍ରୁମେଣ୍ଟ)କୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ସଂସ୍କୃତିରେ ଓଡ଼ିଶୀ ସଙ୍ଗୀତର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ଦ୍ୱିତୀୟ ଶତାବ୍ଦୀରୁ ପ୍ରଚଳିତ ଓଡ଼ିଶୀ ସଙ୍ଗୀତର ଏହି ପରମ୍ପରାକୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାର ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ନ ଦେବା ପରିତାପର ବିଷୟ। ୨ ହଜାର ବର୍ଷରୁ ଊର୍ଦ୍ଧ୍ୱ ଓଡ଼ିଶାର ସଙ୍ଗୀତ ଶାସ୍ତ୍ର ଉପରେ ପର୍ଯ୍ୟବସିତ। ଏହାର ନିଜର ରାଗ ରହିଛି। ଏହି ସଙ୍ଗୀତର ନିଜର ତାଳ ରହିଛି, ଯାହାକି ହିନ୍ଦୁସ୍ଥାନୀ ଏବଂ କର୍ନାଟକୀ ସଙ୍ଗୀତ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ପାଇବାର ସମସ୍ତ ଗୁଣ ଓଡ଼ିଶୀ ସଙ୍ଗୀତରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଦେବା ଲାଗି ଓଡ଼ିଶା ସରକାର ଦୀର୍ଘଦିନରୁ ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟର ସଙ୍ଗୀତ, ନୃତ୍ୟ ଏବଂ ନାଟକକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟରେ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ଭଳି ପ୍ରତିଷ୍ଠାନ ସ୍ଥାପନ କରାଯାଇଛି। ରାଜ୍ୟର କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଲାଗି ୧୯୯୯ରେ ରାଜ୍ୟ ସରକାର ଉତ୍କଳ ୟୁନିଭରସିଟି ଅଫ୍ କଲଚର ସ୍ଥାପନ କରିଛନ୍ତି। ଭାରତୀୟ ସଂସ୍କୃତିରେ ଓଡ଼ିଶୀ ସଙ୍ଗୀତର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ଏଥିଯୋଗୁ ଓଡ଼ିଶା ନାଟ୍ୟକାର, ଚିତ୍ରକର ଏବଂ କୋରିୟଗ୍ରାଫରମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ଭଙ୍ଗୀ, ଠାଣି, ଲାଳିତ୍ୟ, ମୁଦ୍ରା ଇତ୍ୟାଦି ଯୋଗୁ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ସଙ୍ଗୀତ ପାଇଁ ଥିବା ସମସ୍ତ ଗୁଣ ବହନ କରୁଛି। ଏହା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଓଡ଼ିଶୀ ସଙ୍ଗୀତ ଜାତୀୟ ସ୍ତରରେ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ୨୦୨୦ ସେପ୍ଟେମ୍ବର ୨ରେ ରାଜ୍ୟ ଐତିହ୍ୟ କ୍ୟାବିନେଟରେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଦେବାକୁ କେନ୍ଦ୍ରର ଦୃଷ୍ଟିଆକର୍ଷଣ କରିବା ଲାଗି ପ୍ରସ୍ତାବ ଅନୁମୋଦନ କରାଯାଇଛି। ଦେଶ ତଥା ରାଜ୍ୟର ସଙ୍ଗୀତ ପ୍ରେମୀଙ୍କର ବହୁଦିନର ଆଶା ପୂରଣ ପାଇଁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ରେଲ୍‌ୱେ ଟିକେଟ ହ୍ୟାକର ଗିରଫ

**ପାରାଦୀପ,୨୫ା୯(ସ୍ୱ.ପ୍ର.)**

ପାରାଦୀପ ଆରପିଏଫ ଶୁକ୍ରବାର ଜଣେ ରେଲୱେ ଟିକେଟ ହ୍ୟାକରଙ୍କୁ ଗିରଫ କରି ପଟ୍ଟାମୁଣ୍ଡାଇ କୋର୍ଟଚାଲାଣ କରିଛି। ତାଙ୍କଠାରୁ ଗୋଟିଏ ଲାପଟପ ଓ ମୋବାଇଲ ଆଦି ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଚଉଦକୁଲାଟ ଅଞ୍ଚଳର ଜ୍ୟୋତିରଞ୍ଜନ ସାହୁ। ସେ ୭ ବର୍ଷ ହେଲା ତାଙ୍କ ମୋବାଇଲ ଦୋକାନରେ ରେଲୱେର ଇ ଟିକେଟ କରୁଥିଲେ। ଏଥିପାଇଁ ସେ ୧୭ଟି ଫେକ୍ ୱେବ୍‌ସାଇଟ ଖୋଲି ଟିକେଟ ବୁକିଂ କରୁଥିଲେ। ପରେ ଟିକେଟକୁ ଅଧିକ ମୂଲ୍ୟରେ ବିକ୍ରି କରୁଥିଲେ। ସୂଚନାଯୋଗ୍ୟ, ଗତ ମାସରୁ ପଟାମୁଣ୍ଡାଇ ଅଞ୍ଚଳରୁ ଏହିଭଳି ୩ ଜଣ ହ୍ୟାକରଙ୍କୁ ଆରପିଏଫ ଗିରଫ କରି ସାରିଲାଣି। ଏନେଇ ସି୩ସି-୩୧/୨୦ରେ ମାମଲା ରୁଜୁ ହୋଇଛି।



ଆର୍‌ପିଏଫ୍ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ।

## କୃଷି ବିଲ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**ନୟାଗଡ଼ ଅଫିସ,୨୫ା୯**

କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ଦୁଇ କୃଷି ବିରୋଧୀ ବିଲ୍ ପ୍ରତ୍ୟାହାର ଦାବିରେ ଶୁକ୍ରବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ସମାବେଶରେ ଚାଷୀମାନେ କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ ବିଲ୍‌କୁ ସମାଲୋଚନା କରିଥିଲେ। ତେବେ ଚାଷୀମାନେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାର ଥିଲା। କିନ୍ତୁ ଜିଲାପାଳ ନ ଆସି ଉପଜିଲାପାଳ ଆସିବାରୁ ଚାଷୀମାନେ ଯୁକ୍ତି ବାଢ଼ିଥିଲେ, ଜିଲାରେ ସାର କଳାବଜାର ରୋକିବା ଦିଗରେ ପ୍ରତିଶ୍ରୁତି ଦେଇ ଆପଣ କିଛି କଲେ ନାହିଁ। ଚାଷୀ ୨୫୦ରୁ ୪୦୦ ଟଙ୍କା ଅଧିକ ଦେଇ ସାର କିଣୁଛି। ଏଭଳିସ୍ଥଳେ ସ୍ମାରକପତ୍ର ଜିଲାପାଳଙ୍କୁ ଦେବୁ କହିବା ପରେ ଉପଜିଲାପାଳ ଫେରି ଯାଇଥିଲେ। ତେବେ ବିକ୍ଷୋଭ ସ୍ଥଳକୁ କେହି ନ ଆସିବାରୁ ଚାଷୀମାନେ ସ୍ମାରକପତ୍ର ନ ଦେଇ ଫେରି ଆସିଥିଲେ। ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ମହେଶ୍ୱର ଜେନା, ସହସଂଯୋଜକ ରଣଜିତ୍ ଦଳବେହେରା, ଅଭିମନ୍ୟୁ ମାନସିଂହ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ସର୍ବ ଭାରତୀୟ କୃଷକ କ୍ଷେତ ମଜଦୁର ସଂଗଠନ ଶରଣକୁଳ ଶାଖା ତରଫରୁ ଶୁକ୍ରବାର କୃଷକ ନେତା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଲଡୁବାବାଙ୍କ ମନ୍ଦିର ସମୁଖରେ ବିକ୍ଷୋଭ କରାଯାଇଥିଲା। କୃଷକମାନେ କେନ୍ଦ୍ର ସରକାରଙ୍କ ଭୁଲ୍ କୃଷିନୀତି ବିରୋଧରେ ନାରାବାଜି ଦେଇଥିଲେ।





ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

## ବିଷ ପିଇ ବୃଦ୍ଧା ଦମ୍ପତିଙ୍କ ଆତ୍ମହତ୍ୟା

**କୁଜଙ୍ଗ,୨୫ା୯(ଡି.ଏନ.ଏ.)**

ପାରିବାରିକ କଳହ ଯୋଗୁ ଏକ ବୃଦ୍ଧ ଦମ୍ପତି ଗୁରୁବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। କୁଜଙ୍ଗ ଥାନା ଅନ୍ତର୍ଗତ ଦୁଆଡ଼ିଆ ବାଲିସାହି ଗ୍ରାମରେ ଘଟିଛି ଏହି ଘଟଣା। ମୃତ ଦମ୍ପତି ହେଲେ କୃଷ୍ଣଚନ୍ଦ୍ର ତରାଇ (୭୫) ଓ ତାଙ୍କ ସ୍ତ୍ରୀ ସତ୍ୟଭାମା ତରାଇ(୭୦)। ସୂଚନା ଅନୁସାରେ, ଏହି ଦମ୍ପତିଙ୍କ ୨ ପୁଅ ଅଛନ୍ତି। ମାତ୍ର ସେମାନେ ବୃଦ୍ଧା ମା'ବାପାଙ୍କ ଦାୟିତ୍ୱ ନେଉ ନ ଥିଲେ। ଫଳରେ ସେମାନେ ଅତିଷ୍ଠ ହୋଇ ବିଷ ପିଇ ଦେଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା।

# ରାଜପଥ ଅବରୋଧ କଲେ ଚାଷୀ

**ନୟାଗଡ଼ ଅଫିସ,୨୫ା୯**

**ମହଜୁଦ ଥାଇ ହୋଲ୍‌ସେଲର ଦେଲେନି ସାର**

ଗୋଦାମରେ ସାର ମହଜୁଦ୍ ଥିଲା। ହେଲେ ସାର ନାହିଁ ଦର୍ଶାଇ ଚାଷୀକୁ ଫେରାଇ ଦେଲେ ହୋଲସେଲର। ଏହାର ପ୍ରତିବାଦରେ ଚାଷୀମାନେ ଶୁକ୍ରବାର ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଘଡୁଆଳ ଗୋଦାମ ଆଗରେ ରାସ୍ତା ଅବରୋଧ କରିଥିଲେ। ନୟାଗଡ଼ ତହସିଲଦାର, ଜିଲା କୃଷି ଅଧିକାରୀ ଓ ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ସରକାରୀ ଦରରେ ସାର ବିକ୍ରି କରାଯିବ ବୋଲି ତହସିଲଦାର ଭିକାରୀ ସାହୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଚାଷୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ ପରେ ଆନ୍ଦୋଳନ ତୀବ୍ରତର ହୋଇଥିଲା। ଏ ନେଇ ଜିଲା କଂଗ୍ରେସର ପୂର୍ବତନ ସଭାପତି ରଣଜିତ ଦାଶ କୁହନ୍ତି, ଜିଲା କୃଷି ବିଭାଗ ଅଧିକାରୀ ଓ ସାର ବିତରକ ସଂସ୍ଥା ମଧ୍ୟରେ ଡିଲ୍ ଯୋଗୁ ଚାଷୀ ହଇରାଣ ହେଉଛନ୍ତି। ଜିଲାସାରା ସାର ୪୫ କେଜି ବସ୍ତାକୁ ସରକାରୀ ଦରଠାରୁ ଅଧିକ ଦାମ ୨୩୦ରୁ ୨୮୦ ଟଙ୍କାରେ ବିକ୍ରି କରାଯାଉଛି। ଘଡୁଆଳର ଏହି ବିତରକ ସଂସ୍ଥା ୧୧୮ ମେଟ୍ରିକ ଟନ୍ ସାର ସରକାରଙ୍କଠାରୁ ଆଣିସାରିଲେଣି। ହେଲେ ସାର କେତେ ଗଚ୍ଛିତ ଅଛି, କେତେ ବିକ୍ରି ହେଲାଣି ସେ ନେଇ ନାମ ଫଳକରେ ଦର୍ଶାଉ ନାହାନ୍ତି। ନିଜ ନିର୍ବାଚନମଣ୍ଡଳୀରେ ସାରର କଳାବଜାର ହେଉଥିଲେ ମଧ ମନ୍ତ୍ରୀଙ୍କ ନୀରବତା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସହ ସଂଯୋଜକ କୁଳମଣି ନାୟକ କୁହନ୍ତି, ଜିଲା ସାରା ଯୁରିଆ ସାର ଅଭାବ ଦେଖାଦେଇଛି। ସାର ଗଚ୍ଛିତ ଥିଲେ ମଧ ସରକାରୀ ଦରରେ ଦିଆଯାଉନି।



ଘଡୁଆଳଠାରେ ରାଜପଥ ଅବରୋଧ ରାଯାଇଛି।

# ଫେସ୍‌ଲେସ୍ ଅପିଲ ଆରମ୍ଭ କଲା ସିବିଡିଟି

ନୂଆଦିଲ୍ଲୀ,୨୫।୯

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଫେସ୍‌ଲେସ୍ ଅପିଲ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହାଦ୍ୱାରା ଫସି ରହିଥିବା ପ୍ରାୟ ୫.୬ ଲକ୍ଷ କୋଟି ଟଙ୍କାର ଟିକସ ମାମଲାଗୁଡିକ ସମାଧାନ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଆୟକର ବିଭାଗରେ ଟିକସ ସଂସ୍କାର ଏବଂ ସଚ୍ଚୋଟ ଟିକସଦାତାଙ୍କୁ ଉତ୍ସାହିତ କରିବା ଲାଗି ସରକାର ଏଭଳି ଏକ ବ୍ୟବସ୍ଥା ଆରମ୍ଭ କରିଥିବା ଜଣାପଡିଛି। ନୂଆ ଯୋଜନା ଶୁଭାରମ୍ଭ ଦ୍ୱାରା ଆଗାମୀ ଦିନଗୁଡିକରେ ସମସ୍ତ ପ୍ରକାର ଟିକସ ବିବାଦଗୁଡିକ ଇ-ମେଲ୍, ଇ-ଏନ୍‌କ୍ୱାରି ଏବଂ ଇ-ଶୁଣାଣି ଦ୍ୱାରା ସମାଧାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଆଇଟି କମିଶନରଙ୍କ ପାଖରେ ପ୍ରାୟ ୪.୬ ଲକ୍ଷ ଅପିଲ ଫଇସଲା ଲାଗି ପଡି ରହିଛି। ମାମଲାଗୁଡିକରେ ପ୍ରାୟ ୫.୬ ଲକ୍ଷ କୋଟି ଟଙ୍କା ଜଡିତ ରହିଥିବା ବିଭାଗ ପକ୍ଷରୁ ସୂଚନା ରହିଛି।




ବିଭିନ୍ନ ପ୍ରକାର ଆଇନଗତ ମାମଲା ଯୋଗୁ ୨୦୧୮-୧୯ ସୁଦ୍ଧା ପ୍ରାୟ ୧୨ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ ନ ହୋଇପାରି ଫସି ରହିଛି। ମାମଲାଗୁଡିକ ବିଭିନ୍ନ ଟ୍ରିବ୍ୟୁନାଲ, ହାଇକୋର୍ଟ, ସୁପ୍ରିମକୋର୍ଟରେ ପଡି ରହିଥିବା ଜଣାପଡିଛି। ପୂର୍ବରୁ ଆୟକର ବିଭାଗ ପକ୍ଷରୁ ଫେସ୍‌ଲେସ୍ ରିଟର୍ନ ଫାଇଲିଂ ସିଷ୍ଟମ ଆରମ୍ଭ କରାଯାଇଥିଲା। ନୂଆ ପଦକ୍ଷେପ ଦ୍ୱାରା ଟିକସ ମାମଲାଗୁଡିକର ସମାଧାନ ନେଇ ବିଭାଗ ଆଶାବାଦୀ ରହିଛି। ସମସ୍ତ ଆଇଟି ଅପିଲକୁ ଫେସ୍‌ଲେସ୍ ଭାବେ ସମାଧାନ କରାଯିବ ବୋଲି ସିବିଡିଟି ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ଏହା ମଧ୍ୟରେ ଜଘନ୍ୟ ଅପରାଧ, ପ୍ରମୁଖ ଟିକସ ଠକେଇ ମାମଲା, ସର୍ଚ୍ଚ ପ୍ରସଙ୍ଗ, ଅନ୍ତର୍ଜାତୀୟ ଟିକସ, କଳାଟଙ୍କା ଆଇନ ଭଳି ମାମଲା ସାମ୍ନାକୁ ସାମିଲ କରାଯାଇନାହିଁ।

ଏହି ବ୍ୟବସ୍ଥାରେ ବର୍ତ୍ତମାନଠାରୁ

### ୫.୬ ଲକ୍ଷ କୋଟିର ଟିକସ ମାମଲାର ସମାଧାନ ଲକ୍ଷ୍ୟ

ଆୟକର ବିଭାଗ ଆୟକର ଅପିଲ, ଅପିଲର ଇ-ଆଲୋକେଶନ, ନୋଟିସର ଇ-ଯୋଗାଯୋଗ, ପ୍ରଶ୍ନ, ଇ-ଯାଞ୍ଚ, ଇ-ଶୁଣାଣି ଏବଂ ଆପିଲେଟ ନିର୍ଦ୍ଦେଶକୁ ଇ-ଯୋଗାଯୋଗ ଦ୍ୱାରା ପ୍ରଦାନ କରିବ। ସମସ୍ତ ପ୍ରକ୍ରିୟାକୁ ଯଥାସମ୍ଭବ ଅନ୍‌ଲାଇନ ମାଧ୍ୟମରେ ସମ୍ପାଦନ କରିବା ଯୋଜନା ରଖାଯାଇଛି। ଏଥିଲାଗି ଆୟକର ବିଭାଗ ଡାଟା ଆନାଲିଟିକ୍ସ, ଡକ୍ୟୁମେଣ୍ଟ ଆଇଡେଣ୍ଟିଫିକେଶନ (ଡିଆଇଏନ୍)ର ବ୍ୟବହାର କରିବ। ଆୟକର ବିଭାଗରେ ଏରିୟର ବର୍ତ୍ତମାନ ୧୨.୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ୨୦୧୭-୧୮ରେ ୧୧ ଲକ୍ଷ କୋଟି ଟଙ୍କା ରହିଛି। ଏହାକୁ ଆଦାୟ କରିବା କଷ୍ଟକର ବୋଲି ସିଏଜି ପାର୍ଲାମେଣ୍ଟକୁ ଏକ ରିପୋର୍ଟ ଦେଇଛନ୍ତି।

# ଟ୍ରାକ୍‌କୁ ଫେରିଲା ଶେୟାର ବଜାର

ନୂଆଦିଲ୍ଲୀ,୨୫।୯

ଗତ ୬ଦିନ ହେବ ଦେଶର ପୁଞ୍ଜିବଜାରରେ ହ୍ରାସ ଧାରା ଲାଗି ରହିଥିଲା। ଏହି ସମୟ ମଧ୍ୟରେ ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିଛନ୍ତି। ଶୁକ୍ରବାର ଶେୟାର ବଜାର ଟ୍ରାକ୍‌କୁ ଫେରିଥିବା ଜଣାପଡିଛି। ଏହି ସମୟରେ ନିବେଶକଙ୍କୁ ୩.୫୨ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ଶୁକ୍ରବାର ସେନ୍‌ସେକ୍ସ ୮୩୫.୦୬ ପଏଣ୍ଟ ବା ୨.୨୮% ଉଚ୍ଚରେ ରହି ୩୭,୨୮୮ ପଏଣ୍ଟରେ କାରବାର ବନ୍ଦ ହୋଇଛି। ଏହା ପୂର୍ବରୁ ଗୁରୁବାର ସେନ୍‌ସେକ୍ସ ୧,୧୧୪ ପଏଣ୍ଟ ଖସି ୩୬,୫୫୩ ପଏଣ୍ଟରେ ବନ୍ଦ ହୋଇଥିଲା। ସାରା ଦେଶରେ ଶେୟାର କାରବାର ଉନ୍ନତ ହେବାରୁ ବଜାରରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିବା ଟଏସ୍ ବ୍ରୋକିଂ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁମିତ ବାଗାଡିଆ ସୂଚନା ଦେଇଛନ୍ତି।

ଭାରତୀ ଏୟାରଟେଲ, ବଜାଜ ଫିନସର୍ଭ, ଏଚ୍‌ସିଏଲ୍, ଇଣ୍ଡସଇଣ୍ଡ ବ୍ୟାଙ୍କ, ଟିସିଏସ୍, ଏଲ୍‌ଆଣ୍ଡଟି, ଆଇସିଆଇସିଆଇ ବ୍ୟାଙ୍କ, ଓଏନ୍‌ଜିସି ଭଳି କମ୍ପାନୀର ଶେୟାର କାରବାର ଉନ୍ନତ ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ମିଡ୍ କ୍ୟାପ ଏବଂ ସ୍ମଲ କ୍ୟାପ ସୂଚୀ ଏହି ସମୟରେ ୨.୯୦ ପଏଣ୍ଟ ଉଚ୍ଚରେ ରହିଛି। କରୋନା ମହାମାରୀ ଏବଂ ବିଶ୍ୱ ବଜାର ଚାପ ଭାରତ ଶେୟାର ବଜାର ଉପରେ ପଡିଥିଲା। ଫଳରେ ସେନ୍‌ସେକ୍ସରେ ଗତ ୬ ଦିନ ହେବ ଲଗାତର ହ୍ରାସ ଧାରା ଲାଗି ରହିଥିଲା। ଏହାର ପ୍ରଭାବ ଶୁକ୍ରବାର ବଜାର ଉପରେ ପ୍ରାୟ ନାହିଁ। ଫଳରେ କାରବାର ଟ୍ରାକ୍‌କୁ ଫେରିଥିବା ବିଶେଷଜ୍ଞ କହିଛନ୍ତି।



### ନିବେଶକଙ୍କୁ ୩.୫୨ ଲକ୍ଷ କୋଟି ଟଙ୍କା ଲାଭ

# ୨୦୨୧-୨୨ରେ ସ୍ଥିତାବସ୍ଥା ଫେରିବ

ନୂଆଦିଲ୍ଲୀ, ୨୫।୯

ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତର ଅର୍ଥ ବ୍ୟବସ୍ଥାର ସ୍ଥିତାବସ୍ଥା ଫେରିବା ନେଇ ଆକଳନ କରାଯାଇଛି। ଏସ୍ ଆଣ୍ଡ ପି ଗ୍ଲୋବାଲ ରେଟିଂସ ପକ୍ଷରୁ ଶୁକ୍ରବାର ଭାରତର ଦୀର୍ଘମିଆଦୀ ରେଟିଂକୁ ବିବିବି- ଏବଂ ସ୍ୱଳ୍ପ ମିଆଦୀ ଭିତ୍ତିରେ ଏ-୩ ରଖାଯାଇଛି। ଦୀର୍ଘମିଆଦୀ ଭିତ୍ତିରେ ଭାରତର ଆଉଟଲୁକ୍‌କୁ ଏହି ଏଜେନ୍ସି ସ୍ଥିର ରଖିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତର ସ୍ଥିତାବସ୍ଥା ଫେରିବା




ନେଇ ଏହା ପୂର୍ବାନୁମାନ କରିଛି। ଏହି ସମୟରେ ଘରୋଇ ବଜାରର ଅଭିବୃଦ୍ଧି ୧୦% ଛୁଇଁବା ନେଇ ଏହା ଆକଳନ କରିଛି। କୋଭିଡ୍-୧୯ ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ଏକ ବଡ ଚ୍ୟାଲେଞ୍ଜ ଦେଇ ଗତି କରୁଛି । ଏଥିରେ ଆଗାମୀ ଦିନରେ ଉନ୍ନତି ଆସିବା ନେଇ ଏଜେନ୍ସି ପୂର୍ବାନୁମାନ କରିଛି। ଚଳିତ ଆର୍ଥିକ ବର୍ଷ ବିତ୍ତୀୟ ନିଅଣ୍ଟ ମୋଟ ଜିଡିପିର ୧୨.୫% ଛୁଇଁପାରେ ବୋଲି ଏହା ଆକଳନରେ କହିଛି। ରାଜସ୍ୱ ସଂଗ୍ରହ ହ୍ରାସ ହେଉଥିବାରୁ ଏହା ରାଜକୋଷ ଉପରେ ଚାପ ପକାଉଛି। ଫଳରେ ସରକାର ବାଧ୍ୟହୋଇ ଋଣ ଉପରେ ଭରସା କରିବେ। ସରକାରଙ୍କ ନେଟ୍ ଋଣ ଅତ୍ୟଧିକ ବଢ଼ିଯିବା ନେଇ ଏହା ମତ ରଖିଛି। ଏହା ମୋଟ ଜିଡିପିର ୯୦% ଟପିବା ନେଇ ଏସ୍‌ପି ଏହାର ରିପୋର୍ଟରେ ପ୍ରକାଶ କରିଛି।

# ଭୋଡାଫୋନ ଟିକସ ମାମଲାରେ ସରକାରଙ୍କୁ ଝଟକା

ନୂଆଦିଲ୍ଲୀ,୨୫।୯

ଭୋଡାଫୋନ ଉପରେ ୨୦ ହଜାର କୋଟି ଟଙ୍କାର ଟିକସ ମାମଲାରେ ସରକାରଙ୍କୁ ଶୁକ୍ରବାର ଝଟକା ଲାଗିଛି। ଏହି ମାମଲା କୋର୍ଟ ବାହାରେ ଫଇସଲା ହେଉଥିବା ବେଳେ ଏଥିରେ ଭୋଡାଫୋନ ବିଜୟ ଲାଭ କରିଛି। ଅନ୍ତର୍ଜାତୀୟ ଆର୍ବିଟ୍ରେଶନ ଭୋଡାଫୋନ ସପକ୍ଷରେ ମାମଲାର ଶୁଣାଣି କରିଛନ୍ତି। କମ୍ପାନୀ ଉପରେ ଭାରତ ସରକାର ଲଗାଇଥିବା ଟିକସ ଏବଂ ଟିକସ ଉପରେ ସୁଧ ଏବଂ ଜରିମାନାକୁ ବେଆଇନ ବୋଲି ଶୁଣାଣିରେ କୁହାଯାଇଛି। ଏଭଳି କାର୍ଯ୍ୟ ଭାରତ-ନେଦରଲାଣ୍ଡସ ମଧ୍ୟରେ ହୋଇଥିବା ନିବେଶ ଚୁକ୍ତିର ଉଲ୍ଲଂଘନ ବୋଲି ଏଥିରେ ସ୍ପଷ୍ଟ କରାଯାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଟ୍ରିବ୍ୟୁନାଲ ଶୁଣାଣି ବେଳେ କହିଛନ୍ତି, ଭାରତ ଭୋଡାଫୋନଠାରୁ ସମସ୍ତ ବକେୟା ରାଶି ମାଗିବା ବନ୍ଦକରୁ। ଏହି ମାମଲା ଉପରେ ଭାରତ ସରକାର ଏବଂ କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ଭୋଡାଫୋନ ୨୦୦୭ରେ ଭାରତରେ ହଚିସନ ୱାମ୍ପୁଆର




ମୋବାଇଲ ବିଜନେସକୁ ଅଧିଗ୍ରହଣ କରିଥିଲା। ଏହିଠାରୁ ଟିକସ ବିବାଦ ଆରମ୍ଭ ହୋଇଥିଲା। ଭୋଡାଫୋନ ଟିକସ ପ୍ରଦାନ କରୁ ବୋଲି ଭାରତ ସରକାର ଦାବି କରିଥିଲେ। ମାତ୍ର କମ୍ପାନୀ ଏହାରକୁ ବିରୋଧ କରିବା ସହ ମାମଲା ଆରମ୍ଭ ହୋଇଥିଲା। ୨୦୧୨ରେ ସୁପ୍ରିମକୋର୍ଟ କମ୍ପାନୀ ସପକ୍ଷରେ ଶୁଣାଣି କରିଥିଲେ। ହେଲେ ସରକାର ଏହି ବର୍ଷ ନିୟମରେ ପରିବର୍ତ୍ତନ କରିଦେଇଥିଲେ। ୨୦୧୪ରେ ଭୋଡାଫୋନ ଭାରତ ସରକାରଙ୍କ ବିରୋଧରେ ଅନ୍ତର୍ଜାତୀୟ ଆର୍ବିଟ୍ରେଶନର ଦ୍ୱାରସ୍ଥ ହୋଇଥିଲା। ବିଭିନ୍ନ କମ୍ପାନୀ ଭାରତ ସରକାରଙ୍କ ଅନ୍ତର୍ଜାତୀୟ ଆର୍ବିଟ୍ରେଶନକୁ ଘୋଷାଡି ଛନ୍ତି। ଭାରତ ସରକାର ଏଭଳି ୧୨ରୁ ଅଧିକ ମାମଲା ଲଢୁଛନ୍ତି। ଏଥିରେ କେର୍ନ ଏନର୍ଜି ମଧ୍ୟ ସାମିଲ ରହିଛି।

# କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

ଭୁବନେଶ୍ୱର,୨୫।୯:କାନାରା ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଛି। ବ୍ୟାଙ୍କର ମହାପ୍ରବନ୍ଧକ ବି.ଏଲ୍. ମୀନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଣ୍ଡିକେଟ୍ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୃତ୍ୟୁଞ୍ଜୟ ମହାପାତ୍ର ହିନ୍ଦୀ ଦିବସର ଆଭିମୁଖ୍ୟ ବିଷୟରେ ମତ ଉପସ୍ଥାପନ କରିଥିଲେ। ସେହିପରି ମଣ୍ଡଳ ପ୍ରବନ୍ଧକ ଆର୍.କେ. ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକର୍ମୀ କୁମାର ସଞ୍ଜୀବ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ବ୍ୟାଙ୍କର କେ. ଶ୍ରୀନିବାସ ଗୁପ୍ତା,ଅଜୟ କୁମାର ସିଂ ,ଏସ୍. ରାଜଶେଖର, ସିଆର୍ ସୁଶୀଲ କୁମାର, ଦିବ୍ୟଲୋଚନ ସ୍ୱର ଏବଂ ଗୀତା ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବରାଜ ସିଂ ଆକାଶର ବ୍ରାଣ୍ଡ୍ ଆମ୍ବାସାଡର

ନୂଆଦିଲ୍ଲୀ,୨୫।୯: ଆକାଶ ଏଡୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) କ୍ରିକେଟର ଯୁବରାଜ ସିଂଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଥିବା ବିଷୟର ଘୋଷଣା କରିଛି। ଏହି ପ୍ରତିଭାବାନ କ୍ରିକେଟର ଆକାଶ ଗ୍ରୁପ୍‌ର ବିଭିନ୍ନ ବ୍ରାଣ୍ଡର ପ୍ରଚାର ଓ ପ୍ରସାର କରିବେ। ଏଥିରେ ରହିଛି ଆକାଶ ଇନ୍‌ଷ୍ଟିଚ୍ୟୁଟ, ଆକାଶ ଆଇଆଇଟି-ଜେଇଇ ଏବଂ ଆକାଶ ଡିଜିଟାଲ ଓ ମେରିଟ୍‌ନେସନ ରହିଥିବା ଏଇଏସ୍‌ଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହା ମାଧ୍ୟମରେ ମେଡିକାଲ ଓ ଇଞ୍ଜିନିୟରିଂ ପରୀକ୍ଷା ଦେଉଥିବା ପିଲାମାନଙ୍କ ମନୋବଳ ବୃଦ୍ଧି ସହ ସଫଳତା ପାଇଁ ସଂଘର୍ଷ ଓ ଉଦ୍ୟମ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏ ସମ୍ପର୍କରେ ଆକାଶ ଏଡୁକେଶନାଲ ସର୍ଭିସେସ୍ ଲିମିଟେଡ୍‌ର ସିଇଓ ଓ ଡାଇରେକ୍ଟର ଆକାଶ ଚୌଧୁରୀ କହିଛନ୍ତି ଯେ, ଆକାଶ ପରିବାରରେ ଯୁବରାଜ ସିଂ ସାମିଲ ହୋଇଥିବାରୁ ଆମେ ସମସ୍ତେ ଆନନ୍ଦିତ।

# ସୋନିର ନୂଆ ହେଡ୍‌ଫୋନ

**ନୂଆଦିଲ୍ଲୀ,୨୫।୯:** ସୋନି ଇଣ୍ଡିଆ ପକ୍ଷରୁ ବହୁ ପ୍ରତୀକ୍ଷିତ ପରବର୍ତ୍ତୀ ପିଢ଼ିର ଡବ୍ଲ୍ୟୁଏଚ୍-୧୦୦୦ଏକ୍ସଏମ୍-୪ ହେଡ୍‌ଫୋନର ଶୁଭାରମ୍ଭ କରାଯାଇଛି। ଏହି ଲୋକପ୍ରିୟ ମଡେଲ ଦ୍ୱାରା ଗ୍ରାହକ ସୋନିର ସ୍ୱତନ୍ତ୍ର ଅଡିଓ ସେବା ପାଇପାରିବେ। ଏହା ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି। ସେହିଭଳି ଏଥିରେ ବିଭିନ୍ନ ଫିଚର ସହ ୩୦ ଘଣ୍ଟାର ବ୍ୟାଟେରି ଲାଇଫ, ୫ଘଣ୍ଟାର ପ୍ଲେ ବ୍ୟାକ ପାଇଁ ୧୦ ମିନିଟର କୁଇକ୍ ଚାର୍ଜ, କଲ୍ ଏବଂ ମ୍ୟୁଜିକ ପାଇଁ ୨ଟି ଡିଭାଇସ ପଏଣ୍ଟ ସୁବିଧା ରହିଛି। ଏହି ହେଡ୍ ଫୋନ ଉଚ୍ଚ ଏବଂ ମଧ୍ୟମ ଫ୍ରିକ୍ୱେନ୍ସି ଶବ୍ଦ ହ୍ରାସ କରି ସୋନିର ସର୍ବୋତ୍ତମ ନଏଜ କ୍ୟାନସେଲେସନ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ଏହି ହେଡ୍ ଫୋନଗୁଡିକରେ ପ୍ରତି ଇୟର କପ ସହ ୨ଟି ମାଇକ୍ରୋଫୋନର ସୁବିଧା ରହିଛି। ଏହି ମଡେଲର ଦାମ ପ୍ରାୟ ୨୯,୯୯୦ ଟଙ୍କା ଥିବାବେଳେ ୧୮ ସେପ୍ଟେମ୍ବରରୁ ବଜାରରେ ଏହା ଉପଲବ୍ଧ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ରାଣାଙ୍କ ଲଣ୍ଡନ ବଙ୍ଗଳା ଜବତ

ନୂଆଦିଲ୍ଲୀ,୨୫।୯: ୟେସ୍ ବ୍ୟାଙ୍କ ଲିମିଟେଡ୍‌ର ପୂର୍ବତନ ସିଇଓ ରାଣା କପୁରଙ୍କ ବିରୋଧରେ ୨ କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତଦନ୍ତ ଉପଯୋଗୀ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନ ଦେବାରୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ପକ୍ଷରୁ ରାଣାଙ୍କ ଉପରେ ୧କୋଟିର ଜରିମାନା ଲଗାଯାଇଛି। ସେହିଭଳି ରାଣାଙ୍କର ପ୍ରାୟ ୧୨୭ କୋଟିର ଆଲିସାନ ବଙ୍ଗଳାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଥିବା ଜଣାପଡିଛି। ବର୍ତ୍ତମାନ ୟେସ ବ୍ୟାଙ୍କ ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି।


**PARADIP PORT TRUST**

**e-TENDERING NOTICE**

No. EM/MM/P/IOHP-26/2020/201 Date: 18/09/2020

Online tenders in three bid system i.e. (1) EMD Bid (2) Technical Bid (3) Price Bid (On item wise rate basis) are invited from manufacturers / authorized dealer for supply of **Tractor with trailer**. The last date and time of submission of the tender is 17.15 Hours on **Dt.12-10-2020**. For details, log on to website https://eprocure.gov.in/eprocure/app.

Sr. Dy. Materials Manager, PPT

PPT/PR/226/20-21 Dt. 25/09/2020

**ODISHA PUBLIC SERVICE COMMISSION**

19, Dr. P.K. Parija Road, Cuttack - 1

**NOTICE**

**No. 4753/PSC** **Dt.23.9.20**

No. D-67: It is for information of all concerned that, as per the provisions laid down at Para - 6 of the advertisement No. 18 of 2019-20, the Commission have shortlisted the eligible candidates for certificate/document verification for recruitment to the Post of Lecturer in the discipline of **Chemistry** in Group-A of Odisha Education Service (College Branch), Pursuant to Advt. No. 18 of 2019-20. Hence, the candidates are advised to visit the website of the Commission at **http://opsc.gov.in** for detail information.

**Sd./- Secretary**

OIPR-12002/11/0034/2021

**ODISHA PUBLIC SERVICE COMMISSION**

19, Dr. P.K. Parija Road, Cuttack - 1

**NOTICE**

**No. 4804/PSC** **Dt.25.9.20**

No. D-68: It is for information of all concerned that, as per the provisions laid down at Para - 6 of the advertisement No. 18 of 2019-20, the Commission have shortlisted the eligible candidates for certificate/document verification for recruitment to the Post of Lecturer in the discipline of **Geology** in Group-A of Odisha Education Service (College Branch), Pursuant to Advt. No. 18 of 2019-20. Hence, the candidates are advised to visit the website of the Commission at **http://opsc.gov.in** for detail information.

**Sd./- Secretary**

OIPR-12002/11/0035/2021

**idco | ODISHA NEW OPPORTUNITIES** No.CAD-506

IDCO/HO-FIN/A-10004/01/2019/V-1/13024 Dt.18.09.2020

**EXPRESSION OF INTEREST**

Odisha Industrial Infrastructure Development Corporation (IDCO), invites sealed bids for rate of interest in the following prescribed format for fixed deposit in denominations of Rs.1,99,99,000/- each, interest compunded quarterly, from Bhubaneswar based eligible Govt. approved **Public Sector Banks** only as per Finance Department Order No. 24705/F, Dated 20.07.2019 Govt. of Odisha (Except BOI & IDBI Bank).

| Sl. No. | Period | % Rate of Interest Per Annum (Only Callable) |
|---|---|---|
| | | Rs.1,99,99,000/- |
| 1 | One Year | |

The bids must reach the undersinged in sealed cover by Speed Post/Special Messenger on or before **1.00 P.M. on 13th October 2020** and the same shall be opened at 3.30 P.M. on the same day in the Board Room, IDCO Office, Janpath, Bhubaneswar - 751022 in the presence of the representatives of the participating Banks. The rate of interest offered by the participating Banks shall remain **valid for 21 days from the date of opening of the bids.** The interest rate quoted by Bank is final & in no circumstances change of rate can be entertained. The decision of the Management will be final.

**Sd./- Chief General Manager (Finance)**

OIPR-14003/11/0058/2021

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**CENTRAL CIRCLE (R&B), BHUBANESWAR**

No.2184 Dated:23.09.2020

**CORRIGENDUM TO TENDER CALL NOTICE NO.2 (Estg.) of 2020-21**

No.B-298:- In partial modification to this office Tender Call Notice No.2 of 2020-21, the following changes are effected due to unavoidable circumstances.

1. The sale and receipt of tender documents in the website : From 5.00 P.M. of 28.09.2020 to 5.00 P.M. 12.10.2020 instead of 5.00 P.M. of 24.09.2020 to 5.00 P.M. of 08.10.2020.
2. The date of opening of the tender: 11.00 A.M. on 13.10.2020.

Other details of the Tender Call Notice No.2 of 2020-21 remain unaltered.

**Sd./- Er. G.C. Sahu, Superintending Engineer**
**Central Circle (R&B), Bhubaneswar**

OIPR-34005/11/0005/2021

**ODISHA HYDRO POWER CORPORATION LTD**

CIN: U40101OR1995SGC003963

(*GOVERNMENT OF ODISHA UNDERTAKING*)

**OFFICE OF THE GENERAL MANAGER (EL.)**

CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-93/2682** **Date: 23.09.2020**

**TENDER CALL NOTICE NO.-CHEP-20/2020-21**

No.CAD-497:- Sealed tenders are invited in two parts from the **Authorized Dealers / Distributors, General Order Suppliers** having valid IT PAN, GST Registration Certificate for supply of following material as follows;

| Description of Material | Cost of Tender Paper | EMD in Rs. |
|---|---|---|
| Supply of Safety Shoes & Formal Shoes to CHEP, Chiplima | Rs.2,360/- (Rs.2,000/- + GST @18%) | 2,300.00 |

The sale of tender papers will start from **dtd.30.09.2020** & close on **dtd.14.10.2020 at 12:30 PM**

The last date & time of receipt of tender **is Up to 01:30 PM of dtd.14.10.2020**

The date & time of opening of tender **at 03:30 PM of dtd.14.10.2020**

For details and further correspondence / corrigendum please visit our website www.ohpcltd.com. **Sd/- Unit Head, CHEP, Chiplima**

OIPR-04006/11/0016/2021

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ନିମ୍ନଲିଖିତ ମତେ ଶିଶୁ ଗତ ତା୦୪।୧୧।୨୦୧୯ରିଖଠାରୁ ସର୍ଭ୍ୟାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର ଶାଖାଠାରେ ରହିଆସୁଅଛି। ଜଗତ୍‌ପୁର ଥାନା ଅଞ୍ଚଳର ପୀର ବଜାର ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଏକ ମାନସିକ ବିକୃତ ମହିଳା ଉକ୍ତ ଶିଶୁ କନ୍ୟାଟିକୁ ଧରି ଏଣେ ତେଣେ ବୁଲୁଥିବା ଅବସ୍ଥାରେ ଜିଲ୍ଲା ଆଇନ ପ୍ରାଧିକରଣ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଉଦ୍ଧାର କରାଯାଇ ଶିଶୁ ସୁରକ୍ଷା କମିଟି ନିକଟରେ ଉପସ୍ଥାପନ କରାଯାଇଥିଲା । ଉକ୍ତ ଶିଶୁ କନ୍ୟାଟିର ଯଦି କେହି ପିତା/ମାତା/ଅଭିଭାବକ ବା ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.୫୪, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଫୋନ୍ ନଂ. ୦୬୭୧-୨୫୦୮୧୩୩ କିମ୍ବା ସମ୍ପାଦକ, ସର୍ଭ୍ୟାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ, ଫୋନ୍ ନଂ. ୦୬୭୧-୨୩୯୪୩୯୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ଅତିବାହିତ ହେବାପରେ ଉକ୍ତ ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ, ଶିଶୁ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ଯୋଗ୍ୟ ଶିଶୁ ଭାବେ ଘୋଷଣା କରାଯାଇ ସେମାନଙ୍କର ଆବଶ୍ୟକ ଥଇଥାନ କରାଯିବ ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | କେବେ ମିଳିଛି | କେଉଁ ସ୍ଥାନରୁ | ଶାରୀରିକ ଅବସ୍ଥା | ବୟସ | ମନ୍ତବ୍ୟ |
|---|---|---|---|---|---|---|---|
| ୦୧ | ଓଲ୍‌ସା | କନ୍ୟା | ୦୪।୧୧।୨୦୧୯ | ପୀର ବଜାର, ଜଗତ୍‌ପୁର | ଉତ୍ତମ | ୧୮।୧୦।୨୦୧୯ | CWC କେସ୍ ନଂ. ୪୨୪୯/୨୦୧୯ |



ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

**ତହସିଲଦାରଙ୍କ କାର୍ଯ୍ୟାଳୟ, ନୂଆପଡ଼ା**

ଲଘୁ ଖଣିଜ ଉତ୍ସ (ବାଲି ଖାଦାନ) ପାଞ୍ଚବର୍ଷିଆ ଲିଜ୍ ନିମନ୍ତେ

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

ସଂଖ୍ୟା: ୩୬୫୧ ତାରିଖ: ୨୫।୦୯।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୂଆପଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ବାଲି ଉତ୍ସ) ଗୁଡ଼ିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦୀ ସୂତ୍ରରେ (ପାଞ୍ଚ ବର୍ଷ ପାଇଁ) ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯିବ। ଏଥିପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫାରମରେ ଆବେଦନ କରିପାରିବେ। ଟେଣ୍ଡର ଫାରମର ସମସ୍ତ ବିବରଣୀ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, 2016 (OMMC Rules, 2016) ଅନୁଯାୟୀ ନିର୍ଦ୍ଦିଷ୍ଟ ଫାରମ-M ଟ.୧୦୦୦/- (ଏକ ହଜାର ଟଙ୍କା) ଏବଂ ଅତିରିକ୍ତ ୧୮ ପ୍ରତିଶତ GST ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା୨୮।୦୯।୨୦୨୦ରିଖ ଠାରୁ ତା୧୫।୧୦।୨୦୨୦ରିଖ ୫.୩୦ ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ଓ ସମୟରେ ଉପଲବ୍ଧ ହେବ। ଉକ୍ତ ରାଶି ଫେରସ୍ତ ହେବ ନାହିଁ। ପ୍ରତ୍ୟେକ ଉତ୍ସ ନିମନ୍ତେ ତିନିକିତା ଲେଖାଏଁ ଫାରମ-M ସମ୍ପୂର୍ଣ୍ଣ ରୂପେ ଭର୍ତ୍ତି କରି ଆବଶ୍ୟକୀୟ କାଗଜାତ ସହ ଜଉମୁଦ ଲଫାପା (Closed Cover) କରି ତହସିଲାଦର, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କେବଳ ରେଜିଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଦାଖଲ କରିବେ। ସମସ୍ତ ଆବଶ୍ୟକ କାଗଜାତ ସଂଲଗ୍ନ କରି ତା୧୫।୧୦।୨୦୨୦ରିଖ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ। **ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଏକାନ୍ତ ଆବଶ୍ୟକ।** ପୃଥକ ସୈରାତ ଉତ୍ସ ପାଇଁ ପୃଥକ୍ ପୃଥକ୍ ଫାରମରେ ଆବେଦନ କରିବାକୁ ପଡ଼ିବ। ତା୧୫।୧୦।୨୦୨୦ରିଖ ଅପରାହ୍ନ ୫.୩୦ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ ତଥା ଉକ୍ତ ଦରଖାସ୍ତଗୁଡ଼ିକ ଖାରଜ କରାଯିବ।

ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପାଗୁଡ଼ିକ ତା୧୯।୧୦।୨୦୨୦ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡ଼ିକ ତନଖି କରାଯିବ। ତା୧୯।୧୦।୨୦୨୦ରେ ଉକ୍ତ ପ୍ରକ୍ରିୟା ଯଦି ସମ୍ପୂର୍ଣ୍ଣ ନ ହୁଏ ତେବେ ତା୨୦।୧୦।୨୦୨୦ ଦିନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରାଯିବ। କୌଣସି ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଅନୁପସ୍ଥିତି ଯୋଗୁ ଉକ୍ତ ପ୍ରକ୍ରିୟା ବନ୍ଦ ହେବ ନାହିଁ। ଅସମ୍ପୂର୍ଣ୍ଣ ଅଥବା ସଂଲଗ୍ନ ବିହୀନ ଦରଖାସ୍ତଗୁଡ଼ିକୁ ନାକଚ କରିଦିଆଯିବ।

ସବିଶେଷ ବିରବଣୀ ତହସିଲଦାରଙ୍କ କାର୍ଯ୍ୟାଳୟ, ନୂଆପଡ଼ା ଏବଂ ନୂଆପଡ଼ା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡ଼ା ଜିଲ୍ଲା ୱେବ୍‌ସାଇଟ୍‌ରେ (**www.nuapada.nic.in**)ରେ ମଧ୍ୟ ଉପଲବ୍ଧ ଅଟେ।

ସ୍ୱା/- ତହସିଲଦାର, ନୂଆପଡ଼ା

Dept. of Fisheries and Animal Resources Development, Govt. of Odisha

**OFFICE OF THE JOINT DIRECTOR, FROZEN SEMEN BANK, KHAPURIA, CUTTACK - 753 010, ODISHA**

**An ISO 9001:2015 Certified Unit**

**E-mail: jdfsbctc@gmail.com, Tel. No. 0671-2344532**

**No. 1667/FSB** **Date: 23.09.2020**

**NOTICE INVITING TENDER**

No. M-21: Sealed tenders are invited from reputed firms/ suppliers registered under GST in two part bid for supply of Liquid Nitrogen (LN2) at seven different locations in Odisha for the year 2020-21. A complete set of tender papers containing the details of item with specification, terms and conditions will be available at office of the Joint Director, Frozen Semen Bank, Khapuria, Cuttack from 25.09.2020 to 16.10.2020 upto 11.00 A.M. on working days within office hours on payment of non-refundable fees of **Rs.11800/-** (Rupees eleven thousand eight hundred only) by Cash/Demand Draft, which includes cost of tender paper at Rs.10000/- + GST @ 18% i.e. Rs.1800/-. The sealed tender will be received from 25.09.2020 to 16.10.2020 upto 01.00 P.M. The tender papers can also be downloaded from website **http://odishaahvs.nic.in / www.cuttack.nic.in / www.olrds.com** and submitted along with the above cost in shape of Bank Draft drawn in favour of **"The Joint Director, Frozen Semen Bank, Khapuria, Cuttack" payable at SBI, Kalyaninagar Branch, Cuttack**. Tender papers downloaded and submitted without the cost of the tender paper shall be liable for rejection.

**Sd./- Joint Director**
**Frozen Semen Bank, Cuttack**

OIPR-06080/11/0001/2021

# କୋଲକାତା-ହାଇଦ୍ରାବାଦ୍ ମୁକାବିଲା ଆଜି

**ଆବୁଧାବି,୨୫।୯(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅଷ୍ଟମ ମ୍ୟାଚ୍‌ରେ ଶନିବାର ଦିନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ଡେଭିଡ୍ ୱାର୍ନରଙ୍କ ସନରାଇଜର୍ସ ହାଇଦ୍ରାବାଦ୍ ପରସ୍ପରକୁ ଭେଟିବେ। ସ୍ଥାନୀୟ ଶେଖ ଜାଏଦ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ କାର୍ତ୍ତିକଙ୍କ କିଭଳି ନେତୃତ୍ୱ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ପୁନର୍ଗଠିତ କୋଲକାତା ଦଳ ପୂର୍ବପରି ଦମ୍‌ଦାର ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲେ ମଧ୍ୟ ପ୍ରଶଂସକମାନେ ନିରାଶ ହୋଇଛନ୍ତି। କାର୍ତ୍ତିକ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି ଦଳକୁ ଅଧିନାୟକ ଭାବେ ସଠିକ୍ ଦିଗ୍‌ଦର୍ଶନ ଦେଇପାରିନାହାନ୍ତି। ସେ ତାଙ୍କ ପୁରୁଣା ତ୍ରୁଟିରୁ ଶିକ୍ଷା କରିପାରି ନାହାନ୍ତି। ଗତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ସେ କେତୋଟି ଅବର୍ଣ୍ଣନୀୟ ନିଷ୍ପତ୍ତି ନେଇଥିଲେ। ଫଳରେ ଦଳ ବଡ଼ ବ୍ୟବଧାନରେ ପରାସ୍ତ ହୋଇଥିଲା। ମୁମ୍ବାଇଠାରୁ ଦଳ ୪୯ ରନରେ ପରାସ୍ତ ହୋଇଥିଲା। ଫଳରେ ପୁଣି ଥରେ ବିଗ୍ ହିଟର ଆନ୍ଦ୍ରେ ରସେଲଙ୍କ ବ୍ୟାଟିଂ ପୋଜିସନ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି।

ଗତ ସଂସ୍କରଣରେ ରସେଲ ୨୪୯ଟି ବଲର ସମ୍ମୁଖୀନ ହୋଇ ମୋଟ ଉପରେ ୫୧୦ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୨୦୪.୮୧ ରହିଥିଲା ଓ ଏହା ଟୁର୍ନାମେଣ୍ଟର ସର୍ବାଧିକ ଥିଲା। ତାଙ୍କ ୬ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ଦିଆଯାଇଥିଲା। କିନ୍ତୁ ସେତେବେଳକୁ ଟାର୍ଗେଟ ହାସଲ କରିବା ନିହାତି କଷ୍ଟକର ଥିଲା। ଗତ ମ୍ୟାଚ୍‌ରେ ବିଶ୍ୱକପ ବିଜୟୀ ଇଂଲଣ୍ଡ ଅଧିନାୟକ କୋଲକାତା ପାଇଁ ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। ସେତେବେଳକୁ ଆବଶ୍ୟକ ରନ ହାର ୧୩ରୁ ଊର୍ଦ୍ଧ୍ୱ ଥିଲା। ଫଳରେ ସେ ମଧ୍ୟ ଅଧିକ କିଛି କରି ନ ପାରି ବିଫଳ ହୋଇଥିଲେ। ବୋଲିଂରେ ମଧ୍ୟ କାର୍ତ୍ତିକ ତ୍ରୁଟି କରିଥିଲେ। ତାରକା ସ୍ପିନର ସୁନୀଲ ନାରିନଙ୍କୁ ଠିକ୍ ରୂପେ ହ୍ୟାଣ୍ଡେଲ ନ କରି ତାଙ୍କୁ ପାୱାର ପ୍ଲେ' ଶେଷ ଓଭରରେ ବୋଲିଂ କରିବାକୁ ଦେଇଥିଲେ। ସର୍ବାଧିକ ମୂଲ୍ୟରେ ଦଳରେ ସାମିଲ ହୋଇଥିବା ପ୍ୟାଟ୍ କୁମିନ୍ସ ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ରୋହିତ ଶର୍ମା ଭଲଭାବେ ସେଟ୍ ହେବା ପରେ ନାରିନଙ୍କୁ ବୋଲିଂ କରିବାର ସୁଯୋଗ ଦିଆଯାଇଥିଲା। ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ବ୍ରେଣ୍ଡନ୍ ମ୍ୟାକୁଲମ ଦଳର କୋଚ୍ ରହିଛନ୍ତି। ଆକ୍ରମଣାତ୍ମକ ବ୍ୟାଟିଂ ଓ ମାନସିକତା ପାଇଁ ସେ ଜଣାଶୁଣା ଥିବାବେଳେ ତାଙ୍କର ଏଭଳି ରକ୍ଷଣାତ୍ମକ ରଣନୀତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ହାଇଦ୍ରାବାଦ ଏକ ସନ୍ତୁଳିତ ଦଳ ବୋଲି ବିବେଚିତ ହେଉଛି। ତେବେ ଏହି ଦଳରେ ଗଭୀରତା ଓ ଅଭିଜ୍ଞତାର ଅଭାବ ପରିଲକ୍ଷିତ ହେଉଛି। ଫଳରେ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷ ମ୍ୟାଚ୍‌ରେ ସାଂଘାତିକ ଭାବେ ବିଫଳ ହୋଇଥିଲା। ଅନ୍ତିମ ୫ ଓଭରରେ ବିଜୟ ପାଇଁ ୪୩ ରନ ଆବଶ୍ୟକ ହେଉଥିବା ବେଳେ ହାଇଦ୍ରାବାଦ ତା'ର ଅନ୍ତିମ ୭ଟି ଉଇକେଟ ମାତ୍ର ୩୨ ରନରେ ହରାଇଥିଲା ଓ ଶେଷରେ ୧୦ ରନରେ ପରାସ୍ତ ହୋଇଥିଲା। ପୁଣି ଅଲରାଉଣ୍ଡର ମିଚେଲ ମାର୍ଶ ଆହତ ହେବ ଦଳର ସମସ୍ୟାକୁ ଦ୍ୱିଗୁଣିତ କରିଛି।

ଅଧିନାୟକ ଡେଭିଡ୍ ୱାର୍ନର ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହେବା ଦଳ ପାଇଁ ଅବଶ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପୁଣି କେନ୍ ୱିଲିୟମସନ ଇଞ୍ଜୁରିମୁକ୍ତ ହୋଇଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା। ସେ ଦଳରେ ସାମିଲ ହେଲେ ବ୍ୟାଟିଂ ଲାଇନ୍ ଆହୁରି ଦୃଢ ହୋଇପାରିବ। ହାଇଦ୍ରାବାଦ୍‌ର ବୋଲିଂ ସବୁବେଳେ ଉଚ୍ଚକୋଟୀର ସାବ୍ୟସ୍ତ ହୋଇଆସିଛି। ସ୍ପିନର ରସିଦ୍ ଖାନଙ୍କ ସମେତ ମହମ୍ମଦ ନବିଙ୍କୁ ବୋଲିଂ କରିବାକୁ ମ୍ୟାନେଜମେଣ୍ଟ ସୁଯୋଗ ଦେବ ବୋଲି ଆଶା କରାଯାଉଛି। ଭୁବନେଶ୍ୱର କୁମାର ଦଳର ଦ୍ରୁତ ବୋଲିଂର ନେତୃତ୍ୱ ନେବେ।



ଦୀନେଶ କାର୍ତ୍ତିକ

ଡେଭିଡ୍ ୱାର୍ନର

### କୋଲକାତା ନାଇଟ ରାଇଡର୍ସ ଦଳ

ଦୀନେଶ କାର୍ତ୍ତିକ (ଅଧିନାୟକ), ଆନ୍ଦ୍ରେ ରସେଲ, କମଲେଶ ନାଗରକୋଟୀ, କୁଲଦୀପ ଯାଦବ, ଲୋକି ଫର୍ଗୁସନ, ନୀତୀଶ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ରିଙ୍କୁ ସିଂ, ସନ୍ଦୀପ ୱାରିୟର, ଶିବମ ମାଭି, ସୁନୀଲ ନାରିନ, ପ୍ୟାଟ୍ କୁମିନ୍ସ, ଇଅନ ମୋର୍ଗାନ, ବରୁଣ ଚକ୍ରବର୍ତ୍ତୀ, ଟମ୍ ବାଣ୍ଟନ (ଉଇକେଟକିପର), ରାହୁଲ ତ୍ରିପାଠୀ, କ୍ରିସ୍ ଗ୍ରୀନ୍, ଏମ୍. ସିଦ୍ଧାର୍ଥ, ନିଖିଲ ନାଏକ ଓ ଅଲି ଖାନ।

### ସନରାଇଜର୍ସ ହାଇଦ୍ରାବାଦ ଦଳ

ଡେଭିଡ୍ ୱାର୍ନର (ଅଧିନାୟକ), ଜନି ବେୟାରଷ୍ଟୋ (ଉଇକେଟକିପର), କେନ୍ ୱିଲିୟମସନ, ଭୁବନେଶ୍ୱର କୁମାର, ମହମ୍ମଦ ନବି, ରସିଦ୍ ଖାନ, ମନୀଷ ପାଣ୍ଡେ, ବିରାଟ ସିଂ, ଶାହାବାଜ ନଦିମ, ମିଚେଲ ମାର୍ଶ, ଫାବିଆନ ଆଲେନ, ବିଜୟ ଶଙ୍କର, ସଞ୍ଜୟ ଯାଦବ, ଋଦ୍ଧିମାନ ଶାହା, ଶ୍ରୀବତ୍ସ ଗୋସ୍ୱାମୀ, ବଭନକ ସନ୍ଦୀପ, ବାସିଲ ଥମ୍ପି, ପ୍ରିୟମ ଗାର୍ଗ, ଅବଦୁଲ ସମାଦ, ଖଲିଲ ଅହମ୍ମଦ, ସନ୍ଦୀପ ଶର୍ମା, ସିଦ୍ଧାର୍ଥ କାଉଲ, ବିଲି ଷ୍ଟାନଲେକ, ଟି. ନଟରାଜନ ଓ ଅଭିଷେକ ଶର୍ମା।

## ଆଇପିଏଲ୍

(ଶନିବାର ମ୍ୟାଚ)

କୋଲକାତା ନାଇଟ ରାଇଡର୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ

**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦

**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ


ପ୍ରଥମ ଶୁଭ ଜନ୍ମଦିନ



ମାୟୁଧର

ଠିକ୍ ଆଜିର ଦିନ (୨୬ ସେପ୍ଟେମ୍ବର)ରେ ଭୂମିଷ୍ଠ ହୋଇଥିଲେ ମାୟୁଧ ରଞ୍ଜନ ବରାଡ଼। କୁଆଁ କୁଆଁ ଶବ୍ଦରେ ଗୁଞ୍ଜରିତ ହୋଇଥିଲା ଆମ ଘର, ଖୁସିରେ ବିଭୋର ହୋଇଥିଲେ ସପରିବାର। ଆଜି ଶୁଭ ଜନ୍ମଦିନ ଅବସରରେ ମହାବାହୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମେ ଆୟୁଷ୍ମାନ ସହ ବିଜୟୀଭବଃ ସୁପୁତ୍ର।

-:ଅସରନ୍ତି ଶୁଭେଚ୍ଛା ଓ ଶୁଭାଶୀଷ:-

ପରିବାର ଓ ଆତ୍ମୀୟସ୍ୱଜନ।

ଧ-୬୯୩୪୭

ଜନ୍ମଦିନ ଶୁଭେଚ୍ଛା



ଗୁଡ୍ଡୁଲ୍ (ଶ୍ୱେତା)

Unit-IX, Road3, Bhubaneswar

ଆଜି ତୋର ଜନ୍ମଦିନରେ ମା'ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି, ମା' ତୋତେ ପଣତକାନି ତଳେ ଘଣ୍ଟ ଘୋଡ଼େଇ ରଖନ୍ତୁ। ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ ଓ ଭଲ ମଣିଷଟିଏ କରନ୍ତୁ।

-:ଶୁଭେଚ୍ଛା ସହ ତୋର:-

ଅଜା (ଧଡ୍ଡୁ), ଆଈ (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା, ମାମା, ମାଉସୀ (କୁଗାମା), ଗେହ୍ଲୁ ସାନଭାଇ (ଆଶୁ)।

ଧ-୧୮୩୬୩


## ନ୍ୟୁଜିଲାଣ୍ଡ କ୍ରିକେଟକୁ ସବୁଜ ସଙ୍କେତ

**ଅକ୍‌ଲାଣ୍ଡ,୨୫।୯ (ପି.ଟି.)**

ଦେଶରେ ଅନ୍ତର୍ଜାତୀୟ କ୍ରିକେଟ ଆୟୋଜନ ପାଇଁ ସ୍ଥାନୀୟ ସରକାର ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି)କୁ ଅନୁମତି ଦେଇଛନ୍ତି। ତନ୍ମଧ୍ୟରେ ଆସନ୍ତା ଗ୍ରୀଷ୍ମଋତୁରେ ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ବିପକ୍ଷ ସିରିଜ ରହିଥିବା ଏନ୍‌ଜେଡ୍‌ସିର ସିଇଓ ଡେଭିଡ୍ ହ୍ୱାଇଟ୍ କହିଛନ୍ତି।

## ରୁଷିଆନ ଗ୍ରାଁ ପ୍ରି ଅଭ୍ୟାସରେ ବୋଟାସ ଦ୍ରୁତତମ



ଭାଲଟେରି ବୋଟାସ

**ସୋଚି, ୨୫।୯:** ରୁଷିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂର ଶୁକ୍ରବାର ଅନୁଷ୍ଠିତ ୨ଟି ଯାକ ଅଭ୍ୟାସରେ ଭାଲଟେରି ବୋଟାସ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ପ୍ରଥମ ଅଭ୍ୟାସରେ

**ଫର୍ମୁଲାୱାନ ମୋଟରରେସିଂ**

ସେ ୧:୩୪.୯୨୩ ସେକେଣ୍ଡ ସମୟ ନେଇଥିବାବେଳେ ତାଙ୍କ ମର୍ସିଡିଜ୍ ଟିମ୍‌ମେଟ ଲୁଇସ ହାମିଲଟନ ଟାୟାର ଡ୍ୟାମେଜ ଯୋଗୁ ୧୮ତମ ସ୍ଥାନରେ ରହିଥିଲେ। ରେନଲ୍ଟର ଡାନିଏଲ ରିକାର୍ଡୋ ଦ୍ୱିତୀୟ ଓ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ଅଭ୍ୟାସ ସେସନରେ ବୋଟାସ ୧:୩୩.୫୧୯ ସେକେଣ୍ଡ ସମୟ ନେଇଥିଲେ। ଏଥର କିନ୍ତୁ ତାଙ୍କୁ କଡ଼ା ଟକ୍କର ଦେଇ ହାମିଲଟନ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ରିକାର୍ଡୋ ତୃତୀୟ ସ୍ଥାନରେ ରହିଥିଲେ। ଶନିବାର କ୍ୱାଲିଫାଇଂ ଏବଂ ରବିବାର ମୁଖ୍ୟ ରେସ୍ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏପର୍ଯ୍ୟନ୍ତ ମୋଟ ୯ଟି ରେସ୍ ଅନୁଷ୍ଠିତ ହୋଇଥିବାବେଳେ ହାମିଲଟନ ୧୯୦ ପଏଣ୍ଟ ସହିତ ଡ୍ରାଇଭର୍ସ ଷ୍ଟାଣ୍ଡିଂର ଶୀର୍ଷରେ ରହିଛନ୍ତି। ବୋଟାସ ୧୩୫ ଓ ଭର୍ଷ୍ଟାପେନ ୧୧୦ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

## ନିଜ ସମୟଠାରୁ ବହୁ ଆଗରେ ଥିଲେ ଡିନ୍: ସଚିନ

**ନୂଆଦିଲ୍ଲୀ, ୨୫।୯ (ପି.ଟି.):** ୫୯ ବର୍ଷରେ ମୃତ୍ୟୁବରଣ କରିଥିବା ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଡିନ୍ ଜୋନ୍ସଙ୍କୁ କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ପ୍ରଶଂସା କରିଛନ୍ତି। ଏବେ ଖେଳୁଥିଲେ ଟି୨୦ ଫର୍ମାଟ୍‌ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥାନ୍ତେ ବୋଲି ସେ କହିଛନ୍ତି। ନିଜ ସମୟଠାରୁ ବହୁ ଆଗରେ ଥିଲେ ଡିନ୍। ସେ ଜଣେ ଅସାଧାରଣ ବ୍ୟାଟ୍ସମ୍ୟାନ ଥିଲେ। ଯେତେବେଳେ ଛୋଟ ଥିଲି ଡିନ୍‌ଙ୍କ ବ୍ୟାଟିଂ ଟିଭିରେ ଦେଖୁଥିଲି। ଜଣେ ବ୍ୟାଟ୍ସମ୍ୟାନ ଭାବେ ସେ ନିର୍ଭିକ ଥିଲେ ଓ ଏବେ ଖେଳୁଥିଲେ ଟି୨୦ ଫର୍ମାଟରେ ଧୂଆଁଧାର ବ୍ୟାଟିଂ କରିଥାନ୍ତେ ବୋଲି ସଚିନ କହିଛନ୍ତି। ଉଲ୍ଲେଖଥାଉ କି, ଡିନ୍ ଜୋନ୍ସ ତାଙ୍କ ସମୟରେ ବିସ୍ଫୋରକ ତଥା ଧୂଆଁଧାର ବ୍ୟାଟିଂ ପାଇଁ ବେଶ୍ ଜଣାଶୁଣା ଥିଲେ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରଶାନ୍ତ କୁମାର ମହାନ୍ତି

ଗ୍ରାମ: ପଟିଆ, ଭୁବନେଶ୍ୱର

ତିରୋଧାନ: ୧୬।୦୯।୨୦୨୦

ବିଶ୍ୱାସ ହେଉନାହିଁ, ଆପଣ ଆମସହ ନାହାନ୍ତି। ପ୍ରଥମେ ଆପଣଙ୍କ ସାନଭାଇ ଓ ତେରଦିନ ପରେ ଆପଣ ସମସ୍ତଙ୍କୁ ଛାଡ଼ିଗଲା ପରେ ଆମେ ସମସ୍ତେ ସ୍ତବ୍ଧ, ମର୍ମାହତ, ଶୋକସନ୍ତପ୍ତ। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଚିରସ୍ମରଣୀୟ। ଆପଣ ଯେଉଁଠି ଥାଆନ୍ତୁ ଶାନ୍ତିରେ ରୁହନ୍ତୁ, ସ୍ୱର୍ଗରେ ଥାଇ ଆମକୁ ଆଶୀର୍ବାଦ ଦେଉଥାନ୍ତୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-

ପତ୍ନୀ: ବନଲତା, ଭାଇ: ପ୍ରସନ୍ନ, ଭାଇବୋହୂ: ଇତିଶ୍ରୀ, ଝିଅ: ସୁଇଟି, ସସ୍ମିତା, ଜ୍ୱାଇଁ: ସଞ୍ଜୟ, ଝିଆରୀ: ଲିଟିଲ୍, ଟ୍ୱିଙ୍କିଲ୍।

ଧ-୧୮୩୫୧



ପୌର ପରିଷଦ କାର୍ଯ୍ୟାଳୟ, ଯୋଡ଼ା

ପତ୍ର ସଂଖ୍ୟା ୩୮୪୭ ତା୧୪।୦୮।୨୦୨୦

ସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ଯୋଡ଼ା ପୌର ପରିଷଦ ମଧ୍ୟରେ ବାସ କରୁଥିବା ସମସ୍ତ ଅଧିବାସୀମାନଙ୍କୁ ଜଣାଇଦିଆଯାଉଛି ଯେ, ତା୩୧।୦୭।୨୦୨୦ରିଖ ପରିଷଦର ସ୍ୱତନ୍ତ୍ର ଅଧିବେଶନରେ ନିଷ୍ପତ୍ତି ଗ୍ରହଣ ସ୍ୱରୂପ ଯଦି କୌଣସି ବ୍ୟକ୍ତି ଯୋଡ଼ା ସହରାଞ୍ଚଳ ମଧ୍ୟରେ ଖୋଲା ଜାଗାରେ ମଳ, ମୂତ୍ର ଏବଂ ଛେପ ପକାନ୍ତି, ତେବେ ତାଙ୍କଠାରୁ ଟ୫୦.୦୦ଙ୍କା ଜରିମାନା ଆଦାୟ କରାଯିବ ଏବଂ ଆଗାମୀ ୧୫ ଦିନ ମଧ୍ୟରେ ଯୋଡା ସହରକୁ ବାହ୍ୟ ମଳ ମୁକ୍ତ + (ODF+) ଘୋଷଣା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ବାବଦରେ ଯଦି କୌଣସି ବ୍ୟକ୍ତିବିଶେଷଙ୍କର ଆପତ୍ତି ଅଭିଯୋଗ ଥାଏ, ତାହାହେଲେ ଉକ୍ତ ନୋଟିସ ବାହାରିବାର ୧୫ (ପନ୍ଦର) ଦିନ ମଧ୍ୟରେ ଲିଖିତ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଦାଖଲ କରିପାରିବେ।

ଯୋଡ଼ା ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ଆପଣ ସହଯୋଗ କରନ୍ତୁ।

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଯୋଡ଼ା



OFFICE OF THE REGULATED MARKET COMMITTEE, HINDOL

At/PO- Hindol Town, Dist.- Dhenkanal, PIN-759022

"e" Procurement Notice

Bid Identification No. RMC-Hindol-01/RMC Hindol 2020-21

TCN No.309 Dt.22.09.2020

1. Name of the work: (1) Construction of infrastructure works at different MY under RMC, Hindol.
   (2) Development of different infrastructure at Satamile & Khajuriakata Market Yard, under RMC, Hindol.
2. Estimated cost: (1) Rs.42,27,813.00 and (2) Rs.18,02,592.00 respectively.
3. Period of completion: 6 months and 3 months.
4. Date & time of availability of bid documents in the portal: From 11.00 A.M. of 28.09.2020 to 05.00 P.M. of 12.10.2020.
5. Last date/time of receipt of bids in the portal: 05.00 P.M. of 12.10.2020.
6. Date & time of opening of technical bids: 11 A.M. of 13.10.2020.
7. Name and address of the Officer inviting bid: Sub Collector, Hindol cum Chairman, RMC, Hindol.
8. Further details can be seen from the e-procurement portal https://tenderodisha.gov.in. Any addendum/ corrigendum/cancellation of tender can also be seen in the said website only.

Sd./- Sub Collector, Hindol-cum-Chairman
RMC, Hindol


## କୋହଲିଙ୍କ ଉପରେ ମନ୍ତବ୍ୟ ଦେଇ ବିବାଦରେ ଗାଭାସ୍କର

**ଦୁବାଇ,୨୫।୯(ପି.ଟି.)**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କ ଉପରେ ମନ୍ତବ୍ୟ ଦେଇ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ବିବାଦରେ ପଡିଛନ୍ତି। ଏଥିପାଇଁ କୋହଲିଙ୍କ ସ୍ତ୍ରୀ ତଥା ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଗାଭାସ୍କରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ଶୁକ୍ରବାର ଅନୁଷ୍ଠିତ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ କୋହଲି ଅଧିନାୟକ ଲୋକେଶ ରାହୁଲଙ୍କ ଦୁଇଟି ସହଜ କ୍ୟାଚ୍ ମିସ୍ କରିବା ସହ ବ୍ୟାଟିଂରେ ମାତ୍ର ୧ ରନ୍ କରି ଆଉଟ ହୋଇଥିଲେ। କମେଣ୍ଟ୍ରି ବକ୍ସରେ

**ଅନୁଷ୍କାଙ୍କ କଡ଼ା ସମାଲୋଚନା**

ବସିଥିବା ଗାଭାସ୍କର ଏ ନେଇ ମତ ରଖିଥିଲେ। କୋହଲିଙ୍କ ଏହି ବିଫଳତା ପାଇଁ ସେ ଅନୁଷ୍କାଙ୍କୁ ଦାୟୀ କରିଥିଲେ। ତେବେ ଅନୁଷ୍କା ଏହାର କଡ଼ା ଜବାବ୍ ଦେଇଛନ୍ତି। ଗାଭାସ୍କରଙ୍କ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ ଓ ଏହା ନିହାତି ଅପ୍ରିୟ ବୋଲି ସେ କହିଛନ୍ତି। ଏପରିକି ଗାଭାସ୍କରଙ୍କୁ କମେଣ୍ଟ୍ରି ପ୍ୟାନେଲରୁ ହଟାଇବାକୁ କୋହଲିଙ୍କ ପ୍ରଶଂସକମାନେ ଦାବି କରିଛନ୍ତି।

ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଅନୁଷ୍କା ଗାଭାସ୍କରଙ୍କ ମନ୍ତବ୍ୟ ପାଇଁ କଡ଼ା ସମାଲୋଚନା କରି ପୋଷ୍ଟ କରିବା ସହ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗାଭାସ୍କର ନିଜ ମନ୍ତବ୍ୟର ବ୍ୟାଖ୍ୟା କରିବା ଉଚିତ। ସ୍ୱାମୀଙ୍କ ପ୍ରଦର୍ଶନ ନେଇ ତାଙ୍କ ସ୍ତ୍ରୀଙ୍କୁ ଦାୟୀ କରାଯିବା କେତେଦୂର ଠିକ୍ ବୋଲି ଅନୁଷ୍କା ପ୍ରଶ୍ନ ପଚାରିଛନ୍ତି।

ଗତ କେତେ ବର୍ଷ ହେବ ଆପଣ ସବୁ କ୍ରିକେଟରଙ୍କ ବ୍ୟକ୍ତିଗତ ଜୀବନକୁ ସମ୍ମାନ ଦେଇଆସିଛନ୍ତି। କ୍ରିକେଟରମାନଙ୍କ ଖେଳ ଉପରେ ମନ୍ତବ୍ୟ ଦେବା ବେଳେ ଆପଣ କେବେବି କାହାକୁ ଦାୟୀ କରିନାହାନ୍ତି। ତେଣୁ ଆପଣ ମଧ୍ୟ ସମାନ ଭାବେ ମୋତେ ସମ୍ମାନ କରିବା ଦରକାର ବୋଲି ଅନୁଷ୍କା ଗାଭାସ୍କରଙ୍କୁ ଆକ୍ଷେପ କରି ପୋଷ୍ଟ କରିଛନ୍ତି। ମୋ ସ୍ୱାମୀଙ୍କ ପ୍ରଦର୍ଶନକୁ ସମାଲୋଚନା କରିବାକୁ ଆପଣଙ୍କର ଅଧିକାର ଅଛି। ସେଥିପାଇଁ ଆପଣ ତାଙ୍କୁ ଦାୟୀ କରିପାରିଥାନ୍ତେ। ଆପଣ ଜଣେ ମହାନ୍ କ୍ରିକେଟର। କ୍ରିକେଟରେ ଆପଣଙ୍କ ନାମ ସମ୍ମାନର ସହିତ ନିଆଯାଇଥାଏ। କିନ୍ତୁ ମୋତେ ଏଥିପାଇଁ କାହିଁକି ଦାୟୀ କରୁଛନ୍ତି ବୋଲି ସେ ପ୍ରଶ୍ନ ପଚାରିଛନ୍ତି।

ଉଲ୍ଲେଖଥାଉ କି, ଗତ କେତେବର୍ଷ ହେବ କୋହଲି ଯେତେବେଳେ ଖରାପ୍ ପ୍ରଦର୍ଶନ କରିଛନ୍ତି ସେଥିପାଇଁ ଅନୁଷ୍କାଙ୍କୁ ଦାୟୀ କରାଯାଇ ଆସିଛି। ୨୦୨୦ରେ ଆମେ ରହୁଥିବା ବେଳେ ଏଥିରେ ପରିବର୍ତ୍ତନ ଆସିନାହିଁ। ଏଭଳି ଅବାଞ୍ଛିତ ପ୍ରକ୍ରିୟା କେବେ ବନ୍ଦ ହେବ ବୋଲି ଅନୁଷ୍କା ପ୍ରଶ୍ନ କରିଛନ୍ତି।



ସୁନୀଲ ଗାଭାସ୍କର ଓ ଅନୁଷ୍କା ଶର୍ମା।

### 'ମନ୍ତବ୍ୟକୁ କଦର୍ଥ କରାଯାଇଛି'

ବିରାଟ କୋହଲି ଓ ସ୍ତ୍ରୀ ଅନୁଷ୍କାଙ୍କ ଉପରେ ମନ୍ତବ୍ୟ ଦେଇ ବିବାଦରେ ପଡିବା ପରେ ସୁନୀଲ ଗାଭାସ୍କର ଏ ନେଇ ସଫେଇ ଦେଇଛନ୍ତି। କୋହଲି ନିଜ ପ୍ରଦର୍ଶନରେ ଉନ୍ନତି କରିବାକୁ ଚାହାନ୍ତି। ଅଧିକରୁ ଅଧିକ ଅଭ୍ୟାସ କଲେ ଏହା ସମ୍ଭବ ହେବ ବୋଲି ସେ ଜାଣିଛନ୍ତି। ତେବେ ଲକ୍‌ଡାଉନ୍ ସମୟରେ କୋହଲି କେବଳ ଅନୁଷ୍କାଙ୍କ ବୋଲିଂକୁ ସାମ୍ନା କରିଥିଲେ। ଏହା କୋହଲିଙ୍କ କାମରେ ଆସିନାହିଁ ବୋଲି ଗାଭାସ୍କର କମେଣ୍ଟ୍ରିରେ ହିନ୍ଦୀରେ ନିଜର ମନ୍ତବ୍ୟ ରଖିଥିଲେ।

ମୋ ମନ୍ତବ୍ୟକୁ କଦର୍ଥ କରାଯାଇଛି ଓ ଏହାକୁ ଭୁଲ୍ ଭାବେ ଉପସ୍ଥାପନା କରାଯାଇଛି ବୋଲି ଗାଭାସ୍କର କହିଛନ୍ତି। ନିଜ କମ୍ପାଉଣ୍ଡରେ ଅନୁଷ୍କା କୋହଲିଙ୍କୁ ଟେନିସ୍‌ବଲ୍‌ରେ ବୋଲିଂ କରୁଥିବାର ଭିଡିଓ କ୍ଲିପ୍‌କୁ ନେଇ ମନ୍ତବ୍ୟ ରଖିଥିଲି ବୋଲି ସେ କହିଛନ୍ତି। ଅନୁଷ୍କାଙ୍କୁ ଆଦୌ ଦୋଷ ଦେଇନାହିଁ। ଭିଡିଓରେ ଅନୁଷ୍କା ବୋଲିଂ କରୁଥିବାରୁ ଏପରି ମନ୍ତବ୍ୟ ଦେଇଛି। ଲକ୍‌ଡାଉନ ସମୟରେ କୋହଲି କେବଳ ଅନୁଷ୍କାଙ୍କ ବୋଲିଂକୁ ସାମ୍ନା କରିଥିଲେ ବୋଲି ଗାଭାସ୍କାର କହିଛନ୍ତି। ଲକ୍‌ଡାଉନ୍‌ରେ ଟାଇମ୍ ପାସ୍ କରିବା ପାଇଁ ଲୋକେ ଏଭଳି ମଜାରେ ଟେନିସ ବଲ କ୍ରିକେଟ ଖେଳିଥାନ୍ତି। ତେଣୁ ଏଥିରେ ଅନୁଷ୍କାଙ୍କୁ କେତେବେଳେ ଦାୟୀ କଲି ବୋଲି ଗାଭାସ୍କର ପ୍ରଶ୍ନ ପଚାରିଛନ୍ତି।

ସୋସିଆଲ ମିଡିଆରେ ମହିଳା ବିରୋଧୀ ମନ୍ତବ୍ୟ ଦେଇଥିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ଗାଭାସ୍କର ଏହାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ବିଭିନ୍ନ ଗସ୍ତରେ ସ୍ତ୍ରୀଙ୍କୁ କ୍ରିକେଟରମାନେ ସାଥିରେ ନେଇ ଯିବାକୁ ସବୁବେଳେ ସମର୍ଥନ କରିଆସିଛି। କୋହଲିଙ୍କ ପ୍ରଦର୍ଶନ ନେଇ ଅନୁଷ୍କାଙ୍କୁ ଆଦୌ ଦାୟୀ କରିନାହିଁ ବୋଲି ଗାଭାସ୍କର ସ୍ପଷ୍ଟ କରିଛନ୍ତି।


ODISHA STATE CIVIL SUPPLIES CORPORATION LTD. GANJAM

Phone No.(06811)263931, Fax: (06811) 260116,
e-mail: dmganjam@gmail.com

Letter No.6189 Date :23.9.20

TENDER CALL NOTICE

[Door Delivery of LPG Cylinder]

Sealed quotations are invited from the intending owner of pick-up van for door step delivery of L.P. Gas Cylinder to the Consumer of Purusottampur NAC/Block Area and nearby peripheri for the period from 01.10.2020 to 31.09.2022. The owner is required to supply each pick-up van along with one Delivery Boy and Driver. The cost of fuel, maintenance charge and other statutory dues of Van shall be borne by concerned owner.

The quotation in the prescribed format should reach the undersigned on or before 30.09.2020 by 3.30 P.M. in the following address and it will be opened in the same day at 4.00 P.M. The prescribed format can be obtained from the office of the undersinged in the working hours. The quotation shall be submitted exclusively through Registered Post/Speed Post/Courier Service only. Submission of quotation other than the above mode shall not be entertained in any circumstances. The District Manager is not responsible for any postal delay. In case the last day of receipt of quoation falls on a Govt. holiday (Central/State), the next working day of the state shall be the last day of receiving the quotation.

The quotation shall be accompanied with the Demand Draft/Bankers Cheque of Rs.1000/- (Rupees One Thousand) only (non-refundable), drawn in favour of the District Manager, OSCSC Ltd., Ganjam. The lowest price offered by the vehicle owners in the quotation will be accepted. The authority reserves the right to cancel any or all the quotations without assigning any reason thereof and will negotiate on the price, if required which shall be binding on the tenderer.

Address of the District Manager:
OSCSC Ltd., Ganjam, Chatrapur
P.O.- Chatrapur, PIN-761020

Sd./-District Manager
OSCSC Ltd., Ganjam, Chatrapur



OFFICE OF THE NOTIFIED AREA COUNCIL, JUNAGARH

Phone No.: 06672-243247, E-mail ID: nacjunagarh@gmail.com

No. 1492/NAC(J) Date: 25.09.2020

NOTICE INVITING EXPRESSION OF INTEREST (EOI)

Expression of Interest (EOI) invited from Registered Firm/ Experienced/Reputed Consultants/Technical Institutions/ Architects having valid GST Registration Certificate having experience & specified expert for field survey, suitable feasibility test, soil bearing capacity study of required data as per OPWD related guidelines governing stipulation for preparation of Detail Project Report (DPR) including plan, site map, detail drawing, structural design and detailed estimate, rate analysis may apply to the undersigned for engagement of consultant for different development projects of Junagarh NAC in the district of Kalahandi, Odisha. The bidder should be a Qualified Architect. In case of proprietorship firm, the proprietor and in case of partnership firm, all the partners must have valid registration. The consultant should have previous experience and must have completed similar nature of works under any Development Authority or Urban Local Bodies of the State. The consultant should submit detailed and satisfactory establishment information capable for preparation and supervision of such projects. The consultant should submit the DPR both in hard and soft copy for power point presentation. The quotation shall be submited on or before Dt.06.10.2020 by 1.00 P.M. through Registered Post/Speed Post only and it will be opened on same day at 4.00 P.M. in the presence of the bidders or their authorized representatives. The bid details can be downloaded from the official website of this NAC i.e. **(www.junagarhnac.in)**. The undersigned reserves the rights to reject any or all quotations without assigning any reasons thereof.

Sd./- Executive Officer, NAC, Junagarh

## ଖିଲିଖିଲି ହସ

ଥରେ ରାମୁକୁ ତା' ମାଲିକ ହରି ବାବୁ କହିଲେ, ଆରେ ଆଜି ତୁ ଫ୍ରିଜ୍ (ରେଫ୍ରିଜିରେଟର)କୁ ଭଲ ଭାବରେ ସଫା କରିଦେବୁ। ରାମୁ ଏକଥା ଶୁଣି କହିଲା, ଆପଣ ଅଫିସ ଯାଆନ୍ତୁ। ଆସିବା ପରେ ଦେଖିବେ ମୁଁ କେମିତି ଫ୍ରିଜ୍‌କୁ ଭଲ ଭାବରେ ସଫା କରିଦେଇଛି। ଅଫିସରୁ ଫେରି ହରି ବାବୁ ଫ୍ରିଜ୍ ଖୋଲି ଦେଖିଲେ ଯେ ତାହା ଭଲ ଭାବରେ ସଫା ହୋଇଛି, ହେଲେ ତା' ଭିତରେ ଥିବା ପରିବାପତ୍ର କିଛି ନାହିଁ। ସେ ରାମୁକୁ ଡାକି ପଚାରିଲେ, ଆରେ ତୁ ଫ୍ରିଜ୍‌କୁ ତ ଭଲଭାବରେ ସଫା କରିଦେଇଛୁ, ହେଲେ ତା' ଭିତରେ ଥିବା ପରିବାପତ୍ର କୁଆଡେ ଗଲା ? ରାମୁ ଉତ୍ତର ଦେଲା, ଆଜ୍ଞା, ମୁଁ ସେଗୁଡିକୁ ମୋ ଘରକୁ ନେଇଯାଇଛି।

ଥରେ ଜଣେ ରୋଗୀ ଡାକ୍ତରଙ୍କ ପାଖକୁ ଯାଇ କହିଲା, ସାର୍, ମୁଁ ଯାହା ସହ କଥା ହେଉଛି ସେ ମୋତେ ଦେଖାଯାଉନାହିଁ, କାହିଁକି ? ଡାକ୍ତର ପଚାରିଲେ, ଆରେ ଏ ତ ବଡ ଜଟିଳ କଥା। ଆଚ୍ଛା, କହିଲ ମୁଁ ହାତରେ କ'ଣ ଧରିଛି ? ରୋଗୀ କହିଲା, ସାର୍, ଆପଣ ହାତରେ ଗୋଟିଏ ପେନ୍ ଧରିଛନ୍ତି। ଡାକ୍ତର କହିଲେ, ଆରେ ତୁମକୁ ତ ଭଲ ଦେଖାଯାଉଛି, ହେଲେ ଯାହା ସହ କଥା ହେଉଛ ଦେଖାଯାଉନାହିଁ କାହିଁକି ? ରୋଗୀ କହିଲା, ସାର୍, ମୁଁ ଯାହା ସହ ଫୋନ୍‌ରେ କଥା ହେଉଛି ତାକୁ ମୁଁ କଥା ହେବା ସମୟରେ ଦେଖିପାରୁନାହିଁ।

## କବିତା

### ପ୍ରକୃତ ବନ୍ଧୁ

ପୁସ୍ତକ ଆମର ପ୍ରକୃତ ବନ୍ଧୁ
ଜ୍ଞାନର ଅଟେ ସେ ସପତ ସିନ୍ଧୁ।
ତା' ଦେହେ ଲେଖା ହିତୋପଦେଶ
ଦେଖାଏ ଆମକୁ ସଠିକ ପଥ।
ମହକେ ତା' ଲାଗି ଆମ ଜୀବନ
ବାସ ଚହଟାଏ ଯେ ସେ ଚନ୍ଦନ।
ଭଲ ଓ ଖରାପ ମଧ୍ୟେ ଅନ୍ତର
ଜଣାଏ କରିଲେ ତାକୁ ଆଦର।
ଜଗତରେ ଅଛି ଯେତେ ସୁଗୁଣ
ପଢ଼ିଲେ ପୁସ୍ତକ ହେବ ଗ୍ରହଣ
ସେ ଗୁଣ ପ୍ରାପତେ ଜଗତଜିତା
ଲେଖିବ ସମୟ ତୁମରି ଗାଥା।
କୁସଙ୍ଗ ଦୋଷକୁ ସରବେ ତ୍ୟାଗୀ
ପଠନ ଇଚ୍ଛାକୁ ଦିଅରେ ଜାଗି
ବିଦ୍ୟା ଅର୍ଜନରେ ହୋଇଣ ବ୍ରତ
ନିଜ ଜୀବନକୁ କର ସାର୍ଥକ।

*–ସୁବ୍ରତ ମଲିକ*
*ମଙ୍ଗଳପୁର, ଅସୁରାଳି, ଭଦ୍ରକ*

### ଗୁଣ୍ଡୁଚି ମୂଷା

ଗୁଣ୍ଡୁଚି ମୂଷାଟି ଭାରି ସୁନ୍ଦର
ଖେଳୁଥାଏ ଧାଇଁ ତଳ ଉପର ।
ଲାଞ୍ଜ ଟେକିକରି ଦଉଡୁ ଥାଏ
ଶବଦ ଶୁଣିଲେ ଗଛକୁ ଧାଏଁ ।
ଦିନ ସାରା ସିଏ ରହଇ ଖୁସି
ଦୁଃଖ ନ କରିକି ଖେଳଇ ହସି ।
ଟିକି ଜୀବ ସିନା ଚାଲାକ ବେଶୀ
ଦେଖିଲେ କାହାକୁ ପଳାଏ ଖସି ।
ତିନି ଗାର ତାର ପିଠିରେ ଥାଏ
ରଙ୍ଗ ରୂପ ତା'ର ପରାଣ ମୋହେ ।
ଆହାର ଟିକିଏ ଖାଇବା ପାଇଁ
ଦିନ ସାରା ସିଏ ନିଜେ ଖଟଇ ।
ଥକି ଗଲେ ଡାଳେ ପଡଇ ଶୋଇ
ଗଛ ଡାଳ ତାର ଶେଯ ଅଟଇ ।
ରାତି ହେଲେ ରହେ ଗଛ କୋରଡେ
ଶାନ୍ତି ରେ ରହଇ ତାର ଭିତରେ ।
ହସ ଖୁସିର ସେ ଉଦାହରଣ
ଗୁଣ୍ଡୁଚି ମୂଷାର ଟିକି ପୁରାଣ ।
ଭଗବାନଙ୍କର ଭକତ ଜାଣ
ନ ମାରିବା ତାଙ୍କୁ କର ଏ ପଣ ।
ତା ଲାଗି ପ୍ରକୃତି ଲାଗେ ସୁନ୍ଦର
ପ୍ରଭୁଙ୍କର ଦାନେ ସୃଷ୍ଟି ତାହାର ।
ଗୁଣ୍ଡୁଚି ଭାଇରେ ଗୁଣ୍ଡୁଚି ଭାଇ
ହସ ଖୁସି ଦେଉ ତୁହି ଶିଖାଇ ।
ଛୋଟ ସିନା ତୁହି ଉଦାହରଣ
ଆନନ୍ଦର ତୁହି ଏକ ଜୀବନ ।
ପିଲାଦିନେ ତୋତେ ଦେଖିବା ପାଇଁ
ଆମ୍ଭ ତୋଟା ମାଳେ ଯାଇଛି ଧାଇଁ ।
ପିଲାଦିନ ମୋର ଯାଇଛି ଚାଲି
ତଥାପି ତୋତେ ମୁଁ ପାରିନି ଭୁଲି ।

*–ଧ୍ରୁବ ଚରଣ ବେହେରା*
*ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା*

### କହିବା ଆଗରୁ କରିବା

କହିବା ଆଗରୁ କରିବା
କରିବା ଆଗରୁ ଶିଖିବା।
ଶିଖିବା ପାଇଁଟି ଶୁଣିବା
ଶୁଣିବା ବୁଝିବା ଲେଖିବା।
ଯଦି ରହି ଯାଏ ଅବୁଝା
ପଚାରି ଗୁରୁଙ୍କୁ ବୁଝିବା।
ବୁଝିକରି ପାଠ ଶିଖେ ଯେ
ଭୁଲେ ନାହିଁ ସିଏ ସହଜେ।
କରିବା ଆଗରୁ ଯେ କୁହେ
ଆଳସ୍ୟର ବନ୍ଧୁ ସେ ହୁଏ।
କରୁଥିବା ଲୋକ କୁହେନି
ଫମ୍ପା ମାଠିଆ ସେ ହୁଏନି।
କରମ ମହୁ ଯେ ପିଇଛି
କର୍ମରେ ଆନନ୍ଦ ପାଇଛି।
ଅହଂ ଭାବ ତ୍ୟାଗ କରିଛି
କର୍ମକୁ ଧରମ ମଣିଛି।
ଛୋଟ ପିଲା ଯେତେ ଦେଶର
ଦିଅନ୍ତି ଦେଶକୁ ଆକାର।
ନିଅରେ କର୍ମକୁ ଆଦରି
ଭବିଷ୍ୟତ ହେବ ତିଆରି।

*–ଦିଲିପ୍ କୁମାର ତ୍ରିପାଠୀ*
*କୁନ୍ଦନଦେଇପୁର ଶାସନ*
*ପର୍ଜଙ୍ଗ, ଢେଙ୍କାନାଳ*

## ଆଇନା



ଶାଶ୍ୱତ ସ୍ୱାଇଁ
୯ ବର୍ଷ

# ବୁବୁନର ଗାଁ




ବୁବୁନ ଦଶମଶ୍ରେଣୀ ପରୀକ୍ଷାରେ ବେଷ୍ଟ ଦଶ ଜଣଙ୍କ ଭିତରେ ନମ୍ବର ରଖିଛି। ସେଥିପାଇଁ ତା ପାଖକୁ ପ୍ରଶଂସାର ଛୁଅ ଛୁଟିଛି। ଦିନେ ଜଣେ ସାମ୍ବାଦିକ ବୁବୁନର ସାକ୍ଷାତକାର ନେବାକୁ ତାଙ୍କ ଘରକୁ ଆସିଲେ । ଦୁର୍ଗମ ଗ୍ରାମାଞ୍ଚଳରେ ରହି ଦାରିଦ୍ର୍ୟ, ଅସୁବିଧା ସବୁକୁ ପଛରେ ପକାଇ ବୁବୁନ ଯେପରି ସଫଳତା ପାଇଛି ତାହା ବର୍ଣ୍ଣନା କରୁଥାଏ । ପିତାମାତା, ପରିବାର, ଗ୍ରାମ୍ୟ ଜୀବନ, ପାଠପଢ଼ା ପଦ୍ଧତି ସବୁ ବୁଝିସାରିବା ପରେ ସାମ୍ବାଦିକଜଣକ ପଚାରିଥିଲେ, ଆଚ୍ଛା ବୁବୁନ ତୁମର ଆଦର୍ଶ କିଏ ? ବୁବୁନ ହସିଦେଇ କହିଲା ଆଉ କିଏ ମୋ ପ୍ରିୟ ବାପୁ । ତେବେ ତୁମ ଭବିଷ୍ୟତ ଲକ୍ଷ୍ୟ କଣ ବୋଲି ପଚାରିଲେ ସାମ୍ବାଦିକ । ବୁବୁନ ଟିକେ ଅଟକିଯାଇ କହିଲା ଦେଖନ୍ତୁ ଯେହେତୁ ମୋର ଆଦର୍ଶ ଗାନ୍ଧିଜୀ ତେଣୁ ସେ କହିଥିବା କଥା ଅନୁସାରେ ଚାଲିବା ହେଉଛି ମୋର ଲକ୍ଷ୍ୟ । ବାପୁ କହିଥିଲେ ଭାରତର ଆତ୍ମା ଗାଁରେ ରୁହେ । ଏଣୁ ଗାଁର ବିକାଶ ମୋର ଲକ୍ଷ୍ୟ । ସାମ୍ବାଦିକ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ ପଚାରି ଚାଲିଥାଆନ୍ତି ଯେ, ସମସ୍ତେ ଡାକ୍ତର, ପ୍ରଶାସନିକ ସେବା, ବୈଜ୍ଞାନିକ, ଇଞ୍ଜିନିୟର ହେବାକୁ କହୁଥିବାବେଳେ ତୁମେ କଣ ପାଇଁ ଗ୍ରାମ ବିକାଶକୁ ପ୍ରାଧାନ୍ୟ ଦେଉଛ ? ଆଉ ନିଜର ରୋଜଗାର କେମିତି ଯୋଗାଡ କରିବ ଭାବିଛ ? ବୁବୁନ କହିଲା, 'ମୁଁ ଏମିତି କାମ କରିବାକୁ ଚାହେଁ ଯେମିତି ମୋ ଗାଁରେ ସବୁ ସୁବିଧା ଉପଲବ୍ଧ ହେବ । ଆଉ ଲୋକ କହିବେ ଭାରତକୁ ଦେଖିବାର ଅଛି ତ ବୁବୁନର ଗାଁକୁ ଯାଅ । ପ୍ରାକୃତିକ ସମ୍ପଦ ସଂରକ୍ଷଣ ସହ ବିଜ୍ଞାନଗାର, ସୂଚନା ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ତ ଭିତିଭୂମି ଥିବ । ସଭ୍ୟ ସଂସ୍କୃତି ସଂପନ୍ନ ଓ ଆତ୍ମନିର୍ଭରଶୀଳ ହୋଇଥିବେ, ଯେଉଁଠି ସମସ୍ତେ ସତ୍ୟ, ଅହିଂସା ମାର୍ଗରେ ଯାଇ ସମ୍ମାନର ସହ ବଂଚୁଥିବେ । ନିଶା, ହିଂସାର ସ୍ଥାନ ନଥିବ । ଆଉ ସେଠି ଆପଣ ପାଇବେ ଡାକ୍ତର, ପ୍ରଶାସନିକ ସେବା, ବୈଜ୍ଞାନିକ, ଇଞ୍ଜିନିୟର ଆଦି ସବୁ ଧନ୍ଦାର ସମାହାର । ଯା ଭିତରୁ ମୋ ପସନ୍ଦର କାମଟିଏ ବାଛିନେବି ଓ ଆବଶ୍ୟକ ମୁତାବକ ରୋଜଗାର କରି ଚଳିବି । ପରୋପକାର ଓ ଗାଁର ସୁରକ୍ଷାରେ ମନଦେଇପାରିବି ।' ସାମ୍ବାଦିକଜଣକ ଭାବୁ ଥାଆନ୍ତି ସତରେ ବୁବୁନ ପରି ଯଦି ଆମେ ସମସ୍ତେ ଚିନ୍ତା କରିଥାଆନ୍ତେ ତେବେ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଗଠନ ହୋଇ ସାରନ୍ତାଣି ।

ଠିକ୍ କୋଡିଏ ବର୍ଷ ପରେ ସେହି ସାମ୍ବାଦିକ ବୁବୁନର ଗାଁକୁ ବୁଲି ଆସିଲେ । ଦେଖିଲେ ବୁବୁନ ସେ ଗାଁର ମୁଖିଆ ହୋଇଛି । ସାମ୍ବାଦିକ ଜଣଙ୍କର ହାତ ଧରି ଗାଁରେ ଥିବା ଚାଷକ୍ଷେତଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ବୁଲି ଦେଖାଇଲା । ଆଉ କହିଲା ମୁଁ ହେଉଛି ଆମ ଗାଁର ଶିକ୍ଷକ । ଏଠି କୃଷକଠାରୁ ଡାକ୍ତର ଯାଏଁ ଯେତେ ସବୁ ବ୍ୟକ୍ତି କାମ କରଛନ୍ତି ସବୁ ଆମ ଗାଁ ଓ ଅଞ୍ଚଳର ବ୍ୟକ୍ତି । ଗାଁ ଲୋକଙ୍କ ଖୁସି ଦେଖି ସାମ୍ବାଦିକଙ୍କ ଆଖିରେ ଲୁହ ଆସି ଯାଇଥିଲା । ଗାନ୍ଧିଜୀଙ୍କ ସ୍ୱପ୍ନ ତୁମେ ସାକାର କରିଛ ବୋଲି କହି ବୁବୁନର ପିଠି ଆଉଁସି ସେ ଫେରି ଆସିଲେ ।

**–ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ

## ଟଗଲା ଭୀମୁ




## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ସ୍କେଟିଂ ରୋଲର ପିନ୍ଧି ସ୍କିପିଂ



ପିଲାମାନେ ତୁମେ ସମସ୍ତେ ଦଉଡ଼ିଡିଆଁ (ସ୍କିପିଂ) ଖେଳ ତ ନିଶ୍ଚୟ ଖେଳିଥିବ। ପିଲାମାନେ ଖୁସିରେ ଏହି ଖେଳ ଖେଳୁଥିବାବେଳେ ଆଜିକାଲି ବୟସ୍କମାନେ ବି ଏହି ଖେଳକୁ ଏକ୍ସରସାଇଜ୍ ଭାବେ ଗ୍ରହଣ କରି ନେଇଛନ୍ତି। ତେଣୁ ସବୁ ବୟସର ବ୍ୟକ୍ତିମାନେ ଏବେ ସ୍କିପିଂ କରୁଛନ୍ତି। କିନ୍ତୁ ପିଲାମାନେ ତୁମମାନଙ୍କ ଭିତରୁ କେହି ହେଲେ କେବେ ସ୍କେଟିଂ ରୋଲର ପିନ୍ଧି ସ୍କିପିଂ କରିବା କଥା ଭାବିଚ କି? ଏମିତି କଥା କେହି ହେଲେ ଭାବି ନ ଥିବେ। ହେଲେ ସ୍କେଟିଂ ରୋଲର ପିନ୍ଧି ବି ଅନେକ ସ୍କିପିଂ କରିପାରନ୍ତି ଆଉ ରେକର୍ଡ ବି କରିଥାନ୍ତି। ଠିକ୍ ଏମିତି ସ୍କିପିଂ କରି ଗିନିଜ୍ ୱାର୍ଲଡ ରେକର୍ଡ କରିଛନ୍ତି ନୂଆଦିଲ୍ଲୀର ବାସିନ୍ଦା ଜୋରାଭର ସିଂହ। ମାତ୍ର ୩୦ ସେକେଣ୍ଡରେ ସେ ସର୍ବାଧିକ ୧୪୭ ଥର ସ୍କିପିଂ କରି ଏହି ବିରଳ ରେକର୍ଡ କରିବାକୁ ସମର୍ଥ ହୋଇଛନ୍ତି। ସେ ରୋଲର ସ୍କେଟ୍ ପିନ୍ଧି ଏତେ କମ୍ ସମୟରେ ଏତେ ଥର ସ୍କିପିଂ କରିଛନ୍ତି ଦେଖି ଯେକେହି ବି ଆଶ୍ଚର୍ଯ୍ୟ ହେଉଛନ୍ତି। ରୋଲର ସ୍କେଟ ପିନ୍ଧି ସାଧାରଣତଃ ଲୋକେ ନିଜ ଉପରେ ସନ୍ତୁଳନ ରକ୍ଷା କରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗଡ଼ି ଗଡ଼ି ଯାଇଥାନ୍ତି। କିନ୍ତୁ ଜୋରାଭର ସ୍କେଟ୍ ପିନ୍ଧି ସ୍କିପିଂ କରିବାକୁ ସମର୍ଥ ହୋଇଛନ୍ତି, ତା ପୁଣି ମାତ୍ର ୩୦ ସେକେଣ୍ଡରେ ୧୪୭ ଥର। ସେଥିପାଇଁ ତାଙ୍କ ନାଁ ଏବେ ଗିନିଜ୍ ୱାର୍ଲଡ ରେକର୍ଡରେ ଦାଖଲ ହୋଇଛି। ଜୋରାଭର ତାଙ୍କର ଏହି କୃତିତ୍ୱ କଥା ନିଜେ ତାଙ୍କ ଇନଷ୍ଟାଗ୍ରାମ ମାଧ୍ୟମରେ ଜଣାଇଛନ୍ତି।

# ଗାନ୍ଧିଜୀ ଓ ଗାଈଆଳ ପିଲା

ସାଧାରଣତଃ ବଡ଼ ବଡ଼ ଲୋକମାନଙ୍କ ମନ ବିଶାଳ ହୋଇଥାଏ। ସେଥିରେ ଛୋଟ ବଡ଼ ଧନୀ ଗରିବ ଭେଦଭାବ ନ ଥାଏ। ଏଣୁ ସେମାନେ ସମସ୍ତଙ୍କୁ ସମାନ ଭାବରେ ଗ୍ରହଣ କରନ୍ତି। ଏହି ମହତ୍ ଗୁଣ ଯୋଗୁଁ ସମାଜର ସବୁ ଶ୍ରେଣୀର ଲୋକମାନଙ୍କ ପାଖରେ ସେମାନେ ମହାନ୍ ଭାବେ ପରିଚିତ ହୋଇଥାନ୍ତି। ଏହିପରି ଜଣେ ହେଲେ ଆମ ଜାତିର ପିତା ମହାତ୍ମା ଗାନ୍ଧୀ। ତାଙ୍କ ଜୀବନର ଅନେକ ଛୋଟ ଛୋଟ ଘଟଣାରୁ ତାଙ୍କ ମହାନତାର ପରିଚୟ ମିଳିଥାଏ।

ସ୍ୱାଧୀନତା ପୂର୍ବ ସମୟର କଥା। ଗାନ୍ଧିଜୀ ସେତେବେଳେ ସାବରମତୀ ଆଶ୍ରମରେ ରହୁଥାନ୍ତି। ଥରେ ସୂର୍ଯ୍ୟାସ୍ତ ସମୟରେ ସେ ବୁଲିବାକୁ ବାହାରିଲେ। ହାତରେ ତାଙ୍କର ଠେଙ୍ଗା, ଆଖିରେ ଚଷମା ଓ ମୁଣ୍ଡରେ ଗାନ୍ଧୀ ଟୋପି ଥାଏ। ସେହି ସମୟରେ ତାଙ୍କ ବିପରୀତ ଦିଗରୁ ଗାଈଆଳ ପିଲାଟିଏ ତା'ର ଗାଈମାନଙ୍କୁ ନେଇ ଫେରୁଥାଏ। ଗାନ୍ଧିଜୀଙ୍କ ହାତରେ ବାଡ଼ି ଓ ଆଖିରେ ଚଷମା ଦେଖି ଗାଈମାନେ ତରକି ଯାଇ ଏଣେ ତେଣେ ଧାଇଁବାକୁ ଲାଗିଲେ। ଗାଈଆଳ ପିଲାଟି ଗାନ୍ଧିଜୀଙ୍କୁ ଚିହ୍ନି ନ ଥାଏ। ତେଣୁ ସେ ତାଙ୍କ ଉପରେ ବିରକ୍ତ ହୋଇ କହିଲା ତୁମେ ବୁଢା ଲୋକଟିଏ ହେଲଣି, ଏତିକି ଜାଣି ପାରୁନ ଯେ, ତୁମ ବାଡ଼ି ଓ ଚଷମା ଦେଖି ମୋ ଗାଈମାନେ ତରକି ଯିବେ ବୋଲି। ଟିକେ ଆଡ଼ ହୋଇ ଯାଇଥିଲେ ହୋଇ ନ ଥାନ୍ତା।



ତା କଥା ଶୁଣି ଗାନ୍ଧିଜୀ ଟିକେ ହସି ଦେଇ ନିଜେ ଗାଈମାନଙ୍କୁ ଘେରିବାକୁ ଲାଗିଲେ ଏବଂ ପିଲାଟିକୁ କହିଲେ– 'ମୁଁ ପରା ବୁଢା ମଣିଷ। ଏଣୁ ଏକଥା ଜାଣି ପାରିଲିନି। ସେ ଯାହା ହେଉ ମୋ ଅସାବଧାନତା ହେତୁ ତୁମକୁ ହଇରାଣ ହେବାକୁ ପଡ଼ିଲା। ଏଣୁ ମୁଁ ଭୁଲ୍ ମାଗୁଛି। ମୋତେ କ୍ଷମା କରିଦିଅ।'

ଏତିକିବେଳେ ପୁଅକୁ ଖୋଜି ଖୋଜି ପିଲାଟିର ବାପା ଆସି ସେଠାରେ ପହଞ୍ଚିଲେ। ଗାନ୍ଧିଜୀଙ୍କୁ ସେ ଚିହ୍ନିଥିଲେ। ପୁଅ ସହିତ ତାଙ୍କର ଏଭଳି କଥାବାର୍ତ୍ତା ଶୁଣିବା ପରେ ତାଙ୍କ ବୁଦ୍ଧି ହଜିଗଲା। ସଙ୍ଗେ ସଙ୍ଗେ ପୁଅକୁ ସାଥୀରେ ଧରି ତାଙ୍କ ପାଦତଳେ ପଡ଼ି କ୍ଷମା ମାଗିଲେ। କିନ୍ତୁ ଗାନ୍ଧିଜୀ ତାଙ୍କୁ ତଳୁ ଉଠାଇ କହିଲେ–'ଏଥିରେ ତୁମ ପୁଅର ଭୁଲ୍ କିଛି ନାହିଁ। ଭୁଲ୍ ମୋର। କାରଣ ମୋର ଗାଈପଲ ଭିତରେ ପଶିବାର ନ ଥିଲା।'

ଏକଥା ଶୁଣି ଲୋକଟିର ପାଟିରୁ ଭାଷା ବାହାରିଲା ନାହିଁ। ସେ ଆଉଥରେ ଗାନ୍ଧିଜୀଙ୍କୁ ପ୍ରଣାମ କରି ପୁଅ ସାଥୀରେ ଗାଈପଲ ଧରି ସେଠାରୁ ଫେରିବାକୁ ଲାଗିଲା। ଗଲାବେଳେ ସେ ମନେ ମନେ କହୁଥିଲେ ତୁମେ ସତରେ ମଣିଷ ରୂପରେ ଜନମ ନେଇଥିବା ଜଣେ ଦେବତା।"

**–କନକଲତା ପରିଡ଼ା**
ଉଷା ନିବାସ, ୧୨୪–୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର

## ତୁମ ତୂଳୀରୁ





**ଅନନ୍ୟା ରୁପାଲି ତ୍ରିପାଠୀ**
କ୍ଲାସ–୫, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି





**ରଣଜିତ୍ ସ୍ୱାଇଁ**
କ୍ଲାସ–୭, ଶ୍ୟାମସୁନ୍ଦର ହାଇସ୍କୁଲ, ଔରଙ୍ଗାବାଦ, ଯାଜପୁର





**ଆଦ୍ୟାଶା ସିଂହ ସାମନ୍ତ**
କ୍ଲାସ–୮, ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ସେପ୍ଟେମ୍ବର ୨୬/୨୦୨୦ Saturday, September 26/2020

# ଦିଲ୍ଲୀ କ୍ୟାପିଟାଲ୍ସର ଦ୍ୱିତୀୟ ବିଜୟ

ଦୁବାଇ, ୨୫।୯

ଯୁବ ଓପନର ପୃଥ୍ୱୀ ଶ'ଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସଙ୍କୁ ୪୪ ରନରେ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ୧୭୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଚେନ୍ନାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୩୧ ରନ କରିପାରିଥିଲା। ଚଳିତ ଆଇପିଏଲ୍‌ରେ ୩ ମ୍ୟାଚରୁ ଚେନ୍ନାଇର ଏହା ଦ୍ୱିତୀୟ ପରାଜୟ। ଉଦ୍‌ଘାଟନୀ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇବା ପରେ ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ସୁପର ଓଭରରେ ହରାଇଥିବା ଦିଲ୍ଲୀ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି।

ସୁପରକିଙ୍ଗ୍ସ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ ହେଁ ନିୟମିତ ବ୍ୟବଧାନରେ ଉଇକେଟ ହରାଇବାରୁ ବିପଦରେ ପଡ଼ିଥିଲା। ଦୁଇ ଓପନର ଶେନ ୱାଟସନ ୧୪(୧୬ ବଲ, ୧ ଚୌକା, ୧ ଛକା) ଓ ମୁରଲୀ ବିଜୟ ୧୦(୧୫ ବଲ, ୧ ଚୌକା) ରନ କରିଥିବାବେଳେ ଯୁବ ବ୍ୟାଟ୍ସମ୍ୟାନ ଋତୁରାଜ ଗାଏକ୍ୱାଡ ୫ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ ହୋଇ ଯାଇଥିଲେ। ଫଳରେ ୯.୧ ଓଭରରେ ୪୪ ରନରେ ଦଳ ୩ଟି ଉଇକେଟ ହରାଇଥିଲା। ଫାଫ୍ ଡୁପ୍ଲେସି ଓ କେଦାର ଯାଦବ ଇନିଂସକୁ ଆଗେଇ ନେବାକୁ ପ୍ରଚେଷ୍ଟା କରିଥିଲେ। ୪ର୍ଥ ଉଇକେଟରେ ୫୪ ରନର ଭାଗୀଦାରି ପରେ କେଦାରଙ୍କୁ ଆଉଟ କରିଥିଲେ ଏନରିଚ୍ ନର୍ଜେ। ୨୧ଟି ବଲ୍ ଖେଳିଥିବା କେଦାର ୩ ଚୌକା ସହ ୨୬ ରନ ସ୍କୋର କରିଥିଲେ। ଆବଶ୍ୟକ ରନହାର କ୍ରମେ ବଢ଼ି ଚାଲିଥିବାରୁ ଡୁପ୍ଲେସି ଓ ମହେନ୍ଦ୍ର ସିଂ ଧୋନୀ ବଡ଼ ଶଟ୍ ଖେଳିବାକୁ ଉଦ୍ୟମ କରିଥିଲେ। ଡୁପ୍ଲେସି ୩୫ ବଲ୍‌ରୁ ୪୩(୪ ଚୌକା) ରନ କରି ଆଉଟ ହେବାରୁ ଚେନ୍ନାଇର ବିଜୟ ଆଶା ମଉଳି ଯାଇଥିଲା। ଡେଥ୍ ଓଭରରେ ନର୍ଜେ ଓ କାଗିଶୋ ରାବାଡ଼ା ଟାଇଟ୍ ବୋଲିଂ କରିବାରୁ ଚେନ୍ନାଇ ଇନିଂସ ୧୩୧ରେ ସୀମିତ ରହି ଯାଇଥିଲା। ଧୋନୀ ୧୨ ବଲ୍‌ରୁ ୧୫ ଓ ରବୀନ୍ଦ୍ର ଜାଡେଜା ୯ ବଲ୍‌ରୁ ୧୨ ରନ କରି ଆଉଟ ହୋଇଥିଲେ। ଦିଲ୍ଲୀ ପକ୍ଷରୁ ରାବାଡ଼ା ୩ଟି, ନର୍ଜେ ୨ଟି ଏବଂ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ଚେନ୍ନାଇ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ହେଁ ଦଳର ବୋଲରମାନେ ପ୍ରାରମ୍ଭିକ ସଫଳତା ଦେବାରେ ସକ୍ଷମ ହୋଇ ନ ଥିଲେ। ଦିଲ୍ଲୀ ଦଳର ପୃଥ୍ୱୀ ଶ' ଓ ଶିଖର ଧାୱନ ଓପନିଂ ଯୋଡ଼ିରେ ୬୪ ବଲ୍‌ରୁ ୯୪ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପଥ ପରିଷ୍କାର କରିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ଯୁବ ବ୍ୟାଟ୍ସମ୍ୟାନ ପୃଥ୍ୱୀ। ଧାୱନ ୨୭ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୩୫ ରନ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ। ଧାୱନଙ୍କୁ ଏଲବିଡବ୍ଲ୍ୟୁ କରି ଚେନ୍ନାଇକୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ ପୀୟୂଷ ଚାୱଲା। ଆଇପିଏଲରେ ନିଜ ୫ମ ଅର୍ଦ୍ଧଶତକ ହାସଲ କରିଥିଲେ ପୃଥ୍ୱୀ। ଦିଲ୍ଲୀ ୧୧.୪ ଓଭରରେ ୧ ଉଇକେଟ ହରାଇ ୧୦୦ ରନ ପୂରଣ କରିଥିଲା। ଚାୱଲା ନିଜ ପରବର୍ତ୍ତୀ ଓଭରରେ ପୃଥ୍ୱୀଙ୍କୁ ଶଟ୍ ମାରିବାର ଲାଳସା ଦେଖାଇ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଷ୍ଟମ୍ପିଂ କରି ଦେଇଥିଲେ। ୩୫ ବଲ୍‌ରୁ ୫୦ ରନ ପୂରଣ କରିଥିବା ପୃଥ୍ୱୀ ମୋଟ ୪୩ଟି ବଲ୍ ଖେଳି ୯ ଚୌକା ଓ ୧ ଛକା ସହାୟତାରେ ୬୪ ରନ ସଂଗ୍ରହ କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ପରେ ରିଷଭ ପନ୍ତ ଓ ଅଧିନାୟକ ଶ୍ରେୟାସ ଆୟାର କ୍ରିଜ୍‌ରେ କିଛି ସମୟ ରହିଥିଲେ ହେଁ ରନହାର ଅପେକ୍ଷାକୃତ ଧିମେଇ ଯାଇଥିଲା। ଡେଥ୍ ଓଭରରେ ଚମତ୍କାର ବୋଲିଂ କରି ସାମ୍ କୁରାନ ୧୯ତମ ଓଭରରେ ଆୟାରଙ୍କ ଉଇକେଟ ନେବା ସହିତ ମାତ୍ର ୪ ରନ ବ୍ୟୟ କରିଥିଲେ। ୨୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଆୟାର ୧ ଚୌକା ସହାୟତାରେ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ଶେଷ ଓଭର ବୋଲିଂ କରିଥିବା ଜୋଶ୍ ହାଜେଲଉଡ୍ ୧୪ ରନ ବ୍ୟୟ କରିବାରୁ ମୁମ୍ବାଇ ୨୦ ଓଭରରେ ୩ ଉଇକେଟ ହରାଇ ୧୭୫ ରନ କରି ପାରିଥିଲା। ୨୫ ବଲ୍ ଖେଳିଥିବା ପନ୍ତ ୫ ଚୌକା ସହାୟତାରେ ୩୭ ଓ ମାର୍କୁସ ଷ୍ଟୋଇନିସ ୩ ବଲ୍‌ରୁ ୧ ଚୌକା ସହ ୫ରନ କରି ଅପରାଜିତ ରହିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଚାୱଲା ୨ଟି ଓ ସାମ୍ କୁରାନ ଗୋଟିଏ ଉଇକେଟ ପାଇଥିଲେ।


ଅର୍ଦ୍ଧଶତକ ହାସଲ ଅବସରରେ ପୃଥ୍ୱୀ ଶ'।


ଚେନ୍ନାଇକୁ ବ୍ରେକ୍ ଥ୍ରୁ ଦେବା ପରେ ପୀୟୂଷ ଚାୱଲାଙ୍କ ପ୍ରତିକ୍ରିୟା।

## ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୫/୩(ପୃଥ୍ୱୀ-୬୪, ରିଷଭ-୩୭*, ଧାୱନ-୩୫, ଆୟାର-୨୬, ଚାୱଲା-୨/୩୩, କୁରାନ-୧/୨୭)। ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୩୧/୭ (ଡୁପ୍ଲେସି- ୪୩ , କେଦାର- ୨୬, ୱାଟସନ- ୧୪, ଧୋନୀ- ୧୫, ଜାଡେଜା- ୧୨, ଅକ୍ଷର-୧/ ୧୮, ନର୍ଜେ- ୨/୨୧, ରାବାଡ଼ା- ୩/୨୬ )।

**ପୃଥ୍ୱୀ ଶ'**
**ମ୍ୟାନ୍ ଅଫ୍ ଦି ମ୍ୟାଚ୍**

# ଫ୍ରେଞ୍ଚ୍ ଓପନ: ଦୈନିକ ୧ ହଜାର ଦର୍ଶକଙ୍କୁ ଅନୁମତି

**ପ୍ୟାରିସ, ୨୫।୯ (ଏପି):** ପ୍ୟାରିସ୍‌ରେ କରୋନା ଭାଇରସ୍ ମହାମାରୀ ଅବସ୍ଥା ବିଗିଡ଼ିବାରେ ଲାଗିଛି। ଏଥିପାଇଁ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ଦୈନିକ ଦର୍ଶକଙ୍କ ସଂଖ୍ୟା ବାରମ୍ବାର କାଟଛାଣ୍ଟ କରାଯାଇ ଶେଷରେ ୧,୦୦୦ରେ ସୀମିତ ରଖାଯାଇଛି। ଷ୍ଟାଡିୟମରେ ଦୈନିକ ଦର୍ଶକ ସଂଖ୍ୟା ୫,୦୦୦ରୁ ହ୍ରାସ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଜିନ୍ କାଷ୍ଟେକ୍ସ ଗୁରୁବାର ଘୋଷଣା କରିଥିଲେ। ଶୁକ୍ରବାର ତାଙ୍କ କାର୍ଯ୍ୟାଳୟ ତରଫରୁ ସ୍ପଷ୍ଟ କରାଯାଇଛି ଯେ, କେବଳ ଦର୍ଶକଙ୍କ ସଂଖ୍ୟା କମାଇ ଦିଆଯାଇଛି। ଖେଳାଳି, କୋଚ୍, ଆୟୋଜକ ଏବଂ ରୋଲାଣ୍ଡ ଗ୍ୟାରୋସରେ କାର୍ଯ୍ୟରତ ଅନ୍ୟମାନଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏହି ନିଷ୍ପତ୍ତି ନିଶ୍ଚିତରୂପେ ବଡ଼ ଧକ୍କା ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗଏ ଫର୍ଗେଟ୍ ପ୍ରକାଶ କରିଛନ୍ତି। ୩ ସପ୍ତାହ ପୂର୍ବେ ଏଥର ଟୁର୍ନାମେଣ୍ଟରେ ଦୈନିକ ଦର୍ଶକଙ୍କ ସଂଖ୍ୟା ୧୧,୫୦୦ ଭିତରେ ସୀମିତ ରଖାଯିବ ବୋଲି ସ୍ଥିର କରାଯାଇଥିଲା। ଦର୍ଶକଙ୍କୁ ତିନୋଟି କୋର୍ଟରେ ବାଣ୍ଟି ଦିଆଯିବା ଲାଗି ସ୍ଥିର ହୋଇଥିଲା।

# ବାର୍ସିଲୋନାକୁ ମେସିଙ୍କ ସମାଲୋଚନା

**ବାର୍ସିଲୋନା, ୨୫।୯ (ଏପି):** ଲୁଇସ୍ ସୁଆରେଜଙ୍କୁ ଆଟ୍‌ଲେଟିକୋ ମାଡ୍ରିଡ୍‌କୁ ବଦଳି କରାଯିବା ନିଷ୍ପତ୍ତିରେ ଆର୍ଜେଣ୍ଟିନାର ଷ୍ଟାର ଫୁଟ୍‌ବଲର ତାଙ୍କ କ୍ଲବ ବାର୍ସିଲୋନାକୁ ସମାଲୋଚନା କରିଛନ୍ତି। ଉରୁଗୁଏ ଷ୍ଟ୍ରାଇକର ହେଉଛନ୍ତି ମେସିଙ୍କର କେବଳ ଟିମ୍‌ମେଟ୍ ନୁହେଁ ବରଂ ଜଣେ ଅନ୍ତରଙ୍ଗ ବନ୍ଧୁ ଥିଲେ। ସୁଆରେଜ କ୍ଲବ ଇତିହାସରେ ଜଣେ ଅନ୍ୟତମ ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଥିଲେ। ଏପରି ସ୍ଥଳେ ସେ କ୍ଲବ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଅଗଷ୍ଟରେ ଚାମ୍ପିୟନ୍ସ ଲିଗ୍‌ର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ବେୟର୍ନ ମ୍ୟୁନିକ୍ ନିକଟରୁ ୮-୨ରେ ଲଜ୍ଜାଜନକ ପରାଜୟ ପରେ ବାର୍ସିଲୋନାର ନୂଆ କୋଚ୍ ରୋନାଲ୍ଡ କୋମ୍ୟାନ ଦଳର ପୁନର୍ଗଠନ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ଯୋଜନାରେ ୩୩ ବର୍ଷୀୟ ସୁଆରେଜଙ୍କୁ ରଖି ନ ଥିବା ସୂଚନା ପାଇବା ପରେ ଉରୁଗୁଏ ଷ୍ଟ୍ରାଇକର ନୂଆ କ୍ଲବ ସନ୍ଧାନରେ ଥିଲେ।

# ଆଫଗାନିସ୍ତାନ ଟେଷ୍ଟ, ନ୍ୟୁଜିଲାଣ୍ଡ ଦିନିକିଆ ସ୍ଥଗିତ

**ମେଲବୋର୍ନ, ୨୫।୯ (ପି.ଟି.):** ସମଗ୍ର ବିଶ୍ୱରେ କରୋନା ଭାଇରସ୍‌ର ବ୍ୟାପକତା ଦୃଷ୍ଟିରୁ ବର୍ତ୍ତମାନ ପରିସ୍ଥିତିରେ ଅଧିକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବା ସହଜ ନୁହେଁ। ଏହି ଦୃଷ୍ଟିରୁ ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଏକ ମାତ୍ର ଟେଷ୍ଟ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜକୁ ସ୍ଥଗିତ ରଖିଛି କ୍ରିକେଟ ଅଷ୍ଟ୍ରେଲିଆ (ସିଏ)। ଚଳିତ ବର୍ଷ ନଭେମ୍ବରରେ ପର୍ଥଠାରେ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳିଥାନ୍ତା ଅଷ୍ଟ୍ରେଲିଆ। ନ୍ୟୁଜିଲାଣ୍ଡ ଦଳ ୨୦୨୧ ଜାନୁୟାରୀରେ ପହଞ୍ଚିଥାନ୍ତା। କିନ୍ତୁ ଏହି ଦୁଇଟି ଖେଳକୁ ଆସନ୍ତା ଗ୍ରୀଷ୍ମଋତୁ (୨୦୨୧-୨୨) ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ଚଳିତ ବର୍ଷ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍‌କୁ ସ୍ଥଗିତ ରଖିବାକୁ ପଡ଼ିଛି। କୋଭିଡ୍-୧୯ ମହାମାରୀ କଟକଣା କୋହଳ ହେବାପରେ ଆଫଗାନିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଆୟେଜନ ପାଇଁ ଦିନ ଧାର୍ଯ୍ୟ ହେବ ବୋଲି କ୍ରିକେଟ ଅଷ୍ଟ୍ରେଲିଆର କାମଚଳା କାର୍ଯ୍ୟନିର୍ବାହୀ ଅଧିକାରୀ ନିକ୍ ହକ୍‌ଲେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୟୁଏଇରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ନଭେମ୍ବର ୧୦ରେ ଶେଷ ହେବ।

# କୋହଲିଙ୍କୁ ୧୨ ଲକ୍ଷ ଜରିମାନା



**ଦୁବାଇ,୨୫।୯(ପି.ଟି.):** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ତାଙ୍କ ଦଳ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର କିଙ୍ଗ୍ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ମନ୍ଥର ବୋଲିଂ କରିଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ମ୍ୟାଚ୍‌ରେ ବାଙ୍ଗାଲୋର ୯୭ ରନରେ ପରାସ୍ତ ହୋଇଥିଲା। ଚଳିତ ସେସନ୍‌ରେ ଦଳ ପ୍ରଥମଥର ପାଇଁ ଏଭଳି ତ୍ରୁଟି କରିଥିବାରୁ ଆଇପିଏଲ୍ ଆଚରଣ ବିଧି ଅନୁସାରେ ୧୨ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିବା କୁହାଯାଇଛି। କୋହଲି ଏହି ମ୍ୟାଚ୍‌ରେ ସାଂଘାତିକ ଭାବେ ବିଫଳ ହୋଇଥିଲେ। ସେ ଦୁଇଟି ସହଜ କ୍ୟାଚ୍ ହାତଛଡ଼ା କରିଥିଲେ ଓ ବ୍ୟାଟିଂରେ ମଧ୍ୟ ବିଫଳ ହୋଇଥିଲେ। ପଞ୍ଜାବ ଅଧିନାୟକ ଲୋକେଶ ରାହୁଲ ୮୩ ଓ ୮୯ ରନ କରିଥିବା କୋହଲି ତାଙ୍କ କ୍ୟାଚ୍ ମିସ୍ କରିଥିଲେ। ଫଳରେ ରାହୁଲ ୬୯ ବଲର ସମ୍ମୁଖୀନ ହୋଇ ୧୩୨ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ଏହା ଯେକୌଣସି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ସର୍ବାଧିକ ଆଇପିଏଲ୍ ସ୍କୋର ସାବ୍ୟସ୍ତ ହୋଇଛି।

# ଗୁର୍‌ପ୍ରୀତ୍, ସଞ୍ଜୁ ପ୍ଲେୟର ଅଫ୍ ଦି ଇୟର

ନୂଆଦିଲ୍ଲୀ, ୨୫।୯ (ପି.ଟି.)

ସିଜନ ୨୦୧୯-୨୦ ପାଇଁ ଭାରତୀୟ ପୁରୁଷ ଦଳ ଗୋଲକିପର ଗୁର୍‌ପ୍ରୀତ୍ ସିଂ ସାନ୍ଧୁ ଏବଂ ମହିଳା ଦଳ ମିଡ୍‌ଫିଲ୍ଡର ସଞ୍ଜୁ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଶୁକ୍ରବାର ଘୋଷଣା କରିଛି। ଗୁରପ୍ରୀତ୍ ପ୍ରଥମ ଥର ପାଇଁ ଏହି ପୁରସ୍କାର ଲାଭ କରିଛନ୍ତି। ୨୦୦୯ରେ ସୁବ୍ରତ ପଲ୍‌ଙ୍କ ପରେ ଏଆଇଏଫ୍ଏଫ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିବାରେ ସେ ଦ୍ୱିତୀୟ ଗୋଲକିପର। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଏବଂ ଆଇ-ଲିଗ୍ କ୍ଲବ କୋଚ୍‌ମାନଙ୍କ ଭୋଟ୍ ଭିତ୍ତିରେ ଗୁରପ୍ରୀତ ପୁରସ୍କାର ଲାଭ କରିବା ଲାଗି ବିବେଚିତ ହୋଇଥିଲେ। ଗୁର୍‌ପ୍ରୀତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଛେତ୍ରୀ ଭାଇ (ସୁନୀଲ ଛେତ୍ରୀ) ଏହି ପୁରସ୍କାର ଅନେକଥର ଜିତିଛନ୍ତି। ତାଙ୍କୁ ଏହି ପୁରସ୍କାର ମିଳିବାର ସୌଭାଗ୍ୟ କେବେ ମିଳିବ ସେଥିପାଇଁ ତାଙ୍କ ମନରେ ଉତ୍କଣ୍ଠା ରହିଥିଲା। ଏହି ପୁରସ୍କାର ଜିତିବା କ୍ଷେତ୍ରରେ ଏଆଇଏଫ୍ଏଫ୍ ସମେତ ଯେଉଁମାନଙ୍କର ଭୂମିକା ରହିଛି, ସେମାନଙ୍କୁ ସେ ଧନ୍ୟବାଦ ଦେବାକୁ ଚାହିଁବେ। ଦୋହାଠାରେ ଏସିଆନ ଚାମ୍ପିୟନ କାତାର ବିପକ୍ଷ ମ୍ୟାଚ ଡ୍ର ରଖିବାରେ ଗୁର୍‌ପ୍ରୀତଙ୍କର ବିଶେଷ ଭୂମିକା ରହିଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ଗତ ଇଣ୍ଡିଆନ ସୁପର ଲିଗ୍ ସଂସ୍କରଣରେ ସେ ଗୋଲଡେନ୍ ଗ୍ଲୋଭ୍ ଜିତିଥିଲେ। ୨୮ବର୍ଷୀୟ ଏହି ଗୋଲ୍‌କିପର ଗତବର୍ଷ ଅର୍ଜୁନ ପୁରସ୍କାର ଲାଭ କରିଥିଲେ। ଅନ୍ୟପକ୍ଷରେ ଗତ ସିଜନରେ ଉଚ୍ଚକୋଟିର ପ୍ରଦର୍ଶନ ପାଇଁ ଜାତୀୟ ମହିଳା ଦଳ ମିଡ୍‌ଫିଲ୍ଡର ସଞ୍ଜୁ ଏଥର ପୁରସ୍କାର ପାଇବା ପାଇଁ ହକ୍‌ଦାର ହୋଇଛନ୍ତି। ରତ୍ନବାଳା ଦେବୀ ୨୦୧୯-୨୦ ବର୍ଷର ଇମର୍ଜିଂ ଓମେନ୍ସ ଫୁଟ୍‌ବଲର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ଏଆଇଏଫ୍ଏଫ୍ ବୈଷୟିକ ନିର୍ଦ୍ଦେଶକ ଇସାକ୍ ଦୋରୁଙ୍କ ସହ ପରାମର୍ଶ ପରେ ମୁଖ୍ୟ କୋଚ୍ ମେମୋଲ୍ ରକି ଉଭୟ ବିଜେତାଙ୍କୁ ମନୋନୀତ କରିଥିଲେ। ସଞ୍ଜୁ କହିଛନ୍ତି, ବ୍ୟକ୍ତିଗତ ଦୃଷ୍ଟିରୁ ମୋ ପାଇଁ ଏହା ଏକ ବଡ଼ ମାଇଲଖୁଣ୍ଟ। ଗତ କିଛିବର୍ଷ ହେଲା ମୁଁ ଯେଉଁ କଠିନ ପରିଶ୍ରମ କରି ଆସିଛି ଏହା ହେଉଛି ତାହାର ଏକ ପ୍ରମାଣ।



ଗୁରପ୍ରୀତ୍ ସିଂ ସାନ୍ଧୁ ଓ ସଞ୍ଜୁ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ